# ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ମେ ୨୪ /୨୦୧୯ (୧୬ ପୃଷ୍ଠା) Rayagada, Friday, May 24 / 2019 ★

୯ମ ଭାଗ ୧୦୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**'ସତ୍ୟମେବ ଜୟତେ-୨'ରେ ଦିବ୍ୟା**


ଜନ୍ ଆବ୍ରାହମ୍‌ଙ୍କ ଅଭିନୀତ 'ସତ୍ୟମେବ ଜୟତେ'ର ଦ୍ୱିତୀୟ ଭାଗରେ ଅଭିନୟ କରିବାକୁ ଯାଉଛନ୍ତି ଦିବ୍ୟା ଖୋସ୍‌ଲା କୁମାର।

୦୪

୧୫

**ବାତ୍ରା ଆଇଓସି ସଦସ୍ୟ ମନୋନୀତ**

ଭାରତୀୟ ଅଲିମ୍ପିକ ଆସୋସିଏସନ ଏବଂ ଅନ୍ତର୍ଜାତୀୟ ହକି ମହାସଂଘ ସଭାପତି ନରିନ୍ଦର ବାତ୍ରା ଆଇଓସି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।



# ନିରଙ୍କୁଶ ନରେନ୍ଦ୍ର

## ଇନ୍ଦିରାଙ୍କ ପରେ ପୂର୍ଣ୍ଣ ବହୁମତ ପାଇ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି ମୋଦି



୩୫୭ ଏନ୍‌ଡିଏ

୮୮ ୟୁପିଏ

୯୭ ଅନ୍ୟାନ୍ୟ

- ଭାଜପା ୩୦୬
- କଂଗ୍ରେସ ୫୮
- ଫସର ଫାଟିଲା ବିରୋଧୀଙ୍କ ମେଣ୍ଟ ସରକାର ଗଠନ ଯୋଜନା
- ଭାଜପା ମୁଖ୍ୟାଳୟରେ ଉତ୍ସବ, ବିରୋଧୀ ଶିବିରରେ ନୈରାଶ୍ୟ

**ଓଡ଼ିଶା(୨୧)**

| | |
|---|---|
| ବିଜେଡି | ୧୩ |
| ଭାଜପା | ୮ |

(ରାତି ୧୧ଟା ସୁଦ୍ଧା ବିଜୟୀ ଓ ଅଗ୍ରଣୀ)

"ବିଜୟର ଶ୍ରେୟ ଦେଶବାସୀଙ୍କୁ ଦେଉଛି। ଦେଶର କୃଷକ ଏବଂ ମଧ୍ୟବର୍ଗଙ୍କ ଉଦ୍ୟମ ଓ ସେମାନଙ୍କ ଉତ୍ତରଦାୟିତ୍ୱ ଦେଶକୁ ଆଜି ଆଗେଇ ନେଇଛି। ଦେଶବାସୀଙ୍କ ଲାଗି ପ୍ରତିଟି ମୁହୂର୍ତ୍ତ ମୁଁ ସମର୍ପଣ କରିବାକୁ ପ୍ରତିଜ୍ଞା କରୁଛି।


- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୩ା୫**

କଳ୍ପନାଜଳ୍ପନାର ଅନ୍ତ ଘଟିଛି। ୨୦୧୯ ସାଧାରଣ ନିର୍ବାଚନର ଫଳାଫଳକୁ ନେଇ ଅଧିକାଂଶ ଏକ୍‌ଜିଟ୍ ପୋଲ୍‌ର ପୂର୍ବାନୁମାନ ସତ ହୋଇଛି। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ପୁଣିଥରେ କ୍ଷମତାସୀନ ହେବାକୁ ଯାଉଛି। ଭାଜପା ୩୦୬ ଆସନ ଦଖଲ କରିଥିବାବେଳେ ଏନ୍‌ଡିଏକୁ ୩୫୭ ଆସନରେ ସଫଳତା ମିଳିଛି। କଂଗ୍ରେସକୁ ୫୮ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ଏହି ଦଳ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ୮୮ ଆସନରେ ସୀମିତ ରହିଛି। ସେହିପରି ଉଭୟ ଏନ୍‌ଡିଏ ଏବଂ ଉପାରେ ସାମିଲ ନ ଥିବା ଆଞ୍ଚଳିକ ସମେତ ଜାତୀୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୯୭ ଆସନରେ ବିଜୟୀ ହୋଇଛନ୍ତି। ଏହି ବହୁପ୍ରତୀକ୍ଷିତ ଜନାଦେଶ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଇତିହାସ(୧୯୭୧)କୁ ଦୋହରାଇ ଦ୍ୱିତୀୟ ଥର ପାଇଁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି କ୍ଷମତାର ଶୀର୍ଷ ଆସନ ଅଳଙ୍କୃତ କରିବାକୁ ଯାଉଛନ୍ତି। ଦେଶରେ ୪୮ ବର୍ଷ ପରେ ପୂର୍ଣ୍ଣ ବହୁମତ ସହ କ୍ଷମତାକୁ ଫେରିବାରେ ମୋଦି ହେଉଛନ୍ତି ପ୍ରଥମ ନେତା। ଦେଶର ଅଧିକାଂଶ ସ୍ଥାନରେ ପଦ୍ମ ଫୁଟିବା ପରେ ଶାସକ ଦଳ ବିଜୟ ଉତ୍ସବ ମନାଉଥିବାବେଳେ ବିରୋଧୀ ଶିବିରରେ ନୈରାଶ୍ୟ ଖେଳିଯାଇଛି। ଏହାସହ ବିରୋଧୀ ଦଳଗୁଡ଼ିକର ମେଣ୍ଟ ସରକାର ଗଠନ ଉଦ୍ୟମ ଫସର ଫାଟିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପରାଜୟ ସ୍ୱୀକାର କରି ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିବାବେଳେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ବିଜୟର ଶ୍ରେୟ ମୋଦିଙ୍କ ନେତୃତ୍ୱକୁ ଦେବା ସହ ଦେଶବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ସାଧାରଣ ନିର୍ବାଚନ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ମର୍ଯ୍ୟାଦାର ପ୍ରଶ୍ନ ପାଲଟିଥିବାବେଳେ ☞ପୃଷ୍ଠା-୪

# ପଞ୍ଚମରେ ନବୀନ



୧୧୩

୨୨

୧୦

ଅନ୍ୟାନ୍ୟ ୧

- ଦୁଇଟି ଆସନରୁ ଜିତିଲେ ମୁଖ୍ୟମନ୍ତ୍ରୀ
- କଂଗ୍ରେସଠୁ ବିରୋଧୀ ଆସନ ଛଡ଼ାଇ ନେଲା ଭାଜପା
- ଗୈରିକ ଦଳର ୧୨୦ ମିଶନ ଫେଲ୍
- ହାରିଲେ ନିରଞ୍ଜନ, ଜିତିଲେ ସୁରେଶ ପୂଜାରୀ

**ଭୁବନେଶ୍ୱର, ୨୩ା୫(ବ୍ୟୁରୋ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପ୍ରତିଦ୍ୱନ୍ଦ୍ୱୀ। ଜଣେ ଅପରାଜେୟ ନେତା ଭାବେ ସେ ନିଜକୁ ପୁଣି ଥରେ ପ୍ରମାଣିତ କରିଛନ୍ତି। ପଞ୍ଚମ ଥର କ୍ଷମତାକୁ ଫେରି ରେକର୍ଡ ସୃଷ୍ଟି କରିଛନ୍ତି। ଦୀର୍ଘ ୧୯ ବର୍ଷ ଶାସନରେ ରହିବା ପରେ ମଧ୍ୟ ନବୀନଙ୍କ ଛବି ଅମଳିନ ରହିଛି। ପ୍ରଥମ ଥର ପାଇଁ ନବୀନ ତାଙ୍କର ପାରମ୍ପରିକ ଆସନ ହିଞ୍ଜିଳି ଓ ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରି ବହୁ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଚଳିତ ନିର୍ବାଚନରେ ବିଜୁ ଜନତା ଦଳ(ବିଜେଡି) ଉଭୟ ଲୋକ ସଭା ଓ ବିଧାନ ସଭା ଆସନରେ ଜବରଦସ୍ତ ବିଜୟ ହାସଲ କରି ପୁଣି ଥରେ ରାଜ୍ୟରେ ସରକାର ଗଢ଼ିବାକୁ ଯାଉଛି। ୨୦୧୪ ନିର୍ବାଚନ ତୁଳନାରେ ବିଜେଡିର ଭୋଟ ପ୍ରତିଶତ ହ୍ରାସ ପାଇଛି। ଗତ ନିର୍ବାଚନରେ ୨୧ଟି ଲୋକ ସଭା ଆସନରୁ ବିଜେଡିକୁ ୨୦ଟି ମିଳିଥିବା ବେଳେ ଚଳିତ ନିର୍ବାଚନରେ ୯ଟି ଆସନ ହରାଇବାକୁ ପଡ଼ିଛି। ସେହିପରି ବିଧାନସଭାରେ ଗତ ନିର୍ବାଚନରେ ବିଜେଡି ୧୧୭ଟି ଆସନ ହାତେଇବାରେ ସଫଳ ହୋଇଥିବା ବେଳେ ଚଳିତ ନିର୍ବାଚନରେ ୧୧୩ଟି ଆସନରେ ବିଜୟୀ ହୋଇଛି। ବିଧାନସଭାରେ ନିରଙ୍କୁଶ ସଂଖ୍ୟା ହାସଲ କରିବାରେ ସମର୍ଥ ହୋଇଛି।


- ହାରିଲେ ଚିରଞ୍ଜୀବ ବିଶ୍ୱାଳ, କେ.ଭି.ସିଂଦେଓ, ପ୍ରସନ୍ନ ଆଚାର୍ଯ୍ୟ, ମହେଶ୍ୱର ମହାନ୍ତି, ରବି ନନ୍ଦ, ଦେବାଶିଷ ସାମନ୍ତରାୟ, ଦାମୋଦର ରାଉତ

ଖବର ଲେଖା ହେବା ଯାଏ ବିଜେଡିର ଆସ୍କା ଲୋକସଭା ପ୍ରାର୍ଥୀ ପ୍ରମିଳା ବିଶୋୟୀ, ଯାଜପୁର ଲୋକସଭା ପ୍ରାର୍ଥୀ ଶର୍ମିଷ୍ଠା ସେଠୀ, ଜଗତସିଂହପୁର ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ, ସୁନ୍ଦରଗଡ ଲୋକସଭାର ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ବରଗଡ଼ ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ ବିଜୟୀ ହୋଇଛନ୍ତି। ସମୁଦାୟ ୨୧ଟି ଲୋକସଭା ଆସନରୁ ବିଜେଡି ୩ଟି ଆସନରେ ବିଜୟୀ ହୋଇଥିବା ବେଳେ ୯ଟି ଆସନରେ ଆଗୁଆ ରହିଥିଲା। ସେହିପରି ଭାଜପା ୨ଟି ଆସନରେ ବିଜୟୀ ହୋଇଥିବା ବେଳେ ୬ଟି ଆସନରେ ଆଗରେ ଚାଲିଛି। କଂଗ୍ରେସର ସପ୍ତଗିରୀ ଉଲାକା କୋରାପୁଟ ଲୋକ ସଭା ଆସନରୁ ଆଗରେ ଅଛନ୍ତି। ସେହିପରି ବିଧାନସଭାର ୧୪୬ଟି ଆସନରୁ ବିଜେଡି ୯୦ ଆସନରେ ବିଜୟୀ ହୋଇଥିବା ବେଳେ ୨୩ଟି ଆସନରେ ଆଗୁଆ ରହିଥିଲା। ସେହିପରି ଭାଜପା ୧୪ଟି ଆସନରେ ବିଜୟୀ ହୋଇଥିବା ବେଳେ ୮ଟି ଆସନରେ ଆଗୁଆ ରହିଛି। କଂଗ୍ରେସ ୪ଟି ଆସନରେ ଆଗୁଆ ରହିଥିବା ବେଳେ ୬ଟିରେ ବିଜୟୀ ହୋଇଛି। ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନରେ ଆଗରେ ରହିଛନ୍ତି। ତେବେ ଆହୁରି ଅନେକ ରାଉଣ୍ଡ ଗଣନା ବାକି ଥିବାରୁ ଫଳାଫଳ ମିଳିବାରେ ବିଳମ୍ବ ହେବା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତ ନିର୍ବାଚନରେ ବହୁ ହେଭିୱେଟ ନେତାଙ୍କୁ ପରାଜୟ ମୁହଁ ଦେଖିବାକୁ ପଡ଼ିଛି। ଭାଜପା ବିଧାୟକ ଦଳ ନେତା କେ.ଭି ସିଂଦେଓ, ରବି ନାରାୟଣ ନାଏକ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ରାଧାରାଣୀ ପଣ୍ଡା, ଦାମୋଦର ରାଉତ, ଗୋବିନ୍ଦ ଦାସ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡି ପ୍ରାର୍ଥୀଙ୍କ ଠାରୁ ☞ପୃଷ୍ଠା-୪


**ଆଜିର ସମ୍ବାଦକୀୟ**

**ବଜାରରୁ ସୂଚନା**





# ଅମେଠିରୁ ହାରିଲେ, ୱାୟନାଡରେ ଜିତିଲେ ରାହୁଲ

**ନୂଆଦିଲ୍ଲୀ, ୨୩ା୫**



ଚଳିତ ସାଧାରଣ ନିର୍ବାଚନରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉତ୍ତର ପ୍ରଦେଶର ଅମେଠି ଓ କେରଳର ୱାୟନାଡ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେବେ ଗୁରୁବାର ତାଙ୍କୁ ଶକ୍ତ ଧକ୍କା ଲାଗିଛି। ରାହୁଲଙ୍କ ପାରମ୍ପରିକ ଆସନ କୁହାଯାଉଥିବା ଅମେଠିରୁ ତାଙ୍କୁ ପରାଜୟ ବରଣ କରିବାକୁ ପଡ଼ିଛି। ଭାଜପାର ସ୍ମୃତି ଇରାନୀ ପ୍ରାୟ ୩୦ ହଜାର ଭୋଟରେ ରାହୁଲଙ୍କୁ ପରାଜିତ କରିଛନ୍ତି। ଅପର ପକ୍ଷରେ କେରଳର ୱାୟନାଡ ଆସନରୁ ରାହୁଲ ବିଜୟ ଲାଭ କରିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିପିଆଇର ପି.ପି. ସୁନୀରଙ୍କଠାରୁ ୪ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ବିଜୟ ଲାଭ କରିଛନ୍ତି। ନିର୍ବାଚନ ଫଳାଫଳ ଜଣାପଡ଼ିବା ପରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ରାହୁଲ ଚଳିତ ନିର୍ବାଚନର ଜନମତକୁ ସମ୍ମାନ ଜଣାଇବା ସହ ଭାଜପାର ବିଜୟ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହ ଅମେଠିରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିବା ଭାଜପା ନେତ୍ରୀ ସ୍ମୃତି ଇରାନୀଙ୍କୁ ମଧ୍ୟ ସେ ଅଭିନନ୍ଦନ ଜଣାଇଛନ୍ତି। ୨୦୧୪ରେ ରାହୁଲ ସ୍ମୃତି ଇରାନୀଙ୍କଠାରୁ ଲକ୍ଷାଧିକ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ପ୍ରକାଶଥାଉ କି, ପରାଜୟ ଭୟରେ ରାହୁଲ ୱାୟନାଡ ଆସନରୁ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ପୂର୍ବରୁ ସ୍ମୃତି ଅଭିଯୋଗ ଆଣିଥିଲେ।




# ବିଜୟ ପରେ ପରସ୍ପରକୁ ଅଭିନନ୍ଦନ

**ଭୁବନେଶ୍ୱର, ୨୩ା୫(ବ୍ୟୁରୋ)**

ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିତୀୟଥର ନିର୍ବାଚିତ ହୋଇଛନ୍ତି। ଅନୁରୂପଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୫ମ ଥର ପାଇଁ ବିଜୟୀ ହୋଇଛନ୍ତି। ରାଜ୍ୟର ବିଧାନସଭା ଆସନଗୁଡ଼ିକରେ ବିଜେଡି ଉତ୍ତମ ପ୍ରଦର୍ଶନ କରିଛି। ନବୀନଙ୍କ ଏହି ସଫଳତାକୁ ନେଇ ଚାରିଆଡୁ ଧନ୍ୟବାଦର ସୁଅ ଛୁଟୁଛି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ପ୍ରଥମେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟୁଇଟ୍ ମାଧ୍ୟମରେ ମୋଦି କହିଛନ୍ତି ଯେ, ଓଡ଼ିଶାରେ ପୁଣିଥରେ ବିଜୟ ପାଇଁ ନବୀନବାବୁଙ୍କୁ ଅଭିନନ୍ଦନ। ଆଗାମୀ ଶାସନକାଳ ପାଇଁ ତାଙ୍କୁ ଅଜସ୍ର ଶୁଭେଚ୍ଛା। ପ୍ରଧାନମନ୍ତ୍ରୀ ଉଭୟ ଓଡ଼ିଆ ଏବଂ ଇଂଲିଶରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଟୁଇଟ୍‌ର କିଛିସମୟ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସହ ଫୋନ୍‌ରେ କଥା ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ କୁହାଯାଇଛି। କେନ୍ଦ୍ରରେ ଲଗାତର ଦ୍ୱିତୀୟ ଥର ପାଇଁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଗଠନ ହେବାକୁ ଯାଉଛି। ଏହି ସଫଳତା ପାଇଁ ନବୀନ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୋଦି ମଧ୍ୟ ନବୀନଙ୍କ ସଫଳତା ପାଇଁ କୃତଜ୍ଞତା ଜଣାଇଛନ୍ତି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଟିଆରଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ ମଧ୍ୟ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଏଭରେଷ୍ଟ ଆରୋହୀ କଳ୍ପନାଙ୍କ ପରଲୋକ

**ଭୁବନେଶ୍ୱର, ୨୩ା୫(ସ୍ପୋର୍ଟ୍ସ ବ୍ୟୁରୋ)**

ସାରା ଭାରତରେ ନିର୍ବାଚନୀ ଉଷ୍ମତା ଛାଇ ରହିଥିବାବେଳେ ଓଡ଼ିଶା କ୍ରୀଡ଼ା ପାଇଁ ଆସିଛି ଏକ ଦୁଃଖଦ ଖବର। ରାଜ୍ୟର ପ୍ରଥମ ଏଭରେଷ୍ଟ ଆରୋହଣକାରୀ କଳ୍ପନା ଦାଶଙ୍କର ଗୁରୁବାର ପରଲୋକ ଘଟିଛି। ୫୨ ବର୍ଷୀୟା ମହିଳା ପର୍ବତାରୋହୀ କଳ୍ପନା ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟର ଶିଖରରୁ ଅବତରଣ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ ଓ ଏଭରେଷ୍ଟ ବାଲକୋନି ଏରିଆରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ନେପାଳର କାଞ୍ଛି ମାୟା ତମାଙ୍ଗ ଓ ଚାଇନାର ଲିୟାମୁ ମା'ଙ୍କ ସହ କଳ୍ପନା ଗୁରୁବାର ମଧ୍ୟାହ୍ନ ୧୨ଟା ୫୫ରେ ଏଭରେଷ୍ଟ ଶିଖରରେ ପହଞ୍ଚିଥିଲେ। ତେବେ ସେଠାରୁ ଅବତରଣ କରିବା ବେଳେ ଏହି ଅଘଟଣ ଘଟିଛି ବୋଲି ସେଠାକାର ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ମୀରା ଆଚାର୍ଯ୍ୟ କହିଛନ୍ତି। କଳ୍ପନା ୩ଜଣିଆ ମହିଳା ଅଭିଯାତ୍ରୀ ଦଳରେ ସାମିଲ ଥିଲେ। ଡ୍ରିମର୍ସ ଡେଷ୍ଟିନେଶନ ଟ୍ରେକ୍ସ ଏହି ଏକ୍ସପେଡିସନକୁ ମ୍ୟାନେଜ କରୁଥିଲା।

ଓଡ଼ିଶାର ଢେଙ୍କାନାଳ ଜିଲାରେ ଜନ୍ମଗ୍ରହଣ କରିଥିବା କଳ୍ପନା ଏଭରେଷ୍ଟ ସମେତ ଭାରତ, ନେପାଳ, ୟୁରୋପ, ଦକ୍ଷିଣ ଆମେରିକା ଓ ଅଷ୍ଟ୍ରେଲିଆର ବିଭିନ୍ନ ଶୃଙ୍ଗ ସଫଳତାର ସହ ଚଢ଼ିଛନ୍ତି। ୨୦୦୮ରେ କଳ୍ପନା ନେପାଳ ବାଟ ଦେଇ ସଫଳତାର ସହ ଏଭରେଷ୍ଟ ଚଢ଼ି ଇତିହାସ ସୃଷ୍ଟି କରିଥିଲେ। ସେତେବେଳେ ସେ ଭାରତୀୟ ଅଭିଯାନ ☞ପୃଷ୍ଠା-୪



# ବିରୋଧୀ ଏକତାକୁ ଝଟକା

ନୂଆଦିଲ୍ଲୀ,୨୩।୫



ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବା ଲାଗି ବିରୋଧୀ ଦଳଗୁଡିକ ପକ୍ଷରୁ ଶେଷ ପର୍ଯ୍ୟନ୍ତ ଉଦ୍ୟମ ଜାରି ରହିଥିଲା। ନିର୍ବାଚନ ପୂର୍ବରୁ ବିଭିନ୍ନ ମଞ୍ଚରେ କଂଗ୍ରେସ ସମେତ ବିଭିନ୍ନ ବିରୋଧୀ ଦଳ ଏକାଠି ହୋଇ ସେମାନଙ୍କର ଶକ୍ତି ପ୍ରଦର୍ଶନ କରିଥିଲେ ହେଁ ମେଣ୍ଟ ଗଠନ କରିବାରେ ବିଫଳ ହୋଇଥିଲେ। ନିର୍ବାଚନ ଶେଷ ହେବା ପରେ ମଧ୍ୟ ପୁଣି ଥରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱରେ ପୁଣି ଥରେ ବିରୋଧୀ ନେତାମାନଙ୍କୁ ଏକାଠି କରିବାକୁ ଉଦ୍ୟମ ହୋଇଥିଲା। ଭୋଟ ଗଣତି ପୂର୍ବରୁ ଭିଭିପିଏଟି ଯାଞ୍ଚ ଲାଗି ୨୨ଟି ବିରୋଧୀ ଦଳର ନେତା ଏକାଠି ହୋଇ ନିର୍ବାଚନ କମିଶନଙ୍କୁ ଜଣାଇବା ସହ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଠନ ଲାଗି ଆଲୋଚନା ଚଳାଇଥିଲେ। ତେବେ ନିର୍ବାଚନ ଫଳାଫଳ ଭାଜପା ସପକ୍ଷରେ ଯିବା ଫଳରେ ସେମାନଙ୍କ ମେଣ୍ଟ ଉଦ୍ୟମ ଫସର ଫାଟିଯାଇଛି।

ସନ୍ଧ୍ୟା ସୁଦ୍ଧା ଟ୍ରେଣ୍ଡ ଅନୁଯାୟୀ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୩୪୯ ଆସନରେ ଆଗରେ ରହି ସରକାର ଗଢ଼ିବାକୁ ଯାଉଥିବାବେଳେ କଂଗ୍ରେସ ନେତୃତ୍ୱାଧୀନ ଉପା ୮୮ ଏବଂ ଅନ୍ୟାନ୍ୟ ଦଳ ୧୦୫ ଆସନରେ ଆଗରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗୈରିକ ସୁନାମି, ବିକାଶ ଏବଂ ଜାତୀୟତାବାଦ ସ୍ଲୋଗାନ, ଦଳର ସାଂଗଠନିକ ଦକ୍ଷତା ବଳରେ ଭାଜପା ୨୦୧୪ ଫଳାଫଳକୁ ଟପିଯାଇଛି। ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ, ହରିୟାଣା ସମେତ ଉତ୍ତର ଏବଂ ପଶ୍ଚିମ ଭାରତର ଅଧିକାଂଶ ରାଜ୍ୟରେ ଦଳକୁ ୫୦ ପ୍ରତିଶତରୁ ଅଧିକ ଭୋଟ ମିଳିଛି।

**ଫସର ଫାଟିଲା ମେଣ୍ଟ ଉଦ୍ୟମ**

ବିରୋଧୀ ଦଳଗୁଡିକ ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବାକୁ ଚାହୁଁଥିଲେ ମଧ୍ୟ ଏକାଠି ହୋଇପାରିଲେ ନାହିଁ। ଏହାର ମୁଖ୍ୟ କାରଣ ହେଲା ସେମାନଙ୍କ ମଧ୍ୟରୁ ଅଧିକାଂଶ ଦଳର ନେତା ଥିଲେ ପ୍ରଧାନମନ୍ତ୍ରୀ ଆଶାୟୀ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶରେ ମେଣ୍ଟ ଯୋଜନା ବିଫଳ ହେଲା। ବିଏସ୍‌ପି ନେତ୍ରୀ ମାୟାବତୀ ଏବଂ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କଂଗ୍ରେସକୁ ସାଙ୍ଗରେ ନେବାକୁ ଚାହିଁଲେନି। ସେଠାରେ ଏସ୍‌ପି-ବିଏସ୍‌ପି-ଆରଏଲ୍‌ଡି ମେଣ୍ଟ କରିବା ଫଳରେ କଂଗ୍ରେସ ବାଧ୍ୟ ହୋଇ ଏକାକୀ ନିର୍ବାଚନ ଲଢ଼ିଲା। ଫଳରେ ୟୁପିରେ ଭାଜପାର ଆସନ ସଂଖ୍ୟା ୨୦୧୪ ତୁଳନାରେ କମିଥିଲେ ମଧ୍ୟ ଏହାକୁ ଅଟକାଇବା ସମ୍ଭବ ହେଲାନାହିଁ। ସେହିପରି ବିହାରରେ ମଧ୍ୟ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ଭାଜପା ନେତୃତ୍ୱାଧୀନ ମେଣ୍ଟର ଅଗ୍ରଗତି ରୋକିବାରେ ବିଫଳ ହେଲା। ୬ ମାସ ତଳେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡରେ କଂଗ୍ରେସ ବିଧାନସଭା ନିର୍ବାଚନ ଜିତି ସରକାର ଗଢ଼ିଥିଲେ ମଧ୍ୟ ସେଠାରେ ଫଳାଫଳ ସମ୍ପୂର୍ଣ୍ଣ ବଦଳିଗଲା। ଭାଜପା ନେତୃତ୍ୱାଧୀନ ମେଣ୍ଟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ ସରକାର ଗଢ଼ିବାକୁ ଯାଉଥିଲାବେଳେ ବିରୋଧୀ ଏକତାକୁ ଶକ୍ତ ଧକ୍କା ଲାଗିଛି।

ଗତ କିଛିଦିନ ହେଲା ଚନ୍ଦ୍ରାବାବୁ ରାଜଧାନୀ ଦିଲ୍ଲୀ ସମେତ ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ ଯାଇ ବିରୋଧୀ ଦଳଗୁଡିକୁ ଏକାଠି କରିବାକୁ ଉଦ୍ୟମ କରିଥିଲେ। ଏହି କ୍ରମରେ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ମାୟାବତୀ, ଅଖିଳେଶ ଯାଦବ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଥିଲେ। ବିରୋଧୀ ନେତାମାନେ ସରକାର ଗଠନ କରିବାକୁ ପ୍ରସ୍ତୁତ କି ନାହିଁ ବୋଲି ଚନ୍ଦ୍ରାବାବୁ ସେମାନଙ୍କୁ ପ୍ରଶ୍ନ କରିବା ସହ ନିର୍ବାଚନ ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ଚିନ୍ତା କରିବା ପାଇଁ କହିଥିଲେ। ମମତା ମଧ୍ୟ ଭବିଷ୍ୟତରେ ବଡ଼ ଭୂମିକା ନେବା ଲାଗି ସୂଚନା ଦେଇଥିଲେ। ଫଳାଫଳ ପ୍ରକାଶ ପାଇବା ପରେ ଏହି ନେତାମାନ ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି।

## ରାହୁଲଙ୍କ ଚୌକିଦାର, ରାଫାଲ ସ୍ଲୋଗାନ ବିଫଳ

ନୂଆଦିଲ୍ଲୀ,୨୩।୫(ପି.ଟି.)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଚୌକିଦାର ଏବଂ ରାଫାଲ ସ୍ଲୋଗାନ ବିଫଳ ହୋଇଛି। ନ୍ୟାୟ ଯୋଜନା ମଧ୍ୟ ଦଳ ପାଇଁ ଭୋଟ ସଂଗ୍ରହ କରିବାରେ ବିଫଳ ହୋଇଛି। ସବୁଠୁ ବଡ଼ କଥା ହେଲା ୬ ମାସ ପୂର୍ବେ ତିନୋଟି ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ ଭାଜପାକୁ ପରାଜିତ କରି କଂଗ୍ରେସ କ୍ଷମତାକୁ ଫେରିଥିଲା। ଏହି ତିନି ରାଜ୍ୟରେ ଲୋକ ସଭା ନିର୍ବାଚନ ଫଳାଫଳ ସମ୍ପୂର୍ଣ୍ଣ ଓଲଟି ଯାଇଛି। ୨୦୧୪ ତୁଳନାରେ କଂଗ୍ରେସ ଏଥର ମାତ୍ର ୧୧ଟି ଅଧିକ ଆସନରେ ଜିତିବାକୁ ଯାଉଛି।

କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପୁଣି ଥରେ ତଳସ୍ତରରେ ଦଳର ସାଂଗଠନିକ ଦୁର୍ବଳତାକୁ ପଦାରେ ପକାଇଛି। ଦେଶର ସବୁଠୁ ପୁରୁଣା ଦଳ ଦକ୍ଷିଣ ଭାରତରେ କିଛିଟା ସଫଳତା ପାଇଥିବାବେଳେ ହିନ୍ଦୀ ଭାଷାଭାଷୀ ରାଜ୍ୟରେ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛି। ଏପରିକି କର୍ଣ୍ଣାଟକରେ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ସହ ମିଶି ସରକାର ଗଢ଼ିଥିବା କଂଗ୍ରେସ ମଧ୍ୟ ଲୋକ ସଭା ନିର୍ବାଚନରେ ଭଲ ପ୍ରଦର୍ଶନ କରିପାରି ନାହିଁ। ଲୋକ ସଭା ନିର୍ବାଚନ ରାଜ୍ୟ ନିର୍ବାଚନଠାରୁ ଅଲଗା ବୋଲି କଂଗ୍ରେସ ନେତାମାନେ ଯୁକ୍ତି ବାଢ଼ୁଛନ୍ତି। ସର୍ବନିମ୍ନ ଆୟ ଯୋଜନାରେ ଗରିବ ପରିବାରଗୁଡ଼ିକୁ ବର୍ଷକୁ ୭୨ ହଜାର କୋଟି ଟଙ୍କା ସହାୟତା ଯୋଗାଇ ଦିଆଯିବ ବୋଲି କଂଗ୍ରେସ ଘୋଷଣା କରିଥିଲା। ଏହାକୁ ଜନସାଧାରଣ ଗ୍ରହଣ କରିନାହାନ୍ତି। ରାଫାଲ ଦୁର୍ନୀତି ଏବଂ ଚୌକିଦାର ଚୋର ହେ ସ୍ଲୋଗାନ ଦେଇ ରାହୁଲ ସବୁ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରୁଥିଲେ ହେଁ ଏହା ଲୋକଙ୍କ ଚିନ୍ତାଧାରାକୁ ବଦଳାଇପାରିନାହିଁ।

## ସିକିମ୍‌ରେ କଡ଼ା ଟକ୍କର

ଗ୍ୟାଙ୍ଗଟକ୍,୨୩।୫

**ଚାମଲିଂ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ହେବା ଆଶା କ୍ଷୀଣ**



ସିକିମ୍‌ରେ ଚଳିତ ଥର ମଧ୍ୟ ମୁଖ୍ୟମନ୍ତ୍ରୀ ପୱନ କୁମାର ଚାମଲିଂ ପୋକ୍‌ଲୋକ୍ କାମରାଙ୍ଗ ଆସନରୁ ବିଜୟୀ ହୋଇଛନ୍ତି। ଚାମଲିଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏସ୍‌କେଏମ୍‌ର ଖର୍କା ବାହାଦୁର ରାଇଙ୍କଠାରୁ ୨,୮୯୯ ଭୋଟରେ ବିଜୟୀ ହୋଇଛନ୍ତି। ୧୯୯୪ ଡିସେମ୍ବରଠାରୁ ଚାମ୍‌ଲିଂ ସିକିମ୍‌ର ମୁଖ୍ୟମନ୍ତ୍ରୀଭାବେ କାର୍ଯ୍ୟ କରିଆସୁଛନ୍ତି। ସିକିମ୍ ଡେମୋକ୍ରାଟିକ ଫ୍ରଣ୍ଟ(ଏସ୍‌ଡିଏଫ୍) ଏଥର ବିରୋଧୀ ଦଳ ସିକିମ କ୍ରାନ୍ତିକାରୀ ମୋର୍ଚ୍ଚା(ଏସ୍‌କେଏମ୍)ଠାରୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଛି। ବିଧାନସଭାର ମୋଟ ୩୨ ଆସନ ମଧ୍ୟରୁ ଏସ୍‌ଡିଏଫ୍ ୭ ଆସନରେ ବିଜୟୀ ହୋଇଥିବାବେଳେ ଏସ୍‌କେଏମ୍ ୮ଟିରେ ବିଜୟୀ ହୋଇଥିବା ଜଣାପଡ଼ିଛି। ଅନ୍ୟ ଆସନଗୁଡିକରେ ଭୋଟ ଗଣତି ଜାରି ରହିଛି।

ପ୍ରକାଶଥାଉ କି, ୨୦୧୪ରେ ଏସ୍‌ଡିଏଫ୍‌କୁ ମୋଟ ୩୨ରୁ ୨୨ ଆସନ ମିଳିଥିଲା। ଏଥର ସରକାର ବିରୋଧୀ ହାୱାକୁ ପ୍ରତିରୋଧ କରିବା ଲାଗି ଚାମଲିଂ ଅଧିକ ନୂଆ ପ୍ରାର୍ଥୀ ମଇଦାନକୁ ଛାଡ଼ିଥିଲେ। ତଥାପି ସେଭଳି ଫଳାଫଳ ତାଙ୍କ ସପକ୍ଷରେ ଆସି ନ ଥିବା କୁହାଯାଉଛି।



ଭାଜପାର ବିଜୟ ପରେ ଦଳୀୟ କର୍ମୀ ଉତ୍ସବ ମନାଉଛନ୍ତି।

## ହାରିଲେ ଉର୍ମିଳା ମାତୋଣ୍ଡକର

ମୁମ୍ବାଇ, ୨୩।୫



ମୁମ୍ବାଇ-ଉତ୍ତର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ତଥା ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପା ପ୍ରାର୍ଥୀ ଗୋପାଳ ଶେଟ୍ଟୀଙ୍କଠାରୁ ୪,୫୨,୨୨୬ ଭୋଟରେ ହାରିଯାଇଛନ୍ତି। ଉର୍ମିଳା ତାଙ୍କ ପ୍ରତିକ୍ରିୟାରେ କହନ୍ତି, ଆହୁରି ଅନେକ ବାଟ ଯିବାକୁ ଥିବାରୁ ସେ ଆଦୌ ରାଜନୀତି ଛାଡିବେ ନାହିଁ। ହେଲେ ସେ ପରାଜୟ ସ୍ୱୀକାର କରିବା ପୂର୍ବରୁ ଟୁଇଟ୍ କରି ନିଜର ରାଗ ଶୁଝାଇଛନ୍ତି। ଇଭିଏମ୍ ଖରାପ ଦର୍ଶାଇ ସେ ନିର୍ବାଚନ କମିଶନ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ କହିଛନ୍ତି ଇଭିଏମ୍ ୧୭ସିର ଫର୍ମରେ ମେଶିନ୍ ନମ୍ବର ଓ ସିଗ୍‌ନେଚର ମିସ୍ ମ୍ୟାଚ ହୋଇଛି। ତେବେ ହାରିବା ଭୟରେ ସେ ଏମିତି ଅଭିଯୋଗ ଆଣିଥିବା ଆଲୋଚନା ହେଉଛି।



ଭାଜପା ପ୍ରାର୍ଥୀ କେଶରୀ ଦେବୀ ପଟେଲ ଓ ରୀତା ବହୁଗୁଣା ଜୋଷୀ ପ୍ରୟାଗରାଜଠାରେ ବିଜୟ ଉତ୍ସବ ମନାଉଛନ୍ତି।

## ଶାହଙ୍କୁ ମିଳିପାରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୨୩।୫

ନିର୍ବାଚନ ରଣନୀତି ଓ ପ୍ରଚାରର ମଙ୍ଗ ଧରିଥିବା ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ଭୂମିକା ଏଥର ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ୨୦୧୪ରେ ସେ ୟୁପି ଲାଗି ରଣନୀତି ପ୍ରସ୍ତୁତ କରି ସଫଳତା ହାସଲ କରିଥିଲେ। ୨୦୧୯ରେ ସେ ସଙ୍ଗଠନକୁ ଦୃଢ଼କରି ବିଜୟୀ ମେଣ୍ଟ ପ୍ରସ୍ତୁତ କରିବା ସହ ଦଳ ଓ ଭୋଟରଙ୍କ ମଧ୍ୟରେ ଥିବା ଦୂରତ୍ୱକୁ ହଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପ୍ରଥମ ଥର ଲୋକ ସଭା ଆସନରେ ଲଢ଼ି ସେ ଗାନ୍ଧୀ ନଗରରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିବାବେଳେ ମୋଦି ସରକାରରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ମିଳିପାରେ ବୋଲି କୁହାଯାଉଛି। ମୋଦି ଗୁଜରାଟରେ ମୁଖ୍ୟମନ୍ତ୍ରୀ ଥିବାବେଳେ ଶାହଙ୍କୁ ଗୃହ ମନ୍ତ୍ରଣାଳୟ ମିଳିଥିଲା। ଏଥର କେନ୍ଦ୍ରରେ ମଧ୍ୟ ଅନୁରୂପ ମନ୍ତ୍ରଣାଳୟ ତାଙ୍କୁ ମିଳିପାରେ ବୋଲି କୁହାଯାଉଛି।

## ■ ଭାଜପା ମୁଖ୍ୟାଳୟରେ ଦଳାଚକଟା ସ୍ଥିତି
# ଠେଲାପେଲାରେ ବହୁ ଆହତ

ନୂଆଦିଲ୍ଲୀ,୨୩।୫(ପି.ଟି.)

ନିର୍ବାଚନ ଫଳାଫଳ ଆସିବା ପରେ ରାଜଧାନୀ ଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ହଜାର ହଜାର ସଂଖ୍ୟାରେ ଲୋକେ ରୁଣ୍ଡ ହେବାରୁ ସେଠାରେ ଦଳଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ନିର୍ବାଚନରେ ଭାଜପାର ବିପୁଳ ବିଜୟ ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଯାଇଥିଲା। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କାର୍ଯ୍ୟାଳୟରେ ପହଞ୍ଚିବା କ୍ଷଣି ବହୁସଂଖ୍ୟାରେ ଲୋକେ ଧସେଇ ପଶିଥିଲେ। ଶାହ ଗାନ୍ଧୀନଗର ଆସନରୁ ୫.୫ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଛନ୍ତି। ମୁଖ୍ୟ କାର୍ଯ୍ୟାଳୟରେ ଭାଜପା ବିଜୟ ଉତ୍ସବ ମନାଉଥିବାବେଳେ ସେଥିରେ ଯୋଗଦେବା ଲାଗି ଶାହ ସେଠାରେ ପହଞ୍ଚିଥିଲେ। ଲୋକମାନେ ଫାଟକ ନିକଟକୁ ଧାଇଁ ଆସିବାରୁ ଠେଲାପେଲାରେ କେତେକ ଆହତ ହୋଇଥିଲେ।



"ବିରୋଧୀ ଦଳଗୁଡ଼ିକର ନକାରାତ୍ମକ ରାଜନୀତିକୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି। ମୋଦି ସରକାରଙ୍କ ଆଭ୍ୟନ୍ତରୀଣ ସୁରକ୍ଷା, ଭିତ୍ତିଭୂମି ବିକାଶ, ଜନକଲ୍ୟାଣମୂଳକ କାର୍ଯ୍ୟ ଭାଜପାକୁ ସଫଳତା ଦେଇଛି। ସମାଜର ପ୍ରତ୍ୟେକ ବର୍ଗରୁ ଗୈରିକ ଦଳକୁ ସମର୍ଥନ ମିଳିଛି।

**-ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ**




"ବିଜୟୀ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ। କିନ୍ତୁ ହାରିଯାଇଥିବା ସବୁ ପ୍ରାର୍ଥୀ ପରାଜିତ ନୁହନ୍ତି।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**




"କେନ୍ଦ୍ରରେ ଗଠିତ ହେବାକୁ ଯାଉଥିବା ନୂଆ ସରକାର ଜମ୍ମୁ-କଶ୍ମୀରକୁ ନ୍ୟାୟ ଦେବ ଏବଂ କଶ୍ମୀର ପ୍ରସଙ୍ଗର ସମାଧାନ ଲାଗି ପାକିସ୍ତାନ ସହ ଆଲୋଚନା କରିବା ନେଇ ଆଶାବାଦୀ।

**-ଫାରୁକ୍ ଅବ୍‌ଦୁଲ୍ଲା, ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ**



"ଲୋକ ସଭା ନିର୍ବାଚନରେ ଭାଜପାର ଅଭୂତପୂର୍ବ ବିଜୟର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳ ଅଧ୍ୟକ୍ଷ ଅମିତ ଶାହଙ୍କର।

**-ଲାଲକୃଷ୍ଣ ଆଡଭାନୀ, ବରିଷ୍ଠ ଭାଜପା ନେତା**



"ଭାଜପାବିରୋଧୀ ପକ୍ଷଗୁଡିକର ପରାଜୟ ଲାଗି ଇଭିଏମ୍‌କୁ ଦୋଷ ଦେଉନାହିଁ। ଜନସାଧାରଣଙ୍କ ରାୟକୁ ଖୁସିରେ ଗ୍ରହଣ କରୁଛି।

**-ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ**



"କ୍ରୋଧ ପରିପ୍ରକାଶର ସମସ୍ତ ଅଧିକାର ଭୋଟରମାନଙ୍କର ରହିଛି। ଜନତାଙ୍କ ରାୟକୁ ବିନମ୍ରତାର ସହ ଗ୍ରହଣ କରୁଛି। କଂଗ୍ରେସ ପାଇଁ ଜଣେ ଅମିତ ଶାହଙ୍କର ଆବଶ୍ୟକତା ରହିଛି।

**-ମେହବୁବା ମୁଫ୍‌ତି, ପିଡିପି ଅଧ୍ୟକ୍ଷା**



"ଲୋକ ସଭା ନିର୍ବାଚନ ଫଳାଫଳ ଐତିହାସିକ ଓ ଅଭୂତପୂର୍ବ।

**-ସର୍ବାନନ୍ଦ ସୋନୋୱାଲ, ଆସାମ ମୁଖ୍ୟମନ୍ତ୍ରୀ**



"ଲୋକ ସଭା ନିର୍ବାଚନ ଫଳାଫଳ ଏଭଳି ହେବ ବୋଲି କେହି ଆଶା କରି ନ ଥିଲେ। ଜେଡିଏସ୍ ଏବଂ କଂଗ୍ରେସ ମିଳିତ ଭାବେ ନିର୍ବାଚନ ପରାଜୟ ପଛର କାରଣ ଖୋଜିବା ଉଚିତ।

**-ଏଚ.ଡି. କୁମାରସ୍ୱାମୀ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ**



"ଗତ ୫୦ ବର୍ଷ ମଧ୍ୟରେ ଭାଜପା ପ୍ରଥମ ଥର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଏହାର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର।

**-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**



"ଜିତିବା ହାରିବା ଗଣତନ୍ତ୍ରର ଅଂଶବିଶେଷ। ଜନାଦେଶକୁ ଗ୍ରହଣ କରୁଛି ଓ ସମ୍ମାନ ଜଣାଉଛି।

**-କମଳନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ**

## ■ ଆନ୍ଧ୍ରରେ ୱାଇଏସ୍‌ଆର୍‌ସିପି
# ୩୦ରେ ଶପଥ ନେବେ ଜଗନ୍‌ମୋହନ

ଅମରାବତୀ,୨୩।୫



ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ୱାଇଏସ୍‌ଆର୍ ଜଗନ୍‌ମୋହନ ରେଡ୍ଡୀଙ୍କ ଦଳ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ସହ ସରକାର ଗଢ଼ିବାକୁ ଯାଉଛି। ଜଗନ୍‌ମୋହନ ଆସନ୍ତା ୩୦ ତାରିଖରେ ମନ୍ଦିର ସହର ତିରୁପତିରେ ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଦଳର ଜଣେ ନେତା କହିଛନ୍ତି। ଆସନ୍ତା ଶନିବାର ନବନିର୍ବାଚିତ ୱାଇଏସ୍‌ଆରସିପି ବିଧାୟକମାନଙ୍କ ବୈଠକ ବସି ଜଗନ୍‌ମୋହନଙ୍କୁ ସେମାନଙ୍କ ନେତା ନିର୍ବାଚିତ କରାଯିବ ବୋଲି ବରିଷ୍ଠ ନେତା ଉମାରେଡ୍ଡୀ ଭେଙ୍କଟେଶ୍ୱରଲୁ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି।

ଉଭୟ ଲୋକ ସଭା ଓ ରାଜ୍ୟ ବିଧାନସଭାରେ ୱାଇଏସ୍‌ଆର କଂଗ୍ରେସ ପାର୍ଟି (ୱାଇଏସ୍‌ଆରସିପି) ପୂର୍ଣ୍ଣ ବହୁମତ ହାସଲ କରିବାକୁ ଯାଉଛି। ଫଳରେ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁଦେଶମ୍ ପାର୍ଟି (ଟିଡିପି)କୁ ଶକ୍ତ ଝଟ୍‌କା ଲାଗିଛି। ରାତି ୮ଟା ସୁଦ୍ଧା ଟ୍ରେଣ୍ଡ୍ ଅନୁଯାୟୀ ଆନ୍ଧ୍ର ବିଧାନସଭାର ୧୭୫ ଆସନ ମଧ୍ୟରୁ ୧୪୪ଟିରେ ୱାଇଏସ୍‌ଆର୍ କଂଗ୍ରେସ ଆଗରେ ଥିଲାବେଳେ ଶାସକ ଟିଡିପି ମାତ୍ର ୨୯ ଆସନରେ ଆଗରେ ରହିଛି। ସେହିପରି ରାଜ୍ୟର ୨୫ଟି ଲୋକ ସଭା ଆସନରୁ ୨୩ଟିରେ ୱାଇଏସ୍‌ଆରସିପି ଆଗରେ ଥିବା ଜଣାପଡିଛି। ଦଳର ଏହି ସଫଳତାକୁ ନେଇ ଜଗନଙ୍କ ଶିବିରରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିବାବେଳେ ଚନ୍ଦ୍ରାବାବୁ ନାଇଡୁଙ୍କ କ୍ୟାମ୍ପ ଏପର୍ଯ୍ୟନ୍ତ ପରାଜୟ ସ୍ୱୀକାର କରିନାହିଁ।

୨୦୧୪ରେ ଆନ୍ଧ୍ରପ୍ରଦେଶ ଦୁଇଭାଗ ହୋଇ ତେଲେଙ୍ଗାନା ଗଠନ ହୋଇଥିବାବେଳେ ସେବେଠାରୁ ଚନ୍ଦ୍ରାବାବୁ ଆନ୍ଧ୍ରରେ ଶାସନ କରିଆସୁଥିଲେ। ଏଥର ତାଙ୍କ ଦଳ ଗୋଟିଏ ବି ଲୋକ ସଭା ଆସନ ଜିତିବା ସମ୍ଭାବନା ନ ଥିବାବେଳେ ବିଧାନସଭାରେ ଶୋଚନୀୟ ପରାଜୟବରଣ କରିବାକୁ ଯାଉଛି। କେନ୍ଦ୍ରରେ ବିରୋଧୀ ଦଳଗୁଡିକୁ ଏକାଠି କରି ସରକାର ଗଠନ ଲାଗି ଚନ୍ଦ୍ରାବାବୁ ଯେଉଁ ଉଦ୍ୟମ ଚଳାଇଥିଲେ ତାହା ଫସର ଫାଟି ଯାଇଛି।

୨୦୦୯ରେ ଆନ୍ଧ୍ରର ସବୁଠୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ୱାଇଏସ୍ ରାଜଶେଖର ରେଡ୍ଡୀଙ୍କର ହେଲିକପ୍ଟର ଦୁର୍ଘଟଣାରେ ପରଲୋକ ହେବା ପରେ ତାଙ୍କ ପୁଅ ଜଗନ୍‌ମୋହନ (୪୬) ୨୦୧୧ରେ ନୂଆ ଦଳ ୱାଇଏସ୍‌ଆର କଂଗ୍ରେସ ପାର୍ଟି ଗଠନ କରିଥିଲେ। ସେ ରାଜ୍ୟବ୍ୟାପୀ ଦୁଇଥର ପଦଯାତ୍ରା କରି ନିଜର ଲୋକପ୍ରିୟତା ବଢ଼ାଇଥିଲେ। ୩୬୪୮ କିଲୋମିଟର ପଦଯାତ୍ରା କରି ସେ କୋଟିଏରୁ ଊର୍ଦ୍ଧ୍ୱ ଲୋକଙ୍କ ସହ ମିଶିଥିଲେ। ଆନ୍ଧ୍ରକୁ ସ୍ୱତନ୍ତ୍ର ମାନ୍ୟତା ଦାବି ନେଇ ସେ ଆନ୍ଦୋଳନ ଚଳାଇଥିଲେ। ଅନ୍ୟପକ୍ଷରେ ଭାଜପା ମେଣ୍ଟରୁ ଦୂରେଇ ଯାଇ ଚନ୍ଦ୍ରାବାବୁଙ୍କ ଦଳ ବିରୋଧୀ ଶିବିରରେ ସାମିଲ ହେବା ତାଙ୍କ ପାଇଁ ଭୁଲ୍ ନିଷ୍ପତ୍ତି ଥିଲା ବୋଲି କୁହାଯାଉଛି। ଉଭୟ ଲୋକ ସଭା ଓ ରାଜ୍ୟ ବିଧାନସଭାରେ ୱାଇଏସ୍‌ଆର୍‌ସିପି ଆଶାତୀତ ସଫଳତା ହାସଲ କରିବାକୁ ଯାଉଥିବାବେଳେ ଏହା ଜନସାଧାରଣଙ୍କର ବିଜୟ ବୋଲି ଜଗନ୍ କହିଛନ୍ତି। ଏଭଳି ବୃହତ୍ ବିଜୟ ପାଇଁ ସେ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଫୋନ୍ ଯୋଗେ ଜଗନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଲୋକ ସଭାରେ ଭାଜପାର ବଡ଼ ବିଜୟ ଲାଗି ଜଗନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ତାଙ୍କର ଲଢ଼େଇ ଜାରି ରହିବ ବୋଲି ଜଗନ କହିଛନ୍ତି।

୨୦୦୪ରେ କଡ଼ାପା ଜିଲାରୁ କଂଗ୍ରେସ ପାଇଁ ନିର୍ବାଚନ ପ୍ରଚାରରୁ ଜଗନ୍ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରି ଉକ୍ତ ନିର୍ବାଚନମଣ୍ଡଳୀରୁ ୨୦୦୯ରେ କଂଗ୍ରେସ ଟିକେଟରେ ଲୋକ ସଭାକୁ ଜିତିଥିଲେ।








# ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଲେ ନବୀନ

## ବିଜେଡି କେନ୍ଦ୍ର ସରକାରଙ୍କ ସହ ଗଠନମୂଳକ ସମ୍ପର୍କ ରଖିବ

ଭୁବନେଶ୍ୱର,୨୩ା୫(ବ୍ୟୁରୋ)

ରାଜ୍ୟରେ ଲଗାତର ପଞ୍ଚମଥର ପାଇଁ ସରକାର ଗଢ଼ିବାକୁ ବିଜେଡି ସଂଖ୍ୟାଗରିଷ୍ଠତା ହାସଲ କରିଛି । ଉଭୟ ଲୋକ ସଭା ଏବଂ ବିଧାନସଭାରେ ବିଜେଡିକୁ ଜନ ସମର୍ଥନ ମିଳିଛି । ଏଥିପାଇଁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଜେଡିକୁ ଲଗାତରଭାବେ ବିଜୟୀ କରିଥିବାରୁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ । ରାଜ୍ୟବାସୀ ବହୁସଂଖ୍ୟାରେ ଭୋଟଦାନ ପ୍ରକ୍ରିୟାରେ ଭାଗ ନେଇଥିଲେ । ଏଥିପାଇଁ ସମସ୍ତ ଜନସାଧାରଣଙ୍କ ସହ ବିଶେଷଭାବେ ମହିଳାମାନଙ୍କୁ ଧନ୍ୟବାଦ । ଦଳ ପାଇଁ ଉତ୍ସର୍ଗୀକୃତ ହୋଇ କାମ କରିଥିବା କର୍ମୀ ଓ ତୃଣମୂଳସ୍ତରୀୟ ନେତାମାନଙ୍କୁ ମଧ୍ୟ ନବୀନ କୃତଜ୍ଞତା ଜଣାଇଛନ୍ତି ।


ବିଜେଡି ନିର୍ବାଚନ ପୂର୍ବରୁ କୌଣସି ଦଳ ସହ ବୁଝାମଣା କରି ନ ଥିଲା । ପୂର୍ବାପେକ୍ଷା କମ୍ ଲୋକ ସଭା ଆସନ ପାଇଥିଲେ ମଧ୍ୟ ମୋଦିଙ୍କ ହାୱାର ମୁକାବିଲା କରିବାରେ ଦଳ ସଫଳ ହୋଇଛି । ତେଣୁ ବିଜେଡି କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ସାମିଲ ହେବ କି ନାହିଁ , ସେନେଇ ସମସ୍ତଙ୍କ ନଜର ରହିଛି । ଏହି ପ୍ରସଙ୍ଗରେ ନବୀନ କହିଛନ୍ତି, ଅପେକ୍ଷା କରନ୍ତୁ ଏବଂ ଦେଖନ୍ତୁ । ବିଜେଡି କେନ୍ଦ୍ର ସରକାରଙ୍କ ସହ ଗଠନମୂଳକ ସମ୍ପର୍କ ରକ୍ଷା କରିବ । ଓଡ଼ିଶାବାସୀଙ୍କ ବିକାଶ ପାଇଁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରାଯିବ ବୋଲି ନବୀନ କହିଛନ୍ତି ।

ଦିନସାରା ଭୋଟ ଫଳାଫଳ ନେଇ ଉତ୍କଣ୍ଠା ଜାରି ରହିଥିଲା । ହେଲେ ରାତି ୮ଟା ୩୦ରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିଜର ପ୍ରତିକ୍ରିୟା ଦେଇଥିଲେ । ଏହି ଅବସରରେ ବିଜେଡି କର୍ମୀ ଓ ନେତାମାନେ ନବୀନଙ୍କୁ ଫୁଲମାଳ ଅର୍ପଣ କରି କୃତଜ୍ଞତା ଜଣାଇଥିଲେ । ସାମୁଦ୍ରିକ ଝଡ଼ ଫନୀ ଉପକୂଳ ଓଡ଼ିଶାର ପ୍ରଭୂତ କ୍ଷତିସାଧନ କରିଛି । ଏହି ପରିପ୍ରେକ୍ଷୀରେ ବିଜୟକୁ ବିଜେଡି ପକ୍ଷରୁ ଅପେକ୍ଷାକୃତ ନିରାଡମ୍ବରଭାବେ ପାଳନ କରାଯାଉଥିବା ଜଣାପଡିଛି । ହେଲେ ପାର୍ଟି ଅଫିସ ଏବଂ ରାଜ୍ୟର ଅନେକ ସ୍ଥାନରେ କର୍ମୀ ନିଜ ନିଜ ଢଙ୍ଗରେ ବିଜୟ ଉତ୍ସବ ପାଳନ କରୁଥିବା ଦେଖିବାକୁ ମିଳିଛି ।


NECC NATIONAL EGG CO-ORDINATION COMMITTEE — 23.05.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 93 | 149 | 159 |
| CTC | 92 | 148 | 158 |
| DKL | 92 | 148 | 158 |
| BDK | 90 | 145 | 155 |
| BLS | 90 | 145 | 155 |
| ANG | 92 | 148 | 158 |


*Conditions Apply
Eggs Retail Price- 41/-Dozen
Issued in the Interest of Consumers


# ଜୁନ୍ ୮ରୁ ଓଜେଇଇ ଅନ୍‌ଲାଇନ୍ ପରୀକ୍ଷା

ଭୁବନେଶ୍ୱର,୨୩ା୫(ବ୍ୟୁରୋ)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ)ର ଅନ୍‌ଲାଇନ୍ ପରୀକ୍ଷା ଆସନ୍ତା ଜୁନ୍ ୮ ଓ ୯ରେ ଅନୁଷ୍ଠିତ ହେବ । ୮ତାରିଖରେ ଏମ୍.ଟେକ୍, ଏମ୍.ଆର୍କ, ଏମ୍‌ସିଏ, ଏଲ୍‌ଇ-ଏମ୍‌ସିଏ, ଏମ୍.ଫାର୍ମ, ଏମ୍.ପ୍ଲାନ୍ ଆଦି ବିଷୟରେ ପରୀକ୍ଷା ହେବ । ସେହିପରି ୯ତାରିଖରେ ଏମ୍‌ବିଏ ପରୀକ୍ଷା ହେବ । ଏ ନେଇ ଗୁରୁବାର ଓଜେଇଇ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୨୭ତାରିଖଠାରୁ www.ojee.nic.inରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ । ତେବେ କେଉଁ ସିଫ୍ଟ ଓ କେଉଁ ସମୟରେ ପରୀକ୍ଷା ହେବ, ତାହା ପରୀକ୍ଷାର୍ଥୀମାନେ ନିଜ ନିଜ ଆଡ୍‌ମିଟ୍ କାର୍ଡରେ ସୂଚନା ପାଇପାରିବେ । ସୂଚନାଯୋଗ୍ୟ, ମେ ୧୩ରେ ଓଜେଇଇର ଅନ୍‌ଲାଇନ୍ ପରୀକ୍ଷା ହେବାର ଥିଲା । କିନ୍ତୁ ବାତ୍ୟା 'ଫନୀ' ଯୋଗୁ ପରୀକ୍ଷା ଘୁଞ୍ଚାଯାଇଥିଲା ।





ଭାରତବାସୀଙ୍କ ଜନାଦେଶକୁ ମୁଁ ଗ୍ରହଣ କରୁଛି । ବିଜୟୀ ହୋଇଥିବା ଏନ୍‌ଡିଏ ପ୍ରାର୍ଥୀ ଏବଂ ନରେନ୍ଦ୍ର ମୋଦିଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ମୋତେ ଏମ୍‌ପି ଭାବେ ନିର୍ବାଚିତ କରିଥିବାରୁ ମୁଁ ୱାୟନାଡ୍‌ର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଉଛି । ଅମେଠିର ଲୋକଙ୍କୁ ମଧ୍ୟ ଅଶେଷ ଧନ୍ୟବାଦ ଦେଉଛି । କଠିନ ପରିଶ୍ରମ କରିଥିବା କଂଗ୍ରେସର କର୍ମୀ ଓ ନେତାମାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି । **– ରାହୁଲ ଗାନ୍ଧୀ**

ଭାଜପାକୁ ଭରସା କରିଥିବାରୁ ଅରୁଣାଚଳ ପ୍ରଦେଶର ଲୋକଙ୍କ ନିକଟରେ ମୁଁ କୃତଜ୍ଞ । ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଅରୁଣାଚଳ ପ୍ରଦେଶର ବିକାଶରେ କୌଣସି ପ୍ରକାର ଅବହେଳା କରିବନାହିଁ । ଭାଜପା ଏହି ବିପୁଳ ବିଜୟ ପାଇଁ ମୁଁ ସମସ୍ତ ଭାଜପା କର୍ମୀମାନଙ୍କୁ ଧନ୍ୟବାଦ ଜଣାଉଛି ।

**– ଅମିତ ଶାହ**

ଏଭଳି ଏକ ଐତିହାସିକ ବିଜୟ ପାଇଁ ମୁଁ ପୁଣିଥରେ ଭାରତବାସୀଙ୍କୁ ମୋର କୃତଜ୍ଞତା ଜ୍ଞାପନ କରୁଛି । ଭାରତୀୟ ଜନତା ପାର୍ଟି ଉପରେ ଭରସା ଓ ବିଶ୍ୱାସ ରଖି ସରକାର ଗଢିବାର ସୁଯୋଗ ଦେଇଥିବାରୁ ଧନ୍ୟବାଦ । ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ନୂଆ ଭାରତ ଗଢିବାକୁ ଭାଜପା ଚେଷ୍ଟାକରିବ । ମୋଦିଙ୍କ ନେତୃତ୍ୱରେ ଏହା ଭାଜପାର ଏକ ବଡ଼ ବିଜୟ ।

**– ରାଜନାଥ ସିଂ**

ନରେନ୍ଦ୍ର ମୋଦିଙ୍କୁ ମୁଁ ଏହି ଐତିହାସିକ ବିଜୟ ପାଇଁ ଅଭିନନ୍ଦନ ଜଣାଉଛି । ଭାଜପା ପ୍ରତି ଭାରତର ଜନତାଙ୍କର ରହିଥିବା ଦୃଢ ବିଶ୍ୱାସକୁ ଏହା ପ୍ରତିଫଳିତ କରୁଛି । ମାଳଦ୍ୱୀପ ଓ ଭାରତ ମଧ୍ୟରେ ମୁଁ ଘନିଷ୍ଠ ଓ ବର୍ଦ୍ଧିତ ସମ୍ପର୍କ ରକ୍ଷା କରିବାକୁ ଚେଷ୍ଟାକରିବି ।

**– ଇବ୍ରାହିମ୍ ମହମ୍ମଦ ସୋଲି, ରାଷ୍ଟ୍ରପତି, ମାଳଦ୍ୱୀପ**

ଭୁଟାନର ଜନସାଧାରଣଙ୍କ ତରଫରୁ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଉଛି । ପୂର୍ବଥର ଭଳି ଏଥର ମଧ୍ୟ ସେ ପ୍ରଧାନମନ୍ତ୍ରୀଭାବେ ଭୂଟାନକୁ ପ୍ରଥମେ ଆସିବେ ବୋଲି ଆମର ଆଶା । ଭୁଟାନ ଓ ଭାରତ ମଧ୍ୟରେ ଆଗାମୀ ଦିନରେ ଘନିଷ୍ଠ ବନ୍ଧୁତ୍ୱ ସ୍ଥାପନ କରିବା ସହ ମୋଦିଙ୍କ ନେତୃତ୍ୱରେ ଭାରତ ସଫଳତାର ଶୀର୍ଷରେ ପହଞ୍ଚୁ ।

**– ଲୋଟେ ସେରିଙ୍ଗ, ପ୍ରଧାନମନ୍ତ୍ରୀ, ଭୁଟାନ**

ନରେନ୍ଦ୍ର ମୋଦିଙ୍କ ଏହି ଐତିହାସିକ ବିଜୟ ପାଇଁ ମୁଁ ତାଙ୍କୁ ଅଭିନନ୍ଦନ ଜଣାଉଛି । ଦିଲ୍ଲୀର ଜନସାଧାରଣମାନଙ୍କ ବିକାଶ ପାଇଁ ଆଗାମୀ ଦିନରେ ମିଳିମିଶି କାମ କରିବାକୁ ଆମେ ଅଶାବାଦୀ ।

**– ଅରବିନ୍ଦ କେଜ୍‌ରିୱାଲ**

ଏହି ବିଜୟ ପାଇଁ ନରେନ୍ଦ୍ର ମୋଦିଙ୍କୁ ମୁଁ ମୋ ହୃଦୟର ଅଭିନନ୍ଦନ ଜ୍ଞାପନ କରୁଛି । ଆପଣ ଏହା କରିପାରିଛନ୍ତି ଓ ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ ।

**– ରଜନୀକାନ୍ତ, ଅଭିନେତା**

ବିପୁଳ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଶେଷ ଅଶେଷ ଶୁଭେଚ୍ଛା । ଏକ ସୁଦୃଢ ଭାରତ ଗଠନ କରିବା ଦିଗରେ ଆମେ ଆପଣଙ୍କ ସାଙ୍ଗରେ ଅଛୁ ।

**– ସଲମାନ ଖାନ୍**

ବିଜେତାଙ୍କୁ ଶୁଭେଚ୍ଛା । କିନ୍ତୁ ସବୁ ହାରିଥିବା ପ୍ରାର୍ଥୀ ପରାଜୟୀ ନୁହଁନ୍ତି । ଆମେ ନିର୍ବାଚନ ଫଳାଫଳ ଉପରେ ପୁନଃବିଚାର କରିବୁ ଓ ତା'ପରେ ଆପଣଙ୍କୁ ଆମର ମତ ପ୍ରଦାନ କରିବୁ । ଗଣନା ସମ୍ପୂର୍ଣ୍ଣ ହେବାପରେ ଇଭିଏମ୍ ସହ ଭିଭିପିଏଟିକୁ ମେଳ କରାଯାଉ ।

**– ମମତା ବାନାର୍ଜୀ**

ନରେନ୍ଦ୍ର ମୋଦିଙ୍କୁ ବହୁତ ବହୁତ ଶୁଭେଚ୍ଛା । ଆପଣଙ୍କୁ ମୋର ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ । ଦେଖିଲେ ତ ଯୋଗରୁ ହିଁ ଏହି ସଫଳତା ମିଳିଲା । ଏହାକୁ କୁହନ୍ତି 'ଭୂମି ଭଞ୍ଜନ ଇଲେକ୍ସନ ପ୍ରଦର୍ଶନ' ।

**– ଶିଳ୍ପା ସେଠୀ କୁନ୍ଦ୍ରା**

# ଆଜି ୭ ଜିଲାକୁ କାଳବୈଶାଖୀ

## ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

ଭୁବନେଶ୍ୱର,୨୩ା୫(ବ୍ୟୁରୋ)

ଅସହ୍ୟ ତାତିରୁ ମୁକ୍ତି ପାଇଛନ୍ତି ରାଜ୍ୟବାସୀ । ଗତ କିଛିଦିନ ହେବ ରାଜ୍ୟରେ ପ୍ରବଳ ଗରମ ଯୋଗୁ ଲୋକେ ଛଟପଟ ହେଉଥିଲେ । କିନ୍ତୁ ଗୁରୁବାର ପାଗରେ ପରିବର୍ତ୍ତନ ହୋଇଛି । ସକାଳୁ ସକାଳୁ ରାଜ୍ୟର ବିଭିନ୍ନ ସହରରେ ବର୍ଷା ହୋଇଥିଲା । କୋହଲା ପାଗକୁ ବର୍ଷା ଲୋକଙ୍କୁ ଆଶ୍ୱସ୍ତି ଦେଇଥିଲା । ଶୁକ୍ରବାର ମଧ୍ୟ ରାଜ୍ୟର ବିଭିନ୍ନ ସହରରେ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । କୋରାପୁଟ, କନ୍ଧମାଳ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ତେବେ କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ୭ ଜିଲାରେ କାଳବୈଶାଖୀ ସମ୍ଭାବନା ରହିଛି । ଏଠାରେ ୩୦ରୁ ୪୦କିଲୋମିଟର ବେଗରେ ପବନ ବହିବା ସହିତ ବର୍ଷା ଓ ଘଡ଼ଘଡ଼ି ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ଅନୁମାନ କରିଛି । ଏଥିପାଇଁ ଏହି ୭ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେପଟେ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଯେଉଁଭଳି ଥିଲା, ସେମିତି ରହିଥିଲା । ଗୁରୁବାର ୯ ସହରରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା । ସୋନପୁର ୪୫ଡିଗ୍ରୀରେ ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା । ସମ୍ବଲପୁର ୪୩.୯, ବଲାଙ୍ଗୀର ୪୩, ଭବାନୀପାଟଣା ୪୨.୬, ହୀରାକୁଦ ୪୨.୧, ଝାରସୁଗୁଡ଼ା ୪୨, ଫୁଲବାଣୀ ୪୧.୫, ମାଲକାନଗିରି ୪୧ ଓ କେନ୍ଦୁଝରରେ ୪୦ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୫.୮ ଏବଂ କଟକରେ ୩୫.୪ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

### କିଛି ତଥ୍ୟ

୨୦୧୯ ଜାନୁୟାରୀ-ମାର୍ଚ୍ଚରେ ଦେଶର ପର୍ସନାଲ କମ୍ପ୍ୟୁଟର ବଜାର ବିକ୍ରି ୮.୩% ହ୍ରାସ ଘଟି ୨.୧୫ ନିୟୁତ ୟୁନିଟ ରହିଛି ।

**–ଇଣ୍ଟରନ୍ୟାଶନାଲ ଡାଟା କର୍ପୋରେଶନ**

### ଆଜିର ମନ୍ତବ୍ୟ

ଏହି ବିଜୟର ଶ୍ରେୟ ଦେଶବାସୀଙ୍କୁ ଦେଉଛି । ଦେଶବାସୀଙ୍କ ଲାଗି ପ୍ରତିଟି ମୁହୂର୍ତ୍ତ ମୁଁ ସମର୍ପଣ କରିବାକୁ ପ୍ରତିଜ୍ଞାବଦ୍ଧ ।

**–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**




**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆର୍ଭି
ପରିବାରବର୍ଗ


ଆଶୁତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## 'ସତ୍ୟମେବ ଜୟତେ-୨'ରେ ଅଭିନୟ କରିବେ ଦିବ୍ୟା



ମୁମ୍ବାଇ: ଜନ୍ ଆବ୍ରାହମ୍‌ଙ୍କ ଅଭିନୀତ 'ସତ୍ୟମେବ ଜୟତେ'ର ପରବର୍ତ୍ତୀ ସଂସ୍କରଣରେ ଅଭିନୟ କରିବାକୁ ଯାଉଛନ୍ତି ଦିବ୍ୟା ଖୋସ୍‌ଲା କୁମାର। ଦିବ୍ୟା ପ୍ରଥମକରି 'ଅବ୍ ତୁହ୍ମାରେ ହାୱାଲେ ୱାତାନ ସାଥିଓଁ'ରେ ଅକ୍ଷୟ କୁମାରଙ୍କ ସହ ଅଭିନୟ କରିଥିଲେ। ପ୍ରଯୋଜକ ଭୂଷଣ କୁମାରଙ୍କୁ ବିବାହ କରିବା ପରେ ଦିବ୍ୟା ଦୁଇଟି ଯୁବକେନ୍ଦ୍ରିକ ଫିଲ୍ମ 'ୟାରିଆନ୍' ଏବଂ 'ସନମ'ରେ ନିର୍ଦ୍ଦେଶନା ଦେଇଥିଲେ। ତେବେ ମିଳିଥିବା ସୂଚନା ଅନୁଯାୟୀ, ଦିବ୍ୟାଙ୍କୁ 'ସତ୍ୟମେବ ଜୟତେ'ର ସିକ୍ୱେଲ ପାଇଁ ପ୍ରସ୍ତାବ ଦିଆଯାଇଛି। ସେ ମଧ୍ୟ ଏଥିପାଇଁ ସାଇନ୍ କରିଛନ୍ତି। ମିଲପ୍ ଜାଭେରିଙ୍କ ନିର୍ଦ୍ଦେଶିତ 'ସତ୍ୟମେବ ଜୟତେ' ଏକ ଆକ୍ସନ ଡ୍ରାମା। ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଜନ୍ ଏବଂ ମନୋଜ ବାଜପେୟୀ।

**ପ୍ରଥମ ପୃଷ୍ଠାରୁ...**

## ନିରଙ୍କୁଶ...

ବିରୋଧୀଙ୍କ ପକ୍ଷରୁ ତାଙ୍କୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦୀର୍ଘ ଅଢ଼େଇ ମାସ ଧରି ଉଭୟ ଶାସକ ଓ ବିରୋଧୀ ରଣନୀତି ସ୍ଥିର କରି କ୍ଷମତା ଅକ୍ତିଆର ଲାଗି ପ୍ରାଣପଣେ ଉଦ୍ୟମ ଜାରି ରଖିଥିଲେ। ଦେଶରେ ୭ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଏପ୍ରିଲ ୧୧ରୁ ମେ ୨୩ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବଧି ମଧ୍ୟରେ ୨୯ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳର ୫୪୨ ଲୋକ ସଭା ଆସନ ସହ ଓଡ଼ିଶା ବିଧାନସଭାର ୧୪୬ (ପାଟକୁରା ଆସନରେ ନିର୍ବାଚନ ହୋଇନାହିଁ), ଆନ୍ଧ୍ରପ୍ରଦେଶ ୧୭୫, ଅରୁଣାଚଳ ପ୍ରଦେଶ ୬୦ ଓ ସିକିମ ବିଧାନସଭାର ୩୨ ଆସନ ଲାଗି ମଧ୍ୟ ଭୋଟ ଗ୍ରହଣ କରାଯାଇଥିଲା। ତାମିଲନାଡୁର ଭେଲୋର ଲୋକ ସଭା ଆସନରେ ବିପୁଳ ଅର୍ଥ କାରବାର ହୋଇଥିବା ଅଭିଯୋଗ ଆସିବା ପରେ ନିର୍ବାଚନ କମିଶନ (ଇସି) ସେଠାରେ ନିର୍ବାଚନ ବାତିଲ କରିଥିଲେ। ସାଧାରଣ ନିର୍ବାଚନରେ ମଇଦାନକୁ ଓହ୍ଲାଇଥିବା ସ୍ୱାଧୀନ ସମେତ ବିଭିନ୍ନ ଦଳର ମୋଟ ୮,୦୪୯ ପ୍ରାର୍ଥୀଙ୍କ ଭାଗ୍ୟ ୯୦ କୋଟି ଭୋଟରଙ୍କ ମଧ୍ୟରୁ ୬୭.୧୧% ମତଦାତା ନିର୍ଦ୍ଧାରଣ କରିଥିଲେ। ଜନାଦେଶ ଶାସକ ଏନ୍‌ଡିଏ ସପକ୍ଷରେ ଯାଇଥିବା ରେକର୍ଡ ସଂଖ୍ୟକ ମତଦାନ ହାରରୁ ଏକପ୍ରକାର ଠଉରାଇ ହେଉଥିଲା। ରବିବାର ସନ୍ଧ୍ୟାରେ ଭୋଟ ଗ୍ରହଣ ଶେଷ ହେବା ପରେ ବୁଥ୍ ଫେରନ୍ତା ଭୋଟରଙ୍କଠାରୁ ସଂଗୃହୀତ ସାମଗ୍ରିକ ମତକୁ ନେଇ ସର୍ଭେ ସଂସ୍ଥାଗୁଡ଼ିକ ପକ୍ଷରୁ ଏକ୍‌ଜିଟ୍ ପୋଲ୍ ପ୍ରକାଶ ପାଇଥିଲା। ଏନ୍‌ଡିଏ ପ୍ରାୟ ୩୦୦, ଉପା ୧୨୭ ଏବଂ ଅନ୍ୟାନ୍ୟ ୧୧୯ ଆସନ ଦଖଲ କରିବେ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ ଭବିଷ୍ୟବାଣୀ କରିଥିଲେ। ଅନ୍ୟପକ୍ଷରେ ମୋଦି ବିରୋଧୀ ମେଣ୍ଟ ଗଠନ ପାଇଁ ଉଦ୍ୟମ ଚଳାଇଥିବା ବିରୋଧୀ ଦଳଗୁଡ଼ିକ ସମ୍ଭାବ୍ୟ ପରାଜୟକୁ ନେଇ ମର୍ମାହତ ହୋଇ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)କୁ ଦୋଷ ଦେବାରେ ଲାଗିଥିଲେ। ଏହାସତ୍ତ୍ୱେ ଏନ୍‌ଡିଏ କ୍ଷମତାକୁ ନ ଫେରିଲେ ବିରୋଧୀ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ ହେବେ ଓ ସରକାରର ରୂପରେଖ କିପରି ହେବ ତାକୁ ନେଇ ମଧ୍ୟ ହିସାବକିତାବ ଆରମ୍ଭ ହୋଇଯାଇଥିଲା। ସେପଟେ ଭୋଟ ଗଣତି ପାଇଁ ମତଦାତାଙ୍କଠାରୁ ନେଇ ନେତାଙ୍କ ଯାଏ ସବୁଠି ଉତ୍ସାହ ଓ ଉତ୍କଣ୍ଠା ଲାଗିରହିଥିଲା। ଶେଷରେ ସେହି ବହୁପ୍ରତୀକ୍ଷିତ ସମୟ ଆସିଲା। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗଣତି କେନ୍ଦ୍ରଗୁଡ଼ିକରେ ଗୁରୁବାର ସକାଳ ୮ଟାରେ ଭୋଟ ଗଣତି ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା।

ନିର୍ବାଚନ କମିଶନଙ୍କ ସୂତ୍ରରୁ ମିଳିଥିବା ସବିଶେଷ ସୂଚନାନୁସାରେ ଭାଜପା ୩୦୬ ଆସନ ଦଖଲ କରି ଏକକ ସଂଖ୍ୟାଗରିଷ୍ଠ ଦଳର ମାନ୍ୟତା ପାଇଛି। ଏନ୍‌ଡିଏକୁ ୩୫୭ ଆସନରେ ସଫଳତା ମିଳିଛି। ମହାରାଷ୍ଟ୍ରରେ ସହଯୋଗୀ ଦଳ ଶିବସେନାକୁ ୧୯, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସଂଯୁକ୍ତ ଜନତା ଦଳ (ଜେଡିୟୁ) ୧୬, କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ୬, ପଞ୍ଜାବରେ ପ୍ରକାଶ ସିଂ ବାଦଲଙ୍କ ନେତୃତ୍ୱାଧୀନ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ୨, ଝାଡ଼ଖଣ୍ଡରେ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ ୟୁନିୟନ୍ (ଏଜେଏସ୍‌ୟୁ) ୧ ଓ ତାମିଲନାଡୁରେ କ୍ଷମତାସୀନ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ୍ ମୁନେତ୍ରା କାଜାଗାମ୍ (ଏଆଇଏଡିଏମ୍‌କେ)କୁ ଗୋଟିଏ ଆସନ ମିଳିଛି। ସେହିପରି ଏନ୍‌ଡିଏର ଅନ୍ୟ ଅଂଶୀଦାର ଏଡି(ଏସ୍) ୨ଟି ଏବଂ ଏନ୍‌ପିପି, ଆର୍‌ଏଲ୍‌ଟିପି, ଏନ୍‌ଡିପିପି ଏବଂ ଏମ୍‌ଏନ୍‌ଏଫ୍ ପ୍ରାର୍ଥୀ ଗୋଟିଏ ଲେଖାଏ ଆସନରେ ବିଜୟୀ ହୋଇଛନ୍ତି। ସେହିପରି ମୁଖ୍ୟ ବିରୋଧୀ ଦଳ କଂଗ୍ରେସକୁ ୪୮ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ଉପା ଖାତାକୁ ଯାଇଛି ୮୮ ସିଟ୍। ତାମିଲନାଡୁରେ ଏଆଇଏଡିଏମ୍‌କେ ପାଇଁ ବିପର୍ଯ୍ୟୟ ଆଣିଦେଇଥିବା ଏମ୍.କେ. ଷ୍ଟାଲିନ୍‌ଙ୍କ ଡିଏମ୍‌କେ ଏଥର ୨୩ ଆସନ ଦଖଲ କରି ଆଗରେ ରହିଛି। ମହାରାଷ୍ଟ୍ରରେ ଶରଦ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)କୁ ୫ ଆସନରେ ସଫଳତା ମିଳିଥିବାବେଳେ ଇଣ୍ଡିଆନ୍ ୟୁନିୟନ୍ ମୁସଲିମ୍ ଲିଗ୍ (ଆଇୟୁଏମ୍‌ଏଲ୍) ଏବଂ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ୩ଟି ଲେଖାଏ ସିଟ୍ ଅକ୍ତିଆର କରିଛନ୍ତି। ଉପା ସହଯୋଗୀ ଜେଏମ୍‌ଏମ୍, କେସିଏମ୍, ଭିସିକେ, ଆର୍‌ଏସ୍‌ପି, ଜେଡିଏସ୍ ଏବଂ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଗୋଟିଏ ଲେଖାଏ ଆସନ ମିଳିଛି।

ଅନ୍ୟପକ୍ଷରେ କୌଣସି ମେଣ୍ଟରେ ସାମିଲ ନ ହୋଇ ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଥିବା ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମାତ୍ର ଗୋଟିଏ ଆସନ ହାତେଇବାରେ ସକ୍ଷମ ହୋଇଛି। ବିରୋଧୀ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଅନ୍ୟତମ ଦାବିଦାର ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦୁର୍ଗ ଭେଦ କରିବାରେ ଶାହ-ମୋଦି ଯୋଡ଼ିକୁ ସଫଳତା ମିଳିଛି। ଗୈରିକ ଦଳ ଏଠାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ୨୨ ଆସନରେ ସୀମିତ ରହିବାକୁ ବାଧ କରିଛି। ଓଡ଼ିଶାରେ କ୍ଷମତାସୀନ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ (ବିଜେଡି) ୧୨ ଲୋକ ସଭା ଆସନ ଦଖଲ କରିଛି। ସେହିପରି ମୋଦିଙ୍କୁ କ୍ଷମତାରୁ ଦୂରେଇ ରଖିବା ପାଇଁ ଉତ୍ତରପ୍ରଦେଶରେ ଅଣ୍ଟାଭିଡ଼ିଥିବା ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି), ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏବଂ ଅଜିତ ସିଂଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି)କୁ ଆଶାନୁରୂପ ସଫଳତା ମିଳିପାରି ନାହିଁ। ଏଠାରେ ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମହାମେଣ୍ଟକୁ ୧୬ ଆସନରେ ମନ ବୁଝାଇବାକୁ ପଡ଼ିଛି। ତୃତୀୟ ସାମ୍ମୁଖ୍ୟର ନେତୃତ୍ୱ ନେଇ ଦିଲ୍ଲୀରେ କ୍ଷମତାର ସ୍ୱାଦ ଚାଖିବା ପାଇଁ ଉଦ୍ୟମ ଚଳାଇଥିବା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ୯ ଆସନ ଦଖଲ କରିଛି। ସିପିଆଇଏମ୍‌କୁ ୩ ଓ ସିପିଆଇକୁ ୨ ଆସନ ଦେଇ ବାମପନ୍ଥୀ ଦଳଗୁଡ଼ିକୁ ମଧ୍ୟ ଭୋଟର ପ୍ରତ୍ୟାଖ୍ୟାନ କରିଛନ୍ତି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ୍ ଓୱାଇସି ନିଜ ଆସନ ହାଇଦ୍ରାବାଦରେ ବିଜୟୀ ହୋଇଥିବାବେଳେ ଏଆଇୟୁଡିଏଫ୍ ମୁଖ୍ୟ ବଦ୍‌ରୁଦ୍ଦିନ୍ ଅଜ୍‌ମଲ ଆସାମର ଧୁବ୍ରି ଆସନରେ ଜିତିଛନ୍ତି। ସେହିପରି ୩ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ଏନ୍‌ପିଏଫ୍ ଏବଂ ଏସ୍‌ଡିଏଫ୍ ଗୋଟିଏ ଲେଖାଏ ଆସନରେ ବିଜୟୀ ହୋଇଛନ୍ତି। ତେବେ ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଏଥର ଜନାଦେଶ ଝଟକା ଦେଇଛି। ଜାତୀୟ ରାଜଧାନୀର ସମସ୍ତ ୭ଟି ଆସନ ଭାଜପା ହାତକୁ ଯାଇଛି।

ସୂଚନାଯୋଗ୍ୟ, ୨୦୧୪ ସାଧାରଣ ନିର୍ବାଚନରେ ୫୪୩ ଆସନ ମଧ୍ୟରୁ ଭାଜପା ୨୮୩ (କୁହୁକ ସଂଖ୍ୟା ୨୭୨ଠାରୁ ୧୧ ଅଧିକ) ଆସନ ଦଖଲ କରି ୩ ଦଶନ୍ଧି ମଧ୍ୟରେ ପ୍ରଥମ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। ସେହିପରି ଏନ୍‌ଡିଏକୁ ୩୩୭ ଆସନରେ ସଫଳତା ମିଳିଥିଲା। ବିରୋଧୀ କଂଗ୍ରେସକୁ ମାତ୍ର ୪୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

## ପଞ୍ଚମରେ...

ହାରି ଯାଇଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ରବି ନାରାୟଣ ନନ୍ଦ, ଦେବାଶିଷ ସାମନ୍ତରାୟ, ପ୍ରସନ୍ନ ଆଚାର୍ଯ୍ୟ, ମହେଶ୍ୱର ମହାନ୍ତି, ସଞ୍ଜୟ ଦାସବର୍ମା, ସରୋଜିନୀ ହେମ୍ବ୍ରମ ପ୍ରମୁଖ ପରାଜିତ ହୋଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଅନନ୍ତ ସେଠୀ, ଚୀରଞ୍ଜୀବୀ ବିଶ୍ୱାଳ ପରାଜିତ ହୋଇଛନ୍ତି।

ଅନ୍ୟପକ୍ଷରେ ଏହି ନିର୍ବାଚନରେ ଭାଜପାକୁ ଯେପରି ଫାଇଦା ମିଳିବ ବୋଲି ଦଳୀୟ ନେତା ଆଶା କରିଥିଲେ, ସେହି ପରିମାଣରେ ତାହା ବାସ୍ତବ ରୂପ ନେଇପାରି ନାହିଁ। ଫଳରେ ରାଜ୍ୟରେ କ୍ଷମତାକୁ ଫେରିବା ଆଶା ମଉଳି ଯାଇଛି। ଯଦିଓ ଲୋକ ସଭା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମ୍ୟାଜିକ୍ କିଛି ମାତ୍ରାରେ କାମ କରିଛି, ବିଧାନସଭା କ୍ଷେତ୍ରରେ ଏହାର କୌଣସି ପ୍ରଭାବ ଦେଖିବାକୁ ମିଳି ନାହିଁ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ମିଶନ ୧୨୦ ସମ୍ପୂର୍ଣ୍ଣ ଫେଲ ମାରିଛି। ଚଳିତ ନିର୍ବାଚନରେ ରାଜ୍ୟ ନେତୃତ୍ୱ ପୁଣି ଥରେ ପ୍ରଭାବହୀନ ପ୍ରମାଣିତ ହୋଇଛି। ଗତ ନିର୍ବାଚନରେ ଭାଜପା ୧୦ଟି ଆସନ ପାଇଥିବା ବେଳେ ଚଳିତ ନିର୍ବାଚନରେ ମାତ୍ର ୨୩ଟି ଆସନରେ ଦଳକୁ ସନ୍ତୁଷ୍ଟ ହେବାକୁ ପଡିଛି। ଲୋକ ସଭାରେ ଭାଜପା ୭ ଟି ଅଧିକ ସିଟ ପାଇବାରେ ସଫଳ ହୋଇଛି। ହେଲେ ବିଧାନସଭା ନିର୍ବାଚନ ଫଳାଫଳ ରାଜ୍ୟ ନେତୃତ୍ୱକୁ ବ୍ୟଥିତ କରିଛି। ତୃଣମୂଳ ସ୍ତରରେ ଭାଜପା ନିଜର ସ୍ଥିତି ଜାହିର କରିବାରେ ବିଫଳ ହେବାରୁ ଏଭଳି ସ୍ଥିତି ଭୋଗିବାକୁ ପଡିଛି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ତେବେ ଭାଜପା କଂଗ୍ରେସଠାରୁ ମୁଖ୍ୟ ବିରୋଧୀ ଦଳ ଆସନ ଛଡାଇ ନେବା କିଛି ମାତ୍ରାରେ ଆଶ୍ୱସ୍ତି ଦେଇଛି। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କଳାହାଣ୍ଡି ଲୋକ ସଭା ଆସନରୁ ବିଜୟୀ ହୋଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ବେଳେ ନୂଆପଡାରେ ଭାଜପା ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଏହାକୁ ନେଇ ସେତେବେଳେ ତାଙ୍କ ନେତୃତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ବିଜୟ ତାଙ୍କର ପୁରୁଣା କ୍ଷତକୁ କିଛି ମାତ୍ରାରେ ଉପଶମ କରିଛି।

ଚଳିତ ନିର୍ବାଚନ ଫଳାଫଳ କଂଗ୍ରେସକୁ ବଡ଼ ଝଟକା ଦେଇଛି। ଦଳ ଉଭୟ ଲୋକ ସଭା ଓ ବିଧାନସଭାରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଲୋକ ସଭା ଆସନରେ ଦଳ ଖାତା ଖୋଲି ପାରି ନ ଥିବା ବେଳେ ବିଧାନସଭାରେ ମାତ୍ର ୯ଟି ଆସନ ପାଇବାରେ ସକ୍ଷମ ହୋଇଛି। ଦଳୀୟ କନ୍ଦଳ ଓ ନିର୍ବାଚନ ପରିଚାଳନାରେ ତ୍ରୁଟି ଯୋଗୁ କଂଗ୍ରେସକୁ ଏଭଳି ଦଶା ଭୋଗିବାକୁ ପଡିଛି ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି। ୨୦୧୪ରେ ଦଳକୁ ୧୬ଟି ବିଧାନସଭା ଆସନ ମିଳିଥିବା ବେଳେ ଚଳିତ ନିର୍ବାଚନରେ ସେଥିରୁ ୭ଟି ଆସନ ହରାଇବାକୁ ପଡିଛି। ଏଥିଯୋଗୁ କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ମାନ୍ୟତାରୁ ବଞ୍ଚିତ ହୋଇଛି। ଏପରିକି ରାଜ୍ୟରେ କଂଗ୍ରେସର ମଙ୍ଗ ଧରିଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ପରାଜୟ ଦୁର୍ଦ୍ଦଶାରୁ ମଧ୍ୟ ବର୍ତ୍ତି ପାରିନାହାନ୍ତି। ତାଙ୍କର ପାରମ୍ପରିକ ଆସନ କେନ୍ଦୁଝରର ଘସିପୁରାରୁ କାଳେ ହାରିଯିବେ ସେଇ ଭୟରେ ସେ ଭଦ୍ରକ ଜିଲାର ଭଣ୍ଡାରୀପୋଖରୀ ଆସନରୁ ମଧ୍ୟ ନିର୍ବାଚନ ଲଢୁଥିଲେ। ମାତ୍ର ଏ ଦୁଇଟିରୁ ସେ କୌଣସି ଗୋଟିଏ ଆସନରୁ ମଧ୍ୟ ବିଜୟୀ ହୋଇପାରି ନାହାନ୍ତି। ଦଳର ଏଭଳି ଦୁର୍ଦ୍ଦଶା ପାଇଁ କଂଗ୍ରେସର ବରିଷ୍ଠ ନେତାମାନେ ପିସିସି ସଭାପତିଙ୍କୁ ଖୋଲାଖୋଲି ସମାଲୋଚନା କରିଛନ୍ତି। ଦଳର ଏଭଳି ପ୍ରଦର୍ଶନକୁ ନେଇ କଂଗ୍ରେସ କର୍ମୀ ମହଲରେ ହାତାଶାଭାବ ଖେଳିଯାଇଛି।

ଭୋଟ ପ୍ରତିଶତକୁ ଯଦି ଦେଖାଯାଏ ତେବେ ୨୦୧୪ ନିର୍ବାଚନ ତୁଳନାରେ ଭାଜପାର ଭୋଟ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ବିଜେଡିର ସାମାନ୍ୟ ହ୍ରାସ ହୋଇଛି। କଂଗ୍ରେସର ଭୋଟ ପ୍ରତିଶତ ଅତିମାତ୍ରାରେ ତଳକୁ ଖସି ଯାଇଛି। ୨୦୧୪ରେ ଭାଜପାର ଭୋଟ ପ୍ରତିଶତ ୨୧.୮୮ ପ୍ରତିଶତ ଥିବା ବେଳେ ଚଳିତ ନିର୍ବାଚନରେ ୧୬.୪୯ ପ୍ରତିଶତକୁ ବୃଦ୍ଧି ପାଇ ୩୮.୩୭ ପ୍ରତିଶତରେ ପହଞ୍ଚିଛି। ଭୋଟ ପ୍ରତିଶତ ବୃଦ୍ଧି ପାଇଥିଲେ ମଧ୍ୟ ସେହି ଅନୁପାତରେ ଭାଜପାକୁ ବିଧାନସଭାରେ ଫାଇଦା ମିଳି ପାରି ନାହିଁ। ତେବେ ଦଳ କଂଗ୍ରେସକୁ ପଛରେ ପକାଇ ରାଜ୍ୟରେ ଦ୍ୱିତୀୟ ଦଳ ଭାବେ ଉଭା ହୋଇଛି। ଅନ୍ୟପକ୍ଷରେ ୪ଟି ପାଳି ଶାସନ କରିବା ପରେ ମଧ୍ୟ ବିଜେଡିର ଭୋଟ ହାରରେ ସେପରି ଆଖିଦୃଶିଆ ହ୍ରାସ ହୋଇନାହିଁ। ୨୦୧୪ରେ ବିଜେଡିକୁ ମୋଟ ୪୪.୭୭ ପ୍ରତିଶତ ଭୋଟ ମିଳିଥିବା ବେଳେ ଚଳିତ ନିର୍ବାଚନରେ ୪୨.୪୯ ପ୍ରତିଶତକୁ ହ୍ରାସ ପାଇଛି। ଦଳକୁ ପ୍ରାୟ ଦୁଇ ପ୍ରତିଶତ ଭୋଟ ହରାଇବାକୁ ପଡିଛି। ଏଥିଯୋଗୁ ଦଳକୁ ସେପରି କିଛି ବଡ ଧରଣର କ୍ଷତି ହୋଇ ନାହିଁ। ବିଜେଡି ପୁଣି ଥରେ ଶାସନ ଗାଦି ଫେରି ପାଇଛି। ଅନ୍ୟପକ୍ଷରେ କଂଗ୍ରେସ ଧୀରେ ଧୀରେ ରାଜ୍ୟରେ ସତ୍ତା ହରାଇବା ସ୍ଥିତିକୁ ଚାଲି ଆସିଛି। ଗତ ଦୁଇ ଦଶନ୍ଧି ଧରି କ୍ଷମତାରୁ ଦୂରରେ ରହିଥିବା ଏହି ଦଳର ୨୦୧୪ରେ ଭୋଟ ହାର ୨୬.୩୮ ପ୍ରତିଶତ ଥିବାବେଳେ ଚଳିତ ନିର୍ବାଚନରେ ୧୩ ପ୍ରତିଶତ ତଳକୁ ଖସି ୧୩.୬୭ ପ୍ରତିଶତରେ ପହଞ୍ଚିଯାଇଛି। ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ଥିବା ଏହି ଜାତୀୟ ଜଳ ତୃତୀୟ ସ୍ଥାନକୁ ଖସି ଯାଇଛି। କଂଗ୍ରେସର ଭୋଟ ସିଧା ଭାଜପାକୁ ଯାଇଥିବା ବେଳେ ବିଜେଡିକୁ ପସନ୍ଦ କରୁଥିବା ମତଦାତା ନବୀନଙ୍କଠାରୁ ଏ ପର୍ଯ୍ୟନ୍ତ ମୁହଁ ମୋଡି ନାହାନ୍ତି।

## ଏଭରେଷ୍ଟ ଆରୋହୀ...

ଦଳ ନେତୃତ୍ୱ ନେଇଥିଲେ। ଚଳିତ ସ୍ପ୍ରିଙ୍ଗ୍ କ୍ଲାଇମ୍ବିଂ ସେସନରେ ୮,୦୦୦ ମିଟର ଉଚ୍ଚରେ କଳ୍ପନାଙ୍କ ସମେତ ଏପର୍ଯ୍ୟନ୍ତ ୧୪ଜଣ ପର୍ବତାରୋହୀ ପ୍ରାଣ ହରାଇଛନ୍ତି। ମୁମ୍ବାଇର ୫୪ ବର୍ଷୀୟା ଅଞ୍ଜଳି ଏସ୍. କୁଲକର୍ଣ୍ଣୀ ମଧ୍ୟ ଏଭରେଷ୍ଟ ଶିଖରରୁ ଅବତରଣ କରିବାବେଳେ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ। ଏଭରେଷ୍ଟରେ ୫ଜଣ, କାଞ୍ଚନଜଙ୍ଘା ଓ ମାକାଲୁ ଶୃଙ୍ଗରେ ୩ଜଣ ଲେଖାଏ, ଲୋସେ, ଅନ୍ନପୂର୍ଣ୍ଣା ଓ ଚୋ ଓୟୁ ଶୃଙ୍ଗରେ ଜଣେ ଲେଖାଏ ପର୍ବତାରୋହୀ ମୃତ୍ୟୁ ବରଣ କରିଛନ୍ତି।

# କଂଗ୍ରେସ ଗଡ଼ରେ ବିଜେଡିର ଶଙ୍ଖନାଦ

## କୋରାପୁଟ ଜିଲାର ୫ ଆସନରୁ ବିଜେଡି ୪, କଂଗ୍ରେସ ୧

**କୋରାପୁଟ, ୨୩।୫(ସ୍ୱ.ପ୍ର.)**

କୋରାପୁଟ ଜିଲା ଅଧୀନ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଏଥର ଚକିତ କଲା ଭଳି ନିର୍ବାଚନୀ ଫଳାଫଳ ମିଳିଛି। ୨୦୧୪ ନିର୍ବାଚନରେ କୋରାପୁଟ ଜିଲାର ଏହି ୫ଟି ଆସନରୁ କଂଗ୍ରେସ ୪ ଓ ବିଜେଡି ମାତ୍ର ଗୋଟିଏ ଆସନରେ ବିଜୟ ଲାଭ କରିଥିଲା। ଏକମାତ୍ର ପଟ୍ଟାଙ୍ଗିରେ ବିଜେଡି ଓ କୋରାପୁଟ, ଲକ୍ଷ୍ମୀପୁର, କୋଟପାଡ଼ ଓ ଜୟପୁରରେ କଂଗ୍ରେସର ବିଧାୟକ ଥିଲେ। କଂଗ୍ରେସର ଗଡ଼ ଭାବେ ପରିଚିତ ଥିବା କୋରାପୁଟ ଜିଲାରେ କିନ୍ତୁ ଏଥର ୪ଟି ଆସନରେ ଶଙ୍ଖଧ୍ୱନି ଶୁଭିଛି। ସର୍ବଶେଷ ଖବର ମୁତାବକ କୋରାପୁଟ, ପଟ୍ଟାଙ୍ଗି ଆସନରେ ବିଜେଡି ଜିତିଥିବା ବେଳେ କୋଟପାଡ଼ ଓ ଲକ୍ଷ୍ମୀପୁରରେ ବିଜେଡି ପ୍ରାର୍ଥୀ ଅଗ୍ରଣୀ ରହିଥିବା ଜଣାପଡ଼ିଛି। ଏକମାତ୍ର ଜୟପୁରରେ କଂଗ୍ରେସର ତାରାପ୍ରସାଦ ବାହିନୀପତି ନିଜ ଗଡ଼ ରକ୍ଷା କରିପାରିଛନ୍ତି। କୋରାପୁଟରେ ବିଜେଡିର ରଘୁରାମ ପଡ଼ାଲ, ପଟ୍ଟାଙ୍ଗିରେ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁରରେ ପ୍ରଭୁ ଜାନି, କୋଟପାଡ଼ରେ ପଦ୍ମିନୀ ଦିଆନ ଜିତିଛନ୍ତି। ତେବେ ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଯେ ଏଥର ଉପରୋକ୍ତ ୫ଟି ନିର୍ବାଚନ ମଣ୍ଡଳୀରେ ଭାଜପା ପୂର୍ବାପେକ୍ଷା ଭଲ ଫଳ କରିବା ସହ ଦଳର ଭୋଟ୍ ପ୍ରତିଶତ ବଢ଼ିଥିବା କୁହାଯାଉଛି। ନିର୍ବାଚନମଣ୍ଡଳୀରେ ମୋଦିଙ୍କ ଗସ୍ତ ପରେ ତାଙ୍କ ନାମର ଲହର ସୃଷ୍ଟି ହୋଇଥିବା ବେଳେ ଭାଜପାର ପ୍ରାର୍ଥୀମାନେ କିନ୍ତୁ ଏହାର ସମ୍ପୂର୍ଣ୍ଣ ଫାଇଦା ନେଇପାରିଲେ ନାହିଁ। କୋରାପୁଟ ସଂସଦୀୟ କ୍ଷେତ୍ରରେ ଭାଜପାର ଜୟରାମ ପାଙ୍ଗୀଙ୍କୁ ପ୍ରମୁଖ ଦାବିଦାର କୁହାଯାଉଥିବା ବେଳେ ତାଙ୍କର ମାତ୍ରାଧିକ ଆତ୍ମବିଶ୍ୱାସ ତାଙ୍କ ପାଇଁ କାଳ ସାଜିଲା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହେଲାଣି। କୋରାପୁଟ ଲୋକସଭା କ୍ଷେତ୍ରରେ ପ୍ରାରମ୍ଭିକ ଗଣତି ବେଳେ ଜୟରାମ ପାଙ୍ଗି ଆଗୁଆ ଥିବାବେଳେ ତାଙ୍କର ନିକଟତର ଥିଲେ ବିଜେଡିର କୌଶଲ୍ୟା ହିକ୍‌କା। କିନ୍ତୁ ପରେ କୌଶଲ୍ୟ ଅଗ୍ରଣୀ ହେବା ଆରମ୍ଭ କରିବା ପରେ ଦ୍ୱିତୀୟ ସ୍ଥାନକୁ ଆସିଯାଇଥିଲେ କଂଗ୍ରେସର ସପ୍ତଗିରି ଉଲାକା। ଗଣତିର ସର୍ବଶେଷ ରିପୋର୍ଟ ଅନୁଯାୟୀ କଂଗ୍ରେସର ସପ୍ତଗିରି ଉଲାକା ଅଗ୍ରଣୀ ଥିବାବେଳେ ଦ୍ୱିତୀୟ ସ୍ଥାନରେ କୌଶଲ୍ୟା ଓ ତୃତୀୟ ସ୍ଥାନରେ ଜୟରାମ ରହିଥିବା ଜଣାପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କର୍ମ ସ୍ଥାନରେ ଚନ୍ଦ୍ର ଚତୁର୍ଥଭାବକୁ ଦେଖୁଥିବାରୁ ଗୃହ, ଭୂମି, ଗାଡ଼ି, ମୋଟର ଦିଗରୁ ଲାଭବାନ୍ ହେବେ। କିନ୍ତୁ ବନ୍ଧୁବାନ୍ଧବ, ସହକର୍ମୀ, ଧାର କରଜ, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହର ସମ୍ଭାବନା ମଧ୍ୟ ଦେଖାଦେଇପାରେ। ଅବଶ୍ୟ, ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ।

**ବୃଷ**
ଗ୍ରହ ପ୍ରାଧାନ୍ୟତାରୁ ବନ୍ଧୁମାନଙ୍କ ସାହାଯ୍ୟରେ ଅସ୍ୱସ୍ତିକର ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସ୍‌କୁ ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ**
ଅଷ୍ଟମ ଚନ୍ଦ୍ର ପ୍ରଭାବରୁ ବିଭିନ୍ନ ପ୍ରକାରର ପ୍ରତିବନ୍ଧକକୁ ସାମ୍‌ନା କରିବାକୁ ପଡ଼ିପାରେ। ଅବଶ୍ୟ ଆଜି ସାୟାହ୍ନେ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାର ଅସୁବିଧା ନ ହେଲେ ମଧ୍ୟ ମନ ଅସ୍ଥିର ରହିବ।

**କର୍କଟ**
ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଅର୍ଥଲାଭ ସାଙ୍ଗକୁ ସାମାଜିକ ସ୍ତରରେ ମଧ୍ୟ ସମ୍ମାନିତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ନିଶ୍ଚିତ। ସନ୍ତାନ ହେତୁକ ଚିନ୍ତା ନାହିଁ। ସକାଳୁ ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସୀ ହୋଇ ଯାଇପାରେ। ନିକଟସ୍ଥ ଈର୍ଷାପରାୟଣ ବ୍ୟକ୍ତି ବିଶେଷ ପରୋକ୍ଷ ସମାଲୋଚନା କରିପାରନ୍ତି। ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା**
ଭାଗ୍ୟସ୍ଥାନକୁ ପ୍ରଭାବଶାଳୀ ଗ୍ରହମାନେ ପ୍ରଭାବିତ କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ କିନ୍ତୁ ଝଗଡ଼ା ପରେ। ଅଫିସ୍ କାମରେ ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିପାରନ୍ତି।

**ତୁଳା**
ବିଶେଷ କିଛି ଅସୁବିଧା ନ ଥାଇ ଆଜିର ଜୀବନଯାତ୍ରା ସ୍ୱାଭାବିକ ରହିବ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିପାରନ୍ତି। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବ।

**ବିଛା**
ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବା ସହ ଅନ୍ୟମାନଙ୍କ ଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରିବେ। ବ୍ୟବସାୟ ଓ ବାଣିଜ୍ୟ, ରାଜନୈତିକ ଓ ସାମାଜିକ ସ୍ଥିତି ପ୍ରାୟତଃ ନିରୁପଦ୍ରବ ରହିବ। ପାଖ, ପଡ଼ୋଶୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ।

**ଧନୁ**
ସମୟର ବୈଚିତ୍ର୍ୟତାକୁ ନେଇ ବିଭିନ୍ନ ସମସ୍ୟାରେ ଜଡ଼ିତ ହୋଇଥିବାରୁ ମନ ବିଚଳିତ ରହିବ। ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଅବଶ୍ୟ ପୂର୍ବାଷାଢ଼ା ନକ୍ଷତ୍ରର କୁଟୀର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ କ୍ଷେତ୍ର ଭଲ ରହିବ।

**ମକର**
ଅସଜଡ଼ା ପରିସ୍ଥିତିକୁ ସହକର୍ମୀଙ୍କ ଜରିଆରେ ସଜାଡ଼ି ନେବେ। ପ୍ରକଳ୍ପ କାର୍ଯ୍ୟ, ପରିବହନ, ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁର୍ଭାବନା ସୃଷ୍ଟି ହୋଇପାରେ। ବେଳକାଳ ଉଣ୍ଡି ଠିକଣା ସମୟରେ ଉଚିତ ପଦକ୍ଷେପ ନେଲେ କୃତକାର୍ଯ୍ୟ ହୋଇ ପାରିବେ।

**କୁମ୍ଭ**
ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଆଜିର ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ। ଜମିଜମା କାରବାର, ଯାନ୍ତ୍ରିକ ଶିଳ୍ପ ସମସ୍ୟା ମୁକ୍ତ ରହିବାର ସମ୍ଭାବନା ରହିଛି। ଅର୍ଥନୈତିକ, ପାରିବାରିକ ଦିଗ ବହୁତ ଭଲ ରହିବ।

**ମୀନ**
କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଲଦି ପାରନ୍ତି। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ପାରିବାରିକ କ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ସାମ୍ବାଦିକତା, ନୂତନ ବନ୍ଧୁ ସମ୍ପର୍କରେ ବିଶେଷ ଉନ୍ନତି କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ ଶୁକ୍ରବାର, ମେ ୨୪ ତାରିଖ, ରାଶିନକ୍ଷତ୍ର–ଦିବା ଘ୮।୦୮ମି. ଗତେ, ଶ୍ରବଣା/ମକର, କର୍କଟ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ ଓ ଗୃହ ପ୍ରବେଶ ପାଇଁ ଶୁଭ ଦିନ। ଦିବା ଘ୬।୫୦ମି. ମଧ୍ୟେ ଘ୪।୩୪ମି. ଗତେ, ଘ୬।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୬।୫୦ମି. ଗତେ ଘ୮।୨୦ମି. ମଧ୍ୟେ ଘ୧୧।୪୧ମି. ଗତେ ଘ୧।୧୮ମି. ମଧ୍ୟେ ମାହେନ୍ଦ୍ରବେଳା।

**classifieds Everyday**
**0674-2580101, 2549302**

**automobile**

**HIRE**

ମାସିକିଆ ଭଡ଼ା ସୂତ୍ରରେ Auto ଏବଂ Tata Magic ଆବଶ୍ୟକ। Contact: 9078000108, 6361358814. D-12574

**real estate**

**SALE**

ଭୁବନେଶ୍ୱର ଗଙ୍ଗପଡ଼ା NH side plot 1200 ବର୍ଗଫୁଟକୁ 4,18,000/-, କିଛି ଦୂରତାରେ 1,44,000/- 7682934667, 6371207316. D-66372

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାଙ୍କୁଲେଇ ପୀଠଠାରେ 1200କୁ 3,00,000/- (outright) 9348817649, 8144706560. D-66377

ଭୁବନେଶ୍ୱର KEC, ଗୁଡିଆ ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12573

ଭୁବନେଶ୍ୱର ରେଡଙ୍ଗ ଷ୍ଟେସନ ସାମ୍ନାରେ ସ୍ଥିତିବାନ possession plot ୨୮୦ ଟଙ୍କାରେ କିଣି ଘର କରନ୍ତୁ: 6370924129. D-66382

Outright conversion demarcation plot sale ବ୍ରାହ୍ମଣଝରିଲୋ ନଖରାରୁ ୫ କିଲୋମିଟର 3000 sqft 16,50,000/-, Argul IIT 4,50,000/-. 9861281504. D-66379

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 20 ଦୂରତାରେ BDA plot ମିଳୁଅଛି: 8917543041. D-66380

800m from Brahmahanjharilo Chaka 6.5 Guntha, 2Km from Pratap Nagari CTC to BBSR NH5 Road Gharabadi Commercial Plot. Mobile: 7978436284. D-12630

1500 sqft. (6nos), 2000 sqft (7nos) main road side Plot, infront Tata Ariana Ghatikia, Sankarpur, Bhubaneswar 30ft. Road, Electricity, supply water available: 8114744495, 8328943165. D-66467

Now Matrimonial ads. only on Wednesday & Sunday
Book 1 Get 1 FREE

**Gharabari plot sale at Trisulia Banki main road side 600 mtrs distance from Trisulia Chhak Rs.1900/ sqft. 9438664354, 9937253888.** D-66533

**to-let**

850 sqft. 1st floor Corporate office commercial space available at Kalsi complex behind Kalsi petrol pump. Contact: 9437001845, 8599090186. D-66466

6000 sqft. new building on rent for office and commercial purpose. Back of Bhubaneswar Airport. Contact: 9958003695. D-58086

**healthcare**

New new openly full body massage leadies gents AC room: 7609923705. D-38553

**business**

We are taken (AMC) for lift, generator, electrical work: 7381239233. D-64968

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



**ଆଶୁତୋଷ ପଲାଇ**
S/o: ଶିବ ପ୍ରସାଦ ପଲାଇ
ସନ୍ଧ୍ୟାରାଣୀ ପଲାଇ
(ଝରିଆ, ଟାଙ୍ଗୀ)
ଧନ ତୋର ଚଲାପଥ କୁସୁମିତ ହେଉ, ତୋ ଉପରେ ଆଶୀର୍ବାଦ ସଦା ସମସ୍ତଙ୍କର ରହୁ, **ଶୁଭେଚ୍ଛା ସହ:** ଜେଜେ, ଜେଜେ ମା, ବାପା, ବୋଉ, ମାମୁନି, ପୂଜା, ମହାକାଳୀ ମୋଟର୍ସର ସମସ୍ତ କର୍ମଚାରୀ ବୃନ୍ଦ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୬୩୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୩୧୫/– (ଫଟୋ ସହ) ଏବଂ ଟ୨୧୦/– (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନବନିର୍ବାଚିତ ସଦସ୍ୟ

୧. ବରଗଡ଼



ସୁରେଶ ପୂଜାରୀ
ଭାଜପା

୨. ସୁନ୍ଦରଗଡ଼



ଜୁଏଲ ଓରାମ
ଭାଜପା

୩. ସମ୍ବଲପୁର



ନୀତେଶ ଗଙ୍ଗଦେବ
ଭାଜପା

୪. କେନ୍ଦୁଝର



ଚନ୍ଦ୍ରାଣୀ ମୁର୍ମୁ
ବିଜେଡି

୫. ମୟୂରଭଞ୍ଜ



ବିଶେଶ୍ୱର ଟୁଡୁ
ଭାଜପା

୬. ବାଲେଶ୍ୱର



ପ୍ରତାପ ଷଡ଼ଙ୍ଗୀ
ଭାଜପା (ଅଗ୍ରଣୀ)

୭. ଭଦ୍ରକ



ମଞ୍ଜୁଲତା ମଣ୍ଡଳ
ବିଜେଡି (ଅଗ୍ରଣୀ)

୮. ଯାଜପୁର



ଶର୍ମିଷ୍ଠା ସେଠୀ
ବିଜେଡି

୯. ଢେଙ୍କାନାଳ



ମହେଶ ସାହୁ
ବିଜେଡି

୧୦. ବଲାଙ୍ଗୀର



ସଙ୍ଗୀତା କୁମାରୀ ସିଂହଦେଓ
ଭାଜପା

୧୧. କଳାହାଣ୍ଡି



ବସନ୍ତ କୁମାର ପଣ୍ଡା
ଭାଜପା

୧୨. ନବରଙ୍ଗପୁର



ରମେଶ ଚନ୍ଦ୍ର ମାଝୀ
ବିଜେଡି (ଅଗ୍ରଣୀ)

୧୩. କନ୍ଧମାଳ



ଅଚ୍ୟୁତ ସାମନ୍ତ
ବିଜେଡି

୧୪. କଟକ



ଭର୍ତ୍ତୃହରି ମହତାବ
ବିଜେଡି

୧୫. କେନ୍ଦ୍ରାପଡ଼ା



ଅନୁଭବ ମହାନ୍ତି
ବିଜେଡି

୧୬. ଜଗତସିଂହପୁର



ରାଜଶ୍ରୀ ମଲ୍ଲିକ
ବିଜେଡି

୧୭. ପୁରୀ



ପିନାକୀ ମିଶ୍ର
ବିଜେଡି (ଅଗ୍ରଣୀ)

୧୮. ଭୁବନେଶ୍ୱର



ଅପରାଜିତା ଷଡ଼ଙ୍ଗୀ
ଭାଜପା (ଅଗ୍ରଣୀ)

୧୯. ଆସ୍କା



ପ୍ରମିଳା ବିଶୋୟୀ
ବିଜେଡି

୨୦. ବ୍ରହ୍ମପୁର



ଚନ୍ଦ୍ରଶେଖର ସାହୁ
ବିଜେଡି

୨୧. କୋରାପୁଟ



ସପ୍ତଗିରି ଉଲାକା
କଂଗ୍ରେସ (ଅଗ୍ରଣୀ)

# ଓଡ଼ିଶାର ପ୍ରମୁଖ ପରାଜିତ ପ୍ରାର୍ଥୀ

## ବିଧାନସଭା



ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି | ରବି ନାୟକ, ଭାଜପା | ଦାମୋଦର ରାଉତ, ଭାଜପା | ଚିରଞ୍ଜୀବ ବିଶ୍ୱାଳ, କଂଗ୍ରେସ | ପ୍ରଭାତି ପରିଡ଼ା, ଭାଜପା | ନନ୍ଦିନୀ ଦେବୀ, ବିଜେଡି | ପୀତାମ୍ବର ଆଚାର୍ଯ୍ୟ, ଭାଜପା | ଜୟଦେବ ଜେନା, କଂଗ୍ରେସ



ସୁରମା ପାଢୀ, ଭାଜପା | ପୂର୍ଣ୍ଣଚନ୍ଦ୍ର ନାୟକ, ଭାଜପା | ଭୁଜବଳ ମାଝୀ, କଂଗ୍ରେସ | ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ | ବିଜୟ ପ୍ରଧାନ, ଭାଜପା | ଦେବେନ୍ଦ୍ର ଶର୍ମା, କଂଗ୍ରେସ | ମହେଶ୍ୱର ମହାନ୍ତି, ବିଜେଡି | ପୃଥ୍ୱୀରାଜ ହରିଚନ୍ଦନ, ଭାଜପା



ପ୍ରସାଦ ହରିଚନ୍ଦନ, କଂଗ୍ରେସ | ସଞ୍ଜୟ ଦାସବର୍ମା, ବିଜେଡି | ରବିନାରାୟଣ ନନ୍ଦ, ବିଜେଡି | ଦେବାଶିଷ ସାମନ୍ତରାୟ, ବିଜେଡି | ସମୀର ଦେ, ଭାଜପା | ନୟନ କିଶୋର ମହାନ୍ତି, ଭାଜପା | ସରୋଜିନୀ ହେମ୍ବ୍ରମ, ବିଜେଡି | ଦେବାଶିଷ ପଟ୍ଟନାୟକ, କଂଗ୍ରେସ



ପ୍ରଦୀପ ନାୟକ, ଭାଜପା | ଭାଗୀରଥି ପ୍ରଧାନ, ଭାଜପା | ଅଶୋକ ମହାନ୍ତି, ଭାଜପା | କାଳନ୍ଦୀ ସାମଲ, ଭାଜପା | କନକବର୍ଦ୍ଧନ ସିଂହଦେଓ, ଭାଜପା | ପ୍ରଦୀପ ପୁରୋହିତ, ଭାଜପା | ରଘୁନାଥ ମହାନ୍ତି, ଭାଜପା | ଜୀବନ ପ୍ରଦୀପ ଦାସ, ବିଜେଡି



ପ୍ରକାଶ ବେହେରା, ଭାଜପା | ଅଂଶୁମାନ ମହାନ୍ତି, କଂଗ୍ରେସ | ଗଣେଶ୍ୱର ବେହେରା, କଂଗ୍ରେସ | ଦେବରାଜ ମହାନ୍ତି, ଭାଜପା | ପିଙ୍କି ପ୍ରଧାନ, ଭାଜପା | ଅଶ୍ୱିନୀ ପୂଜାହାରୀ, କଂଗ୍ରେସ | ଲାଲବିହାରୀ ହିମିରିକା, ବିଜେଡି | ଶିଶିର ଗମାଙ୍ଗ, ଭାଜପା



ତ୍ରିନାଥ ଗମାଙ୍ଗ, ସ୍ୱାଧୀନ | ସୁରେନ୍ଦ୍ରସିଂ ଭୋଇ, କଂଗ୍ରେସ | ପଦ୍ମଲୋଚନ ପଣ୍ଡା, ଭାଜପା | ଅନନ୍ତ ସେଠୀ, କଂଗ୍ରେସ | ମନମୋହନ ସାମଲ, ଭାଜପା | କଲ୍ୟାଣୀ ଦେବୀ, ବିଜେଡି | ପର୍ଶୁରାମ ମାଝୀ, ଭାଜପା | ତିରୁପତି ପାଣିଗ୍ରାହୀ, ସ୍ୱାଧୀନ

## ଲୋକସଭା



ଶୈର ଖାରବେଳ ସ୍ୱାଇଁ, ଭାଜପା | ରାମକୃଷ୍ଣ ପଣ୍ଡା, ସିପିଆଇ | ବୈଜୟନ୍ତ ପଣ୍ଡା, ଭାଜପା



ବଳଭଦ୍ର ମାଝୀ, ଭାଜପା | ପ୍ରଦୀପ ମାଝୀ, କଂଗ୍ରେସ | ଜୟରାମ ପାଙ୍ଗୀ, ଭାଜପା



ଶରତ ପଟ୍ଟନାୟକ, କଂଗ୍ରେସ | ଭକ୍ତ ଦାସ, କଂଗ୍ରେସ | ପୁଷ୍ପେନ୍ଦ୍ର ସିଂହଦେଓ, ବିଜେଡି



ଜର୍ଜ ତୀର୍କି, କଂଗ୍ରେସ | ପ୍ରକାଶ ମିଶ୍ର, ଭାଜପା | ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି



ଭୃଗୁ ବକ୍ସିପାତ୍ର, ଭାଜପା | ପଞ୍ଚାନନ କାନୁନଗୋ, କଂଗ୍ରେସ | ଅରୂପ ପଟ୍ଟନାୟକ, ବିଜେଡି



ଜନାର୍ଦ୍ଦନ ପତି, ସିପିଆଇ(ଏମ୍) | ବିଭୁପ୍ରସାଦ ତରାଇ, ଭାଜପା | ନବଜ୍ୟୋତି ପଟ୍ଟନାୟକ, କଂଗ୍ରେସ

ଏ ପର୍ଯ୍ୟନ୍ତ ତୁମେ ଯାହା ହୋଇଛ– ସେ ସମ୍ବନ୍ଧେ ଚିନ୍ତା କରନାହିଁ। କିନ୍ତୁ ତୁମେ ଯାହା ହେବାକୁ ଚାହଁ (ମାନେ, ଯାହା ତୁମର ହେବା ଉଚିତ।) କେବଳ ସେହି ବିଷୟରେ ଚିନ୍ତା କର। ନିଶ୍ଚିତରୂପେ ତୁମର ଉନ୍ନତି ହେବ। –ଶ୍ରୀମା



# ବଜାରରୁ ସୂଚନା

୨୦୧୯ ନିର୍ବାଚନ ଫଳାଫଳର ବହୁଳାଂଶ ଏବେ ସ୍ପଷ୍ଟ ହୋଇଯାଇଛି, ତଥାପି ଅନେକ କିଛି ଖବରକାଗଜ ମୁଦ୍ରଣ ସୁଦ୍ଧା ବାକି ରହିଯାଇଛି। ଜଣାପଡ଼ିଥିବା ଫଳାଫଳରୁ ଏହା ସ୍ପଷ୍ଟ ଯେ, ନରେନ୍ଦ୍ର ଦାମୋଦରଦାସ ମୋଦି ତାଙ୍କର ଦ୍ୱିତୀୟ ପାଳି ଆରମ୍ଭ କରିବାକୁ ଯାଉଛନ୍ତି। ଭାରତୀୟ ଜନତା ପାର୍ଟି (ଭାଜପା)ର ବିଜୟ ଏ ଦେଶର ଅନେକ ଲୋକଙ୍କୁ ଚକିତ କରିଦେଇ ଥାଇପାରେ, ଯେଉଁମାନେ କହୁଥିଲେ ଯେ ବିମୁଦ୍ରୀକରଣ ଓ ପରେ ପରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ତରବରିଆ ଭାବେ ଲାଗୁକରିବା ଏବଂ ଆହୁରି ଅନେକ ଅର୍ଥନୈତିକ ପଦକ୍ଷେପ ଯୋଗୁ ଭାରତର ସାଧାରଣ ଜନତା ତଥା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗପତିମାନେ ବିଶେଷଭାବେ ପ୍ରଭାବିତ ହୋଇଛନ୍ତି। ଭାରତ ପୁଣିଥରେ ମେଣ୍ଟ ସରକାର ଅବସ୍ଥାକୁ ଫେରିପାରେ ବୋଲି ସାଧାରଣରେ ଅନେକେ କୁହାକୁହି ହେଉଥିବା ବେଳେ ଅନେକ ପଣ୍ଡିତ ଦାବି କରୁଥିଲେ ଯେ ଭାଜପାର ବିଜୟ ଆସନ୍ନ। ଅନ୍ୟମାନେ ବହୁଜନ ସମାଜ ପାର୍ଟିର ପ୍ରତିଷ୍ଠାତା କାଂଶୀରାମଙ୍କ ଉକ୍ତିକୁ ଉଲ୍ଲେଖ କରି କହୁଥିଲେ ଯେ, ଅସ୍ପଷ୍ଟ ଜନମତ ହେଉଛି ଗଣତନ୍ତ୍ରର ରକ୍ଷାକବଚ। କେତେକ କୁହାଳିଆ ମୋଦି ସପକ୍ଷବାଦୀ ପରିସ୍ଥିତିକୁ ଦେଖି ଶେଷ ଆଡ଼କୁ ଚୁପ୍ ହୋଇଯାଇଥିବାବେଳେ ଅନେକ ନୂଆ ଭୋଟର ମୋଦିଙ୍କ ପ୍ରତି ସମର୍ଥନରେ ଶତମୁଖ ହୋଇ ଉଠିଥିଲେ।

ତେବେ ନିର୍ବାଚନର ରାଜନୈତିକ ଫଳାଫଳ ଯେତିକି କୌତୂହଳ ସୃଷ୍ଟି କରିନାହିଁ, ତା'ଠୁ ଅଧିକ କୌତୂହଳ ସୃଷ୍ଟି କରିଛି ଏହି ଫଳାଫଳ ଉପରେ ବିତ୍ତ ବଜାରର ପ୍ରତିକ୍ରିୟା। ଲୋକ ସଭା ନିର୍ବାଚନରେ ଭାଜପାର ବିଜୟ ଅବଶ୍ୟମ୍ଭାବୀ ବୋଲି ପ୍ରାରମ୍ଭିକ ଟ୍ରେଣ୍ଡରୁ ଜଣାପଡ଼ିବା ପରେ ଗୁରୁବାର ବିଏସ୍‌ଇ ସେନ୍‌ସେକ୍ସ ୧୦୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇ ପ୍ରଥମଥର ପାଇଁ ୪୦,୦୦୦ ମାର୍କ ଛୁଇଁଥିବା ବେଳେ ଏନ୍‌ଏସ୍‌ଇ ନିଫ୍‌ଟି ଐତିହାସିକ ୧୨,୦୦୦ ସ୍ତରକୁ ଅତିକ୍ରମ କରିଛି। ବିତ୍ତ ବଜାର କେବେହେଲେ ପିଲାଖେଳ ନୁହେଁ। ଯେଉଁମାନେ ଏହାକୁ ବୁଝିପାରୁଛନ୍ତି, ସେମାନେ ଭାଗ୍ୟବାନ୍ କିନ୍ତୁ ଯେଉଁମାନେ ବୁଝିପାରୁ ନାହାନ୍ତି, ସେମାନେ ତାଙ୍କ ଅଜ୍ଞତା ଭିତରେ ରହିଥାନ୍ତି। ତେବେ ଏପରି ସମୟରେ ବିତ୍ତ ବଜାରର ବାଷ୍ପଶୀଳତା ଓ ଏହାର କୌତୂହଳଜନକ ଖେଳ ଦେଖିଲେ ସାଧାରଣ ନାଗରିକ ଭାବେ ଜଣେ ଆଶ୍ଚର୍ଯ୍ୟ ନ ହୋଇ ରହିପାରିବ ନାହିଁ। ଏହା ସହଜରେ ବୋଧଗମ୍ୟ ଯେ, ଏକ ଯୁଦ୍ଧ ଭଳି ପରିସ୍ଥିତି ନିଶ୍ଚିତଭାବେ ବ୍ୟବସାୟ ଓ ପୁଞ୍ଜିଲଗାଣକୁ ପ୍ରଭାବିତ କରେ। ୨୦୧୪ରେ ମୋଦିଙ୍କ ନେତୃତ୍ୱାଧୀନ ସରକାର ଜିତିଲାବେଳେ ସେନ୍‌ସେକ୍ସ ୬୧ ପ୍ରତିଶତ ବୃଦ୍ଧିପାଇବା ସହିତ ଷ୍ଟକ୍ ମାର୍କେଟ୍‌ର ସମ୍ପତ୍ତି ୭୫ ଲକ୍ଷ କୋଟି ବୃଦ୍ଧି ପାଇଥିଲା ବୋଲି ଅନେକେ ଦାବି କରୁଥିବା ବେଳେ ସାଧାରଣ ନାଗରିକ ଏତେ ବିଶାଳ ପରିମାଣ ସମ୍ପତ୍ତିର ସାମାନ୍ୟ ଗନ୍ଧ ବି ପାଇ ନ ଥିଲେ। ଇଣ୍ଡିଆ ଇଙ୍କ୍‌ର କ୍ୟାପ୍‌ଟେନମାନେ ମୋଦିଙ୍କ ପୁନରାଗମନକୁ ସ୍ୱାଗତ କରିଥିବା ବେଳେ ନୂତନ ଏନ୍‌ଡିଏ–୨ ସରକାର ଅର୍ଥନୈତିକ କ୍ଷେତ୍ରରେ ସାହସିକ ସଂସ୍କାରମାନ ଆଣିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ବ୍ୟବସାୟ ଜଗତର ଏହି ହସ୍ତୀମାନେ ଦାବି କରନ୍ତି ଯେ, ଏହି ଫଳାଫଳରୁ ଜଣାପଡୁଛି ଏନ୍‌ଡିଏ–୧ ସରକାର ପାଞ୍ଚବର୍ଷ ପାଇଁ ଯେଉଁ ରଣନୀତି ପ୍ରସ୍ତୁତ କରିଥିଲେ ତାହା ସଫଳ ହୋଇଛି। ନିଶ୍ଚିତ ଭାବେ ନିର୍ବାଚନ ଫଳକୁ ଦେଖି ସେମାନେ ଏହି ମତ ଦେଉଛନ୍ତି। ତେବେ ବାଲାକୋଟ ବିମାନ ଆକ୍ରମଣ ଘଟଣାକୁ ମଧ୍ୟ ବିଚାରକୁ ନେବା ଉଚିତ। ଏହି ଘଟଣା ପରେ ସାଧାରଣ ଲୋକଙ୍କ ମନରେ ଧାରଣା ସୃଷ୍ଟି ହେଲା ଯେ ମୋଦି ହେଉଛନ୍ତି ଏକମାତ୍ର ଲୋକ ଯିଏ ପାକିସ୍ତାନକୁ ପାନେ ଚଖାଇପାରିବ ଏବଂ ତାଙ୍କ ହାତରେ ଦେଶ ସୁରକ୍ଷିତ ରହିପାରିବ। ଏପରି କି ପ୍ରଧାନମନ୍ତ୍ରୀ ନିଜ ପାଇଁ ଚୌକିଦାର ଶବ୍ଦକୁ ଯେପରି ବ୍ୟବହାର କଲେ ଏବଂ ତାଙ୍କ ପରେ ତାଙ୍କ ଦଳର ବହୁ ଲୋକ ତାହାର ଅନୁସରଣ କଲେ ତାହା ଦଳ ଶକ୍ତିର ସୂଚନା ଦେଲା। ବିଖଣ୍ଡିତ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏପରି ଶକ୍ତି ପ୍ରଦର୍ଶନ ସମ୍ଭବ ନୁହେଁ।

ଅର୍ଥନୀତି ଏକ ପ୍ରଶସ୍ତ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହେବା ଦରକାର, ଯାହା ଟଳମଳ ରାଜନୈତିକ ପରିସ୍ଥିତିରେ ବି ଦୃଢ଼ ରହିପାରିବ। ଭାରତୀୟ ରାଜନୀତିରେ ଅସ୍ଥିରତା ଦେଖାଦେଲେ ଆମ ଅର୍ଥନୀତିର ଜଟିଳ ଉପାଦାନଗୁଡ଼ିକ ଦୋହଲିଯିବାର କାରଣ ବୁଝିବା କଷ୍ଟକର ନୁହେଁ। ଭାରତୀୟ ବିତ୍ତ ବଜାରର ସବୁ ଖେଳାଳି କର୍ପୋରେଟ୍ ଓ ତାଙ୍କ ଦିଗ୍‌ଗଜମାନଙ୍କ ଦକ୍ଷତା ଉପରେ ନିର୍ଭରଶୀଳ, ଯେଉଁମାନେ ସଫଳତାର ସହିତ ସରକାରଙ୍କୁ ବ୍ୟବହାର କରି ଟିକସଦାତାଙ୍କ ଅର୍ଥକୁ ନିଜ ସ୍ୱାର୍ଥରେ ଲଗାଇଥାନ୍ତି। ଯେହେତୁ ସାଧାରଣ ନାଗରିକ ବିତ୍ତ ବଜାରର ଜଟିଳ ଓ ଚତୁର କାରବାର ବୁଝିବାକୁ ଅକ୍ଷମ, ୨୦୧୯ ମେ ୨୩ ତାରିଖରେ ସେନ୍‌ସେକ୍ସ ଓ ନିଫ୍‌ଟିର ବ୍ୟବହାର (ବୃଦ୍ଧି) ସୂଚାଉଛି ଆଗାମୀ ବର୍ଷଗୁଡ଼ିକରେ ଭାରତ କେଉଁ ଆଡ଼କୁ ମୁହାଁଇବ।

## ଆଜିର ଅର୍ଥନୀତି

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ମେ ୧୯୯୪**

- ନୂଆକରି ନିଜକୁ ସ୍ୱାଧୀନ ଘୋଷଣା କରିଥିବା ଦକ୍ଷିଣ ୟେମେନକୁ ରୁଷିଆ ବିଶ୍ୱର ସର୍ବପ୍ରଥମ ରାଷ୍ଟ୍ର ଭାବେ ନିଜର ସ୍ୱୀକୃତି ପ୍ରଦାନ କରିଛି।
- ଭାରତରେ ଆମେରିକାର ରାଷ୍ଟ୍ରଦୂତ ଭାବେ ଫ୍ରାଙ୍କ୍ ୱିଜନରଙ୍କ ନିଯୁକ୍ତିକୁ ବରିଷ୍ଠ ସିନେଟରମାନେ ବିରୋଧ କରିବା ସଙ୍ଗେ ସଙ୍ଗେ ତାଙ୍କ ନିଯୁକ୍ତି ବାତିଲ କରିବାକୁ ଦାବି କରିଛନ୍ତି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | | 4 | | E | | | | | | 7 | 0 | D | | 6 |
| 3 | | | | 8 | | | | | C | | E | | | 2 |
| 2 | A | 6 | | | | | | | | | | 7 | | |
| | | | 9 | | | | | | | 2 | | | | C |
| | 1 | 5 | 7 | | | 8 | | | | | 9 | | | |
| | | 9 | | 3 | | | 1 | | | A | | | 2 | 8 |
| | | | | C | | | | 2 | | D | | | A | |
| D | | 1 | B | | | E | 4 | | 3 | | | 9 | | 7 |
| 0 | | 2 | | | | | | | | | 5 | 1 | | |
| A | 6 | | 0 | 1 | | | 3 | 8 | 9 | | | 4 | | |
| | | | | B | | 0 | | | 4 | | D | | | 9 |
| 1 | | D | | | 7 | | C | | | 0 | | | | |
| | | 7 | | | 2 | | D | | B | | C | | 6 | 4 |
| 9 | | | | | | 5 | | | | 8 | | | C | E |
| 8 | | | | 4 | C | | 6 | E | | | 3 | 2 | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 9 | 6 | A | C | 5 | 4 | 3 | 1 | B | 2 | D | E | 8 | 7 |
| 7 | 1 | 4 | 9 | 0 | 6 | 2 | B | D | E | 5 | 8 | 3 | C | A |
| D | B | E | 4 | 2 | 1 | 8 | A | 9 | 7 | C | 3 | 6 | 0 | 5 |
| C | 3 | A | E | D | 8 | 7 | 5 | 0 | 1 | 9 | 6 | 2 | 4 | B |
| 8 | 5 | 2 | B | 3 | 7 | C | E | 6 | 4 | A | 0 | D | 9 | 1 |
| 6 | A | C | 8 | 4 | D | 0 | 7 | 2 | 9 | B | 5 | 1 | E | 3 |
| B | 2 | 5 | C | A | E | 3 | 1 | 8 | 6 | 7 | 4 | 0 | D | 9 |
| 1 | 8 | D | 7 | 6 | B | A | 9 | C | 0 | 3 | E | 4 | 5 | 2 |
| 9 | 7 | 0 | 3 | 1 | 2 | 5 | 4 | E | 8 | D | C | B | A | 6 |
| 4 | E | 3 | 0 | 5 | 9 | 6 | D | B | A | 1 | 2 | C | 7 | 8 |
| E | C | 8 | 1 | 9 | 3 | B | 2 | 4 | 5 | 0 | 7 | A | 6 | D |
| 5 | D | 1 | 2 | 7 | 4 | E | 6 | 3 | C | 8 | A | 9 | B | 0 |
| 3 | 6 | B | 5 | 8 | C | D | 0 | A | 2 | E | 9 | 7 | 1 | 4 |
| 2 | 0 | 7 | 6 | B | A | 9 | C | 5 | D | 4 | 1 | 8 | 3 | E |
| A | 4 | 9 | D | E | 0 | 1 | 8 | 7 | 3 | 6 | B | 5 | 2 | C |

ଗତକାଲିର ଉତ୍ତର

# ଜନଜାତି ସଂସ୍କୃତିରେ ନାରୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ଭାରତୀୟ ସମାଜ ଜୀବନର ଏକ ପ୍ରଧାନ ଅଙ୍ଗ ହେଉଛି ଆଦିବାସୀ ସଂସ୍କୃତି। ପ୍ରକୃତିର ମନୋଜ୍ଞ ପରିବେଶରେ ଜୀବନ ଧାରଣ କରି ଏକ ସୁଦୀର୍ଘ ସାଂସ୍କୃତିକ ପରମ୍ପରା ସୃଷ୍ଟିକରିଥିବା ଆଦିବାସୀମାନେ ହିଁ ଏ ଦେଶର ମୂଳ ବାସିନ୍ଦା ବା ଆଦିମ ଅଧିବାସୀ। ଜନଜାତି ମଣିଷ ପ୍ରକୃତିର ସନ୍ତାନ। ପ୍ରକୃତି ଏମାନଙ୍କ ଜୀବନ ଓ ଜୀବିକାର ଆଧାର। ବଡ଼ ସରଳ ଓ ନିଷ୍ପାପ ଏମାନେ। ବଣ ଝରଣା ପରି ଏମାନଙ୍କ ମନ ସ୍ୱଚ୍ଛ ଓ ପ୍ରବାହଧର୍ମୀ। ହୃଦୟ ତାଙ୍କର ଆକାଶ ପରି ଉଦାର ଓ ବିସ୍ତୃତ। ସହରୀ ମଣିଷ ପରି ଏମାନେ ଜାଣନ୍ତିନି ହିଂସାବାଦ ଓ ଛନ୍ଦକପଟ। ଅରଣ୍ୟ ପରି ଜାଙ୍ଗଲିକ ଏମାନଙ୍କ ଜୀବନଚର୍ଯ୍ୟା। ଆପଣା ଐତିହ୍ୟପୂର୍ଣ୍ଣ ରୀତିନୀତି, ଚାଲିଚଳନ, ବେଶପୋଷାକ, ଖାଦ୍ୟପେୟ, ସଂସ୍କାର ଓ ଧର୍ମ ବିଶ୍ୱାସକୁ ଜାବୁଡ଼ି ଧରି ଏମାନେ ଗୋଷ୍ଠୀବଦ୍ଧ ଜୀବନ ଅତିବାହିତ କରନ୍ତି ହସଖୁସିରେ। ଜୀବନରେ ଦୁଃଖ ଆସେ, ଯନ୍ତ୍ରଣା ଆସେ, ହେଲେ ସେଥିରେ ଆଦୌ କାତର ହୁଏନି ଅରଣ୍ୟ ଓ ପର୍ବତ ଖୋଲରେ ବାସ କରୁଥିବା ଆଦିମ ମଣିଷ। ମହୁଲ ଫୁଲର ମହକ ଓ ସଲପର ମାଦକତା ଭିତରେ ସେମାନେ ଅନୁଭବ କରନ୍ତି ପ୍ରାଚୁର୍ଯ୍ୟମୟ ଜୀବନର ଉଲ୍ଲାସ। ସଭ୍ୟତାର ମାପକାଠିରେ ସେମାନେ ହୋଇପାରନ୍ତି ଅନୁନ୍ନତ ଓ ଅସବର୍ଣ୍ଣ, ମାତ୍ର ସେମାନଙ୍କ ସାଂସ୍କୃତିକ ପରମ୍ପରା ଯେମିତି ବୈଚିତ୍ର୍ୟମୟ, ସାମାଜିକ ଜୀବନବୋଧ ସେମିତି ସୌହାର୍ଦ୍ଦ୍ୟପୂର୍ଣ୍ଣ। ବିଶେଷକରି ଜନଜାତି ସଂସ୍କୃତିରେ ନାରୀର ସ୍ଥିତି, ସୁରକ୍ଷା ଓ ସ୍ୱାଧୀନତା ପ୍ରସଙ୍ଗ ଆସିଲେ ଖୁବ୍ ଉଚ୍ଚାଙ୍ଗ ମନେହୁଏ ସେମାନଙ୍କ ସାଂସ୍କୃତିକ ପରମ୍ପରା ଓ ସାମାଜିକ ବିଚାରଧାରା।

ଆଦିବାସୀ ଲଳନା ପାହାଡ଼ ଦେଶର ଶ୍ରୀ ଓ ଶୋଭା। ସେମାନେ ପ୍ରକୃତି ପରି ସୁନ୍ଦର ଓ ମାଟି ମା'ପରି ମମତାମୟୀ। ସେମାନଙ୍କ ଚାଲିରେ ଥାଏ କବିତାର ଛନ୍ଦ ଓ କଥାରେ ସଙ୍ଗୀତର ମାଧୁରିମା। ଓଠରେ ଚହଟୁଥାଏ ବେଣାଫୁଲର ଲମ୍ଫଲାଞ୍ଜି ଚଅଁର ପରି ଧଳା ଧୁଆପୋଛା ହସ। ପାହାଡ଼ୀ କନ୍ୟା ଯେତିକି ସୁନ୍ଦର ସେତିକି ବେପରୁଆ। ପ୍ରକୃତି କନ୍ୟା ହୋଇଥିବାରୁ ନିଜସ୍ୱ ସୌନ୍ଦର୍ଯ୍ୟ ଓ ଲାଳିତ୍ୟରେ ସେମାନେ ସ୍ୱୟଂସମ୍ପୂର୍ଣ୍ଣ। ତଥାପି ସଜେଇ ହେବାରେ ଥାଏ ସେମାନଙ୍କର ଆନନ୍ଦ। ମନ ଓ ହୃଦୟ ପରି ବେଶଭୂଷା ସେମାନଙ୍କର ସରଳ ଓ ନିରାଡ଼ମ୍ବର। ମୋଟା ସୂତାର ଶାଢ଼ି ଏମାନଙ୍କ ପରିଧାନ। ଦେହ ପ୍ରାୟ ଅଧା ଫୁଙ୍ଗୁଳା। ଜଡ଼ାତେଲ ଲଗେଇ ଖୋସା ବାନ୍ଧନ୍ତି ଏବଂ ସେଥିରେ ଧୋବ ଫରଫର ଫୁଲପେନ୍ଥା ଖୋସନ୍ତି ଅତି ଯତ୍ନର ସହିତ।

ଆଦିବାସୀ ସମାଜରେ ନାରୀ ଓ ପୁରୁଷ ବିଭିନ୍ନ ନୁହନ୍ତି, ବରଂ ମନୁଷ୍ୟ ଭାବରେ ସମାନ। ଏହି ବିଚାରବୋଧ ଯୋଗୁ ଜନଜାତି ସମାଜରେ ଦେଖିବାକୁ ମିଳେନି ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ହତ୍ୟାଭଳି ଘୃଣ୍ୟ ବ୍ୟବସ୍ଥା। ପରିବାରକୁ କନ୍ୟା ସନ୍ତାନଟିଏ ଆସିଲେ ତାକୁ ସେମାନେ ବୋଝ ବୋଲି ଭାବନ୍ତିନି କି ଲିଙ୍ଗଗତ ବୈଷମ୍ୟର ଶିକାର ହୋଇ କନ୍ୟାସନ୍ତାନକୁ ଭୋଗିବାକୁ ପଡ଼େନି ମାନସିକ ନିର୍ଯାତନା। ବଣ ଝରଣାର ଅମାନିଆ ଗତି ପରି ସ୍ୱଚ୍ଛନ୍ଦ ଓ ସାବଲୀଳ ଭାବରେ ସେ ଅତିବାହିତ କରେ ତା'ର ଶୈଶବ ଓ କୈଶୋର। ଆଦିବାସୀ ଝିଅ (ଧାଙ୍ଗଡ଼ୀ) ପ୍ରକୃତି କୋଳର ମୁକ୍ତନାରୀ। ଜ୍ୟୋତ୍ସ୍ନା ଭଳି ନିର୍ମଳ, ପବନ ଭଳି ଉଦାର, ଝରଣା ଭଳି ଚଞ୍ଚଳ ଓ ବଣର ପକ୍ଷୀପରି ସେ ମୁକ୍ତ ଓ ସ୍ୱାଧୀନ। ତା'ର ଇଚ୍ଛା ଉପରେ ନ ଥାଏ କାହାରି ଲଗାମ। ଦେହ ଉପରେ ଯୌବନର ରଙ୍ଗ ବୋଳି ହୋଇଗଲେ ମନରେ ଲାଗିଯାଏ କଳ୍ପନାର ଡେଣା। ଧାଙ୍ଗଡ଼ୀ ଜୀବନରେ ଆରମ୍ଭ ହୁଏ ଯୌବନର ଉପାସନା। ନୃତ୍ୟଗୀତ ପ୍ରତି ଆଦିବାସୀ ଯୁବତୀର ଦୁର୍ବାର ଆକର୍ଷଣ। ନୃତ୍ୟଗୀତ ତା' ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଧାଙ୍ଗଡ଼ା ଓ ଧାଙ୍ଗଡ଼ୀ ଏକାଠି ମିଶି ଗୋଜିଆ ପର୍ବତର ସରୁ ଚଟାଣ ଉପରେ ଛାଡ଼ି ଦିଅନ୍ତି ଗୀତର ଲହରୀ। ପୁଷ୍ ପୁନେଇଁ ଓ ଚଇତି ପରବ ବେଳେ ଧାଙ୍ଗଡ଼ା ବସାରୁ ଭାସିଆସେ ଗୀତ ଓ ବାଜାର ଧୁନ୍। ସେ ଧୁନ୍‌ରେ ଥାଏ ଧାଙ୍ଗଡ଼ୀମାନଙ୍କ ପ୍ରତି ଆଦର, ସ୍ନେହ ଓ ମଧୁର ସମ୍ବୋଧନ। ସେଥିରେ ଫାଟି ପଡ଼େ ଧାଙ୍ଗଡ଼ୀ ମନର ସରାଗ। ଆଖିରେ ଆଖିଏ ସ୍ୱପ୍ନ ନେଇ ସେ ଧାଙ୍ଗଡ଼ା ବସା ଆଡ଼କୁ ଧାଏଁ ତୋଫା ଜହ୍ନ ଆଲୁଅରେ। ଧାଙ୍ଗଡ଼ା ସହ ବାହୁରେ ବାହୁ ଛନ୍ଦି, ହୃଦୟରେ ହୃଦୟ ଯୋଡ଼ି ଝୁଲି ଝୁଲି ନାଚେ ଢୁଙ୍ଗ୍ ଢୁଙ୍ଗାର ତାଳେ ତାଳେ। ଏଥିରେ ଯୋଗ ଦିଅନ୍ତି ଗାଁର ସମସ୍ତେ। ବୁଢ଼ାମାନେ ସାଜନ୍ତି ଦେଖଣାହାରି। ଥରେ ନାଚଗୀତ ଆରମ୍ଭ ହୋଇଗଲେ ରାତି ପାହିଯାଏ, ହେଲେ ଥକି ପଡ଼େନି ଧାଙ୍ଗଡ଼ୀର ପାଦ। ବରଂ ଦେହରେ ଭୋକ ଘାରେ। ମନ ଭିତରେ ଚେଇଁ ଉଠେ ଉଦ୍ଦାମ ପାଶବିକତା। ତାକୁ ସେ ନିଜ ଭିତରେ ବିଲୀନ ହେବାକୁ ନ ଦେଇ ସ୍ୱୀକାର କରିନିଏ ବଣର ଝୋଲା କୂଳରେ କିମ୍ବା ଢେଉଢେଉକା ପାହାଡର ଢ଼ଙ୍ଗର ଉପରେ।


ଫଗୁଣର ଜହ୍ନ ଆଲୁଅରେ ହେଉ କି କୁରେଇ ଫୁଲର ବାସ୍ନାରେ ଦେହଭୋଗୀ ଲାଳସାକୁ ସେମାନେ ଚରିତାର୍ଥ କରନ୍ତି ଏମିତି କେତେ ବାଗରେ। ଧାଙ୍ଗଡ଼ା ଧାଙ୍ଗଡ଼ୀମାନଙ୍କ ପ୍ରାଣରେ ଏହି ଅଦମ୍ୟ ବାସନା, ସତେଯେମିତି ପ୍ରକୃତି ଓ ପୁରୁଷର ସ୍ୱାଭାବିକ ଜୀବନ ପ୍ରକ୍ରିୟା। ସେଥିରେ ନ ଥାଏ କୃତ୍ରିମତା ବା ପ୍ରବଞ୍ଚନା। ଏହା କେବଳ ଆନନ୍ଦର ଉଦ୍‌ବୋଧନ। ଅମୃତର ଅନ୍ୱେଷଣ। ବିବାହ ନ ସରିବା ଯାଏ ଆକଟ କରେନି ସମାଜ। ପରମ୍ପରାର ପଥର ପାଚେରି ଭିତରେ ଥାଇ ଧାଙ୍ଗଡ଼ା ଧାଙ୍ଗଡ଼ୀ ଅନୁଭବ କରନ୍ତି ମିଳନର ଆନନ୍ଦ, ପ୍ରେମର ସାର୍ଥକତା। ସେ ପ୍ରେମରେ କିନ୍ତୁ ନ ଥାଏ ସାମାନ୍ୟତମ ଆବିଳତା। ଧାଙ୍ଗଡ଼ା ଏଠି ଧାଙ୍ଗଡ଼ୀର ମନ ଜିଣେ ନାନା ଉପାୟରେ। ସେ ଗୀତ ଗାଏ, ବାଜା ବଜାଏ ଓ ମିଠା ମିଠା କଥା କହେ ଧାଙ୍ଗଡ଼ୀର ମନ ମୋହିବା ପାଇଁ। ସବୁ ସତ୍ତ୍ୱେ ଧାଙ୍ଗଡ଼ୀର ମନ ଜିଣି ନ ପାରିଲେ ସେ ଫେରିଯାଏ, ହେଲେ ଆଦିବାସୀ ସମାଜରେ କେବେ ଘଟେନି ବଳାତ୍କାର ଭଳି ଅସାମାଜିକ ଘଟଣା। ପ୍ରେମ ଏଠି ଅବାଧ। ମାତ୍ର ସେ ପ୍ରେମରେ ଦେହର ଦାବି ଅପେକ୍ଷା ହୃଦୟର ଆହ୍ୱାନ ବେଶି। ସେଥିପାଇଁ ସକାଳର ଶାଳପତ୍ରରେ ବିନ୍ଦୁଏ ବର୍ଷାଜଳ ପରି ସର୍ବଦା ଚିକ୍ ଚିକ୍ କରୁଥାଏ ଆଦିବାସୀ ଯୁବତୀର ନିର୍ଭେଜାଲ ମନ ଓ ଶୁଦ୍ଧ ସତୀତ୍ୱ।

ଆଦିବାସୀ ନାରୀ ଜୀବନରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ ହେଉଛି ବିବାହ। ସେମାନଙ୍କ ସମାଜରେ ଝିକାଟଣା ବିବାହ, ପ୍ରେମ ବିବାହ ଓ ପ୍ରାୟୋଜିତ ବିବାହ ଆଦି ନାନା ପ୍ରକାର ବିବାହ ପ୍ରଚଳିତ ଥିଲେ ବି ପ୍ରେମ ବିବାହକୁ ଅଧିକ ପସନ୍ଦ କରେ ଆଦିବାସୀ ଯୁବତୀ। ନାଚଗୀତ ମାଧ୍ୟମରେ ଏମାନେ ବ୍ୟକ୍ତ କରନ୍ତି ମନର ଭାବ। ବିଭିନ୍ନ ପର୍ବପର୍ବାଣି ଅବସରରେ ଆୟୋଜିତ ନାଚଗୀତରେ ମନ ଆକର୍ଷିତ ହେଲେ ବଣକୁ ପଳେଇ ଯାଆନ୍ତି ପ୍ରେମିକ ପ୍ରେମିକା। ପରସ୍ପରକୁ ବିବାହ କରନ୍ତି ଏବଂ ଏହି ଉଦୁଉଦିଆ (ପ୍ରେମ ବିବାହ)କୁ ସ୍ୱୀକୃତି ଦିଏ ସମାଜ। ସେମାନଙ୍କ ବାହାଘରରେ ଯୌତୁକ ପ୍ରଥା ନାହିଁ, ବରଂ ଏଠି ବରପକ୍ଷକୁ ଦେବାକୁ ହୁଏ କନ୍ୟାସୁନା। ବିଧବା ନାରୀକୁ ଅଶୁଭ ସଂକେତ ବୋଲି କେବେ ବିବେଚନା କରେନି ଆଦିବାସୀ ସମାଜ। ଏଠି ବିଧବା ବିବାହ ଏକ ସାଧାରଣ କଥା। ଛାଡ଼ପତ୍ର ବ୍ୟବସ୍ଥାଟି ମଧ୍ୟ ଖୁବ୍ ସହଜ। ସ୍ୱାମୀ ସ୍ତ୍ରୀ ଯେ କେହି ଚାହିଁଲେ ଅପରକୁ ପରିତ୍ୟାଗ କରି ଦ୍ୱିତୀୟ ବିବାହ କରିପାରେ ନିଜ ଇଚ୍ଛାରେ। ମାତ୍ର ଆଦିବାସୀ ସମାଜରେ ଛାଡ଼ପତ୍ର ସଂଖ୍ୟା ଖୁବ୍ ସୀମିତ।

ପୁରୁଷର ଉପାର୍ଜନ ଉପରେ ନିର୍ଭର କରି ଘରେ ଶୋଇଶୋଇ ଦିନ କାଟେନି ଆଦିବାସୀ ରମଣୀ। ସେ କେତେବେଳେ ଘରେ ରନ୍ଧାବଢ଼ା କରେ ତ କେତେବେଳେ ଚାଷ କାମରେ ଲାଗିଥାଏ ଖରାବର୍ଷାକୁ ଖାତିର ନ କରି। କଠିନ ପରିଶ୍ରମ କରି ବଞ୍ଚିବାରେ ଥାଏ ସେମାନଙ୍କର ଆନନ୍ଦ। ତେଣୁ ବିବାହ ବେଳେ ସେମାନେ କେବେ ବିଚାର କରନ୍ତିନି ବରର ଆର୍ଥିକ ସ୍ୱଚ୍ଛଳତା କଥା। ଆଦିବାସୀ ସ୍ତ୍ରୀ ଜୀବନର ବନ୍ଧୁର ପଥରେ ପୁରୁଷର ସହଯାତ୍ରୀ, ସହକର୍ମିଣୀ ଓ ସାହାଯ୍ୟକାରିଣୀ। ମାତ୍ର ତା'ର ଯେତେ ଯାହା ପରିଶ୍ରମ ସବୁ ତା'ର ପୁରୁଷ ପିଲାକୁ ଆବୋରିଧରି। ସେ ପସରା ମୁଣ୍ଡାଏ ସିନା ଦାୟିତ୍ୱ ମୁଣ୍ଡାଏ ନାହିଁ। ସେ ମୁଣ୍ଡ ଝାଳ ତୁଣ୍ଡରେ ମାରି ରୋଜଗାର କଲେ ବି ପରିବାର ଭିତରେ ଜାହିର କରେନି ମୁରବିପଣିଆ। ଆପଣା ପୁରୁଷ ହିଁ ଆଦିବାସୀ ନାରୀ ଜୀବନର ସର୍ବସ୍ୱ। ସେଥିପାଇଁ ପୁରୁଷ ପ୍ରତି ନିଜର ଆନୁଗତ୍ୟରେ ସେ ପରିତୃପ୍ତ। ଏହି ମାନସିକତା ଯୋଗୁ ନିଜର ସାମର୍ଥ୍ୟ ଓ ସ୍ୱାତନ୍ତ୍ର୍ୟ ସତ୍ତ୍ୱେ କୌଣସି କ୍ଷେତ୍ରରେ ସ୍ୱାମୀକୁ କେବେ ଅବହେଳା ଓ ଅବମାନନା କରିବାକୁ ଚାହେଁନି ଆଦିବାସୀ ନାରୀ। ଏହି ଦୃଷ୍ଟିରୁ ଆଦିବାସୀ ସମାଜ ପୁରୁଷପ୍ରଧାନ ହେଲେ ବି ନାରୀର ସମ୍ମାନ ପ୍ରତି ଏଠି ଆଦୌ ଊଣା ନୁହେଁ ପୁରୁଷର ପ୍ରତିବଦ୍ଧତା। ନାରୀକୁ ସମ୍ମାନ ଓ ସୁରକ୍ଷା ସେଠାରେ ସ୍ଲୋଗାନ ନୁହେଁ, ବରଂ ଏକ ସାଂସ୍କୃତିକ ଅକଲବନ୍ଦୀ, ଏକ ସାମାଜିକ ଦାୟିତ୍ୱବୋଧ। ଏହି ଦାୟିତ୍ୱ ପ୍ରତି ପୁରୁଷର ଅମାପ ଅଙ୍ଗୀକାରବଦ୍ଧତା ଯୋଗୁ ଆଦିବାସୀ ନାରୀ ସ୍ୱାଧୀନ ଓ ସୁରକ୍ଷିତ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ– ୯୪୩୮୮୫୫୦୮୮

# ମୂଢ଼ ମଣିଷକୁ ମହାଶିକ୍ଷା



ଉପେନ୍ଦ୍ର ବିଶ୍ୱାଳ

ସେ ଅନେକ ଦିନ ତଳର, ଆଜିପରି ଧୂ ଧୂ ଏକ ଖରାବେଳର କଥା। ରାଜ୍ୟ ପରିକ୍ରମାରୁ ନଅରକୁ ଫେରୁଥିଲେ ପଞ୍ଜାବକେଶରୀ ରଣଜିତ୍ ସିଂହ। ହଠାତ୍ ଟେକାଟିଏ ଆସି ମଥାରେ ବାଜେ। ଅଶ୍ୱପୃଷ୍ଠରୁ ଓହ୍ଲାଇ ଚଟ୍‌କରି ଚଟାଣରେ ବସିପଡ଼ନ୍ତି ନୃପତି। ରକ୍ତର ଗାର ଦେଖି ଚାରିଦିଗକୁ ଖେଦିଗଲେ ସୈନ୍ୟସାମନ୍ତ। ଧରାହୋଇ ଆସନ୍ତି ଶୀର୍ଣ୍ଣକାୟା ଜଣେ ବୃଦ୍ଧା ଭିକାରୁଣୀ। ରିକ୍ତ ହସ୍ତରେ ଫେରିଲାବେଳେ ଆଖିରେ ପଡ଼େ ଆମ୍ବ ତୋଟାଟିଏ। ପିଲାଙ୍କ ମୁହଁରେ ଫଳାହାର ଦେଇ କ୍ଷୁଧା ଟିକିଏ ପ୍ରଶମିତ କରିବା ଲକ୍ଷ୍ୟ ନେଇ ବୃଦ୍ଧା ପଶିଲେ ତୋଟାରେ। ଆମ୍ବ ପାରିବାକୁ ଯାଇ ଫୋପାଡ଼ିଥିବା ଟେକାଟି ବାଜିଲା ଯାଇ ଛାମୁଙ୍କ ଶିରରେ। ଏହିପରି ସତ୍ୟ ପ୍ରକାଶ କରି ସେ କ୍ଷମାପ୍ରାର୍ଥନା କରିଛନ୍ତି ମହାରାଜଙ୍କ ଆଗରେ। ସେତେବେଳକୁ ପ୍ରଜାଙ୍କର ଦୟନୀୟ ସ୍ଥିତିକୁ ନେଇ ରାଜାଙ୍କର ଚୈତନ୍ୟ ଉଦୟ ହୋଇ ସାରିଥିଲା। ବୃଦ୍ଧା ମାଆଟି ମହାଶିକ୍ଷାଟିଏ ଦେଇଛନ୍ତି ବୋଲି ନମ୍ରତାର ସହିତ ସ୍ୱୀକାର କରିଛନ୍ତି ମହାରାଜ ରଣଜିତ୍ ସିଂହ। ଠିକ୍ ସେହିପରି ଶ୍ରୀମନ୍ଦିରର ସର୍ବେସର୍ବା ବୋଲି ନିଜକୁ ବିଚାରୁଥିବା ମୂଢ଼ ମଣିଷମାନଙ୍କ ପାଇଁ ପ୍ରକୃତି ମାଆର 'ଫନୀ'ମାଡ଼ ଶକ୍ତ ଏକ ଚେତାବନୀ, ଏକ ମହାଶିକ୍ଷା ନୁହେଁ କି?

୧୯୯୯ ମସିହାରେ ସମ୍ପୂର୍ଣ୍ଣ ଓଲଟି ଯାଇଥିଲା ସମଗ୍ର ଉପକୂଳ ଓଡ଼ିଶାର ଚିତ୍ରପଟ। ଦେହ ଶୀତେଇ ଉଠେ ସ୍ମରଣ କଲେ ସେ ଭୟଙ୍କର ସ୍ମୃତିକୁ। ମହାବାତ୍ୟାର ପ୍ରକୋପ ଏତେ ବ୍ୟାପକ ଥିବା ସତ୍ତ୍ୱେ ଶଙ୍ଖକ୍ଷେତ୍ର ପୁରୀ ରହି ଯାଇଥିଲା ନିରାପଦ। ମହାବାତ୍ୟା ମହାପ୍ରଭୁଙ୍କଠାରେ ମଥାନତ କରି ଫେରି ଯାଇଥିଲା ପୁରୀରୁ। ତେବେ ୨୦ବର୍ଷ ପରେ କାହିଁକି ଏ ଦୁର୍ଦ୍ଦଶା? ଅପରାଧୀକୁ ପୋଲିସ ଟାର୍ଗେଟ କରି ପିଛା କଲାପରି ଶହ ଶହ ମାଇଲ ଦୂରରୁ ଫଁ ଫଁ କରି ଫଣୀ (ଫନୀ) ଏକମୁହାଁ ହୋଇ ମାଡ଼ି ଆସିଲା ପୁରୀକୁ। ପୁରୀରୁ ମାଡ଼ିଗଲା ସିଧା କଟକକୁ ଭୁବନେଶ୍ୱର ଦେଇ। ପୁରୁଖା ଲୋକଙ୍କ କହିବା ଅନୁଯାୟୀ ୧୯୯୯ ମହାବାତ୍ୟା କିମ୍ବା ତା' ପୂର୍ବରୁ ମଧ୍ୟ ସଂଘଟିତ ବାତ୍ୟାରେ କଟକ, ଭୁବନେଶ୍ୱର କେବେ ଦେଖି ନ ଥିଲା ଏମିତି ଦୁର୍ଦ୍ଦଶା। ଆଗରୁ ଘଟିଥିବା ଏହାଠୁ ବଳି ଭୟଙ୍କର ବାତ୍ୟାରେ ବି ପୁରୀ କେବେ ସାମ୍ନା କରି ନ ଥିଲା ଏପରି ଦାରୁଣ ଦୁର୍ଯୋଗର।

ବିଗତ କିଛି ବର୍ଷ ଧରି ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କୁ ନେଇ ଯେମିତି ପ୍ରହସନ ଚାଲିଛି ତାକୁ ନେଇ ସମଗ୍ର ବିଶ୍ୱବାସୀ ମର୍ମାହତ। ବିଶ୍ୱର କୋଟିକୋଟି ଶ୍ରଦ୍ଧାଳୁଙ୍କ ପୁଞ୍ଜିଭୂତ ଅସନ୍ତୋଷର ଏହା ପରିଣାମ ବୋଲି ଚାରିଆଡ଼େ ଚର୍ଚ୍ଚା ଧରିଛି। ଦାରୁ ବିଭ୍ରାଟଠାରୁ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ, ବ୍ରହ୍ମସ୍ଥାପନା ପର୍ଯ୍ୟନ୍ତ ବିଭ୍ରାଟ ପରେ ବିଭ୍ରାଟ। ପୁଣି ଶ୍ରୀମନ୍ଦିରର ସେବା, ନୀତିକୁ ନେଇ ନାନା ବିଶୃଙ୍ଖଳା। ସତେ ଯେମିତି ଶ୍ରୀଜଗନ୍ନାଥ ହେଉଛନ୍ତି କିଛି ଲୋକଙ୍କ ହାତର ଖେଳନା। ଚାରିଆଡୁ ତୀବ୍ର ପ୍ରତିବାଦ ଓ ଦାବି ଉଠିଲା ଏପରି ବିଭ୍ରାଟକାରୀଙ୍କୁ ଦଣ୍ଡିତ କରିବାକୁ। ହେଲେ ନା ଶାସନର ମଙ୍ଗୁଆଳମାନେ ଦଣ୍ଡିତ କଲେ ନା ନ୍ୟାୟାଳୟର ନିକିତିଧାରୀମାନେ। ଆହୁରି ବି ଶହ ଶହ ବର୍ଷ ଧରି ବନ୍ଦ ହୋଇ ରହିଥିବା ରତ୍ନଭଣ୍ଡାରକୁ ଖୋଲି ଶ୍ରୀଜୀଉଙ୍କର ରତ୍ନଅଳଙ୍କାରଗୁଡ଼ିକର ମୂଲ୍ୟାଙ୍କନ କରିବାର ଚିନ୍ତା ଏକ ଆସ୍ପର୍ଦ୍ଧା ବୋଲି ମନେହୁଏ। କୁହାଯାଏ ପ୍ରଭୁ ଶେଷନାଗଙ୍କ ସୁଦକ୍ଷ ପହରାରେ ସୁରକ୍ଷିତ ଥିବା ଭଣ୍ଡାରକୁ ଖୋଲିବାକୁ ଅନେକଥର ଉଦ୍ୟମ କରିଛି ଏ ମଣିଷ। ମାତ୍ର ବିଭିନ୍ନ ଅଲୌକିକ କାରଣରୁ ଏଥିରେ ସଫଳ ହୋଇପାରିନି। କିନ୍ତୁ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଖୋଲିବାକୁ ପ୍ରୟାସ କରିଥିଲା ପ୍ରଶାସନ। ରତ୍ନଭଣ୍ଡାର ସୁରକ୍ଷାର ଚିନ୍ତା ଅପେକ୍ଷା ଅଧିକ ଆଗ୍ରହ ଥିଲା ଦୁର୍ମୂଲ୍ୟ ଅଳଙ୍କାରଗୁଡ଼ିକର ଆକଳନରେ।

ଫେରି ଚାହିଁବା ବର୍ଷଟିଏ ପଛକୁ। ବର୍ଷାର ମାସ ଆଷାଢ଼–ଶ୍ରାବଣରେ ବି ଓଡ଼ିଶାରେ ଅଗ୍ନିବର୍ଷା। ଅକସ୍ମାତ୍ କାହୁଁଆସିଲା ଲଘୁଚାପଟିଏ। ଚାହୁଁ ଚାହୁଁ ବହେ ବର୍ଷିଗଲା ଶୁଖିଲାଟାରୋ। ମନେହେଲା ସତେଯେମିତି ଆକାଶଟି କଣା ହୋଇଯାଇଛି। ବାରଘଣ୍ଟାର ଅବିଶ୍ରାନ୍ତ ବର୍ଷାରେ ପୁରୀର ଅବସ୍ଥା ବାର ବାଜିଗଲା। ବେହାଲ ହେଲା ବଡ଼ଦାଣ୍ଡ। ଠାକୁରଙ୍କ ଠିକ୍ ବାହୁଡ଼ାଯାତ୍ରାର ଆଗଦିନରେ ବଡ଼ଦାଣ୍ଡରେ ଡଙ୍ଗା ଚାଲିବା ଅବସ୍ଥା ସୃଷ୍ଟି ହେଲା। ମନେ ହେଲା ସତେ ଯେମିତି ବଡ଼ଦେଉଳକୁ ଫେରିବାକୁ ବଡ଼ଠାକୁର ଅମଙ୍ଗ। ସେତେବେଳେ ଆମେ ମଣିଷମାନେ ଟିକେ ବି ହେଜିଲୁ ନାହିଁ କି ନିଜକୁ ସୁଧାରିବାକୁ ଚେଷ୍ଟା କଲୁନି। ନିଜ ନିଜ ଢଙ୍ଗରେ ଆହୁରି ଉତ୍ପାତ କଲୁ। ବାସ୍ ଠିକ୍ ଦଶମାସ ପରେ ଭକ୍ତାଧୀନ ଭଗବାନ ଭୋଗିବାକୁ ଦେଲେ ଆମ କୃତକର୍ମର ପରାଭବ।

ଅବଶ୍ୟ ଏହା ଏକ ପ୍ରାକୃତିକ ବିପତ୍ତି, ଯାହା ଅନସ୍ୱୀକାର୍ଯ୍ୟ। ସୁଖ ସାଉଁଟିବାକୁ ବ୍ୟଗ୍ର ହୋଇ ଦୌଡୁଥିବା ମଣିଷର ଅପରିଣାମଦର୍ଶିତାର କୁପରିଣତି ହେଉଛି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ। ପ୍ରକୃତି ମାଆକୁ ଗୋଟିଏ ହାତରେ ଉପାସନା କଲେ ସେ କୋଟିଏ ହାତରେ ଆମକୁ ଆଶିଷ ଅଜାଡ଼ି ଦିଅନ୍ତି। କିନ୍ତୁ ଆମେ ପ୍ରକୃତିମାଆର ଶୋଷଣ କରିଚାଲିଛୁ। ଫନୀକୁ ନେଇ ଏଠି ଅଯୁତ ପ୍ରଶ୍ନ। ଏହା ସମଗ୍ର ଉପକୂଳ ଇଲାକାକୁ କବଳିତ ନ କରି କାହିଁକି ତାଣ୍ଡବ ରଚିଲା ପୁରୀ, ଭୁବନେଶ୍ୱର ଓ କଟକରେ? ପ୍ରକୃତି ମାଆର ଏହା ପ୍ରକୋପ ବୋଲି ଆମକୁ ସ୍ୱୀକାର କରିବାକୁ ହେବ। ଆହୁରି ବି ମାନିବାକୁ ହେବ, ଆମକୁ ମହାଶିକ୍ଷାଟିଏ ଦେବାକୁ ପ୍ରକୃତି ମାଧ୍ୟମରେ ମହାପ୍ରଭୁ ଶକ୍ତ ପ୍ରହାରଟିଏ ଦେଇଛନ୍ତି ବୋଲି। ବିଜ୍ଞାନବିଶ୍ୱାସୀ ଭୌତିକବାଦୀ ଆମେ ବିନା ତର୍କପ୍ରମାଣରେ କିଛି ବି ବିଶ୍ୱାସ କରିବାକୁ ପ୍ରସ୍ତୁତ ନୋହୁଁ। ମାତ୍ର ଏହା ମଧ୍ୟ ସତ୍ୟ ଯେ ଈଶ୍ୱରଙ୍କ ଲୀଳା ବୁଝିବାକୁ ବିଜ୍ଞାନ ବି ବାଟ ପାଏନା ବେଳେ ବେଳେ। ଦିଆଯାଇଥିବା ବିଷକୁ ଈଶ୍ୱରଙ୍କ ଚରଣାମୃତ ବୋଲି ମନେକରି ପିଇଥିବା ମୀରାବାଈଙ୍କ କ୍ଷେତ୍ରରେ ବିଜ୍ଞାନ ବାଟବଣା ହୋଇଯାଏ। ବିନା ଚକ୍ଷୁଦାନ ଅବା ଅସ୍ତ୍ରୋପଚାରରେ ସନ୍ଥ ଅନ୍ଧ ସୁର ଦାସ ଦୃଷ୍ଟିଶକ୍ତି ଫେରି ପାଇବା ଆଦି ଅଜସ୍ର ଦୃଷ୍ଟାନ୍ତ ଈଶ୍ୱରଙ୍କ ଅଲୌକିକତାର ଏକ ଏକ ଅମୃତ ଅନୁଭବ। ଶ୍ରୀଜଗନ୍ନାଥ ଦର୍ଶନର ମୂଳତତ୍ତ୍ୱ ହେଉଛି ପ୍ରକୃତିର ପୋଷଣ ଓ ଜୀବନର ଉତ୍ତରଣ। ଏହା ସତ୍ତ୍ୱେ ଆଜିର ଉଦ୍‌ଭ୍ରାନ୍ତ ମାନବ ଯଦି ଏହା ବୁଝି ପାରି ନିଜକୁ ନ ସୁଧାରିଲା, ଆଗକୁ ହୁଏ ତ ଆମକୁ ସାମ୍ନା କରିବାକୁ ପଡ଼ିପାରେ ଏହାଠୁ ବଳି ଆହୁରି ଭୟଙ୍କର ବିପତ୍ତି।

ମୋ– ୯୪୩୭୪୩୬୦୭୩

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ବିବାହ ପରମ୍ପରା ଦେଖିବାକୁ ମିଳେ। ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଆଦି ରାଜ୍ୟର ଜଙ୍ଗଲରେ ବସବାସ କରୁଥିବା ଭୀଲ୍ ଜନଜାତି ସମ୍ପ୍ରଦାୟର ବିବାହ ପରମ୍ପରା ନିଆରା। ଏହିସବୁ ଜନଜାତିଙ୍କ ବିବାହରେ କନ୍ୟା ନିଜ ମଥାରେ ସିନ୍ଦୂର ଲଗାଇବା ବଦଳରେ ବର ତା'ର ହାତ ଆଙ୍ଗୁଠି ଧାରୁଆ ଅସ୍ତ୍ରରେ କାଟି ରକ୍ତର ଟିପା କନ୍ୟା ମଥାରେ ଲଗାଇଥାଆନ୍ତି। ଏହାଦ୍ୱାରା ଉଭୟ କନ୍ୟାବରଙ୍କ ମଧ୍ୟରେ ଜୀବନସାରା ପ୍ରେମସମ୍ପର୍କ ସୁଦୃଢ଼ ହୋଇଥାଏ ବୋଲି ଏହି ଜନଜାତି ସମ୍ପ୍ରଦାୟର ଲୋକେ ବିଶ୍ୱାସ କରନ୍ତି। ଭୀଲ୍‌ମାନେ ସାଧାରଣତଃ ସାହସିକତାକୁ ପସନ୍ଦ କରିଥାନ୍ତି। ତେଣୁ ସେମାନଙ୍କ ବିବାହରେ ଏଭଳି ପରମ୍ପରାକୁ ପ୍ରାଧାନ୍ୟ ଦିଆଯାଇଥାଏ। ମନରେ ସ୍ୱାମୀ ଭାବେ ଗ୍ରହଣ କରିଥିବା ଭୀଲ୍ କନ୍ୟା ଜୀବନରେ ଅନ୍ୟ କାହାକୁ ବିବାହ କରନ୍ତି ନାହିଁ। ଭୀଲ୍ ସମ୍ପ୍ରଦାୟର ମହିଳାମାନେ ମଧ୍ୟ ଜଙ୍ଗଲରେ ଶିକାର କରିବାକୁ ପସନ୍ଦ କରନ୍ତି। ତେଣୁ ସେମାନେ ବୀର ଏବଂ ନିର୍ଭୀକ ଯୁବକଙ୍କୁ ପସନ୍ଦ କରିଥାନ୍ତି।

## ଚିରନ୍ତନୀ

ପାଇବାକୁ ଫେରି ଯୁଝିଲେ ଧରି ସେ ଜିଦି
ତିଆଗିଲେ ତନୁ କେତେ ଅମୂଲ୍ୟ ନିଧି
ଅସ୍ତ୍ର ବିହୀନ ଶୂନ୍ୟ ହାତରେ
ପତାଇଲେ ଛାତି ଯେହୁଁ ଅକାତରେ
ବତାଇଲେ ଆମେ ବିନା କମାଣରେ ଟାଳିବୁଁ ପ୍ରାଚୀନ ବିଧି
ଢାଳିଦେଲେ ପ୍ରାଣ କେତେ ଅମୂଲ୍ୟ ନିଧି।
କମାଣରୁ ବଳି ତତାଇଲେ ଯେହୁ ଛାତି
ମତାଇଲେ ଏହି ମରଣାପନ୍ନ ଜାତି
ଡାକିଲେ ଆସରେ ଆସ ମୋର ଦେଶ
ମୃତ୍ୟୁ ନୁହେ ତ ଜୀବନର ଶେଷ।
ଜୀବନ ମରଣ ଲୁଚକାଳି ଖେଳ ଖେଳିବା ଆସରେ ସାଥି
ଡାକିଲେ ଉଠରେ ମରଣାପନ୍ନ ଜାତି!
ଅସ୍ତ୍ର ଶକତି ଅସ୍ଥିର ଚିରଦିନ
କେବେ ସେ ଅଧିକ କେବେ ହୁଏ ଅବା ହୀନ
ମନର ଶକତି ପଡି ନାହିଁ ଭାଜି
ସେହି ଶକତିରେ ବଳୀୟାନ ଆଜି
ସେହି ସମ୍ପଦେ ଦୁର୍ଜୟ ଆଶା ଲଭି ଆଜି ନୋହୁଁ ଦୀନ
ଅସ୍ତ୍ରର ବଳ ଅସ୍ଥିର ଚିରଦିନ।

(ଭାରତଆସିବ ଫେରି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନେତାଙ୍କ ଶିକ୍ଷାଗତ ଯୋଗ୍ୟତା

ମହାଶୟ,

ଭାରତ ଏପରି ଗୋଟିଏ ରାଷ୍ଟ୍ର ଯେଉଁଠାରେ ପିଅନ ପଦବୀ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ ହୋଇଥିବା ବେଳେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ପରି ସାମ୍ବିଧାନିକ ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ପଡ଼େ ନାହିଁ। କିନ୍ତୁ ପଞ୍ଚାୟତଠାରୁ ସଂସଦ ପର୍ଯ୍ୟନ୍ତ ସବୁ ଗଣତାନ୍ତ୍ରିକ ଅନୁଷ୍ଠାନରେ ପ୍ରାର୍ଥୀଙ୍କ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ ନ ହେବା ଯାଏ, ଏହିସବୁ ଅନୁଷ୍ଠାନରେ ଦକ୍ଷତା ଓ ପାରଦର୍ଶିତା ଆଶା କରିବା ବୃଥା। ଗତ ରାଷ୍ଟ୍ରପତି ନିର୍ବାଚନରେ ୨୧ ଜଣ ସାଂସଦ ଓ ୫୬ଜଣ ବିଧାୟକଙ୍କ ଅଜ୍ଞତା ଯୋଗୁ ସେମାନଙ୍କ ମୂଲ୍ୟବାନ ଭୋଟ ନାକଚ ହୋଇଯାଇଥିଲା। ଜଣେ ନିରକ୍ଷର ବା ପ୍ରାଥମିକ ଶିକ୍ଷା ଶେଷ କରି ନ ଥିବା ସାଂସଦ ଓ ବିଧାୟକ ସେମାନଙ୍କ ସାମ୍ବିଧାନିକ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିପାରିବେ ନାହିଁ। ଏହା ନିଷ୍ଠୁର ସତ୍ୟ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଓଡ଼ିଆଙ୍କ ପଖାଳ

ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ ଉପସ୍ଥାପନା 'ଓଡ଼ିଆଙ୍କ ପଖାଳ: ସେକାଳରୁ ଏକାଳ' ବାସ୍ତବରେ ହୃଦୟସ୍ପର୍ଶୀ । ବିଭିନ୍ନ ରାଜ୍ୟରେ ଏହାର ପ୍ରଭାବ ଅଛି। ବଙ୍ଗାଳୀ ପରିବାରରେ କଢ଼େଇ ବୋଲି ଏକ ପର୍ବ ଅଛି, ତାହା ଶ୍ରୀପଞ୍ଚମୀ ପରଦିନ ସେମାନେ ପାଳନ କରନ୍ତି। ପଞ୍ଚମୀ ଦିନ ରାତିରୁ ଭାତ ପଖାଳ ହୋଇଥିବ ଏବଂ ଆଳୁ, ସାରୁ, ବୋଇତାଳୁ ଇତ୍ୟାଦି ପରିବା କଢ଼େଇରେ ସିଝା ହୋଇଥିବ। ଷଷ୍ଠୀ ତିଥିରେ ଆଉ ଚୁଲି ଲାଗିବ ନାହିଁ। ଦିନ ସାରା ପରିବାରର ସମସ୍ତ ସଦସ୍ୟ ସେହି ପଖାଳ ଭାତ ଏବଂ ଆଳୁ, ସାରୁ ଚକଟା ନେଇ ପଖାଳ ଖାଇବେ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜନାଦେଶକୁ ନେଇ ଜନତାଙ୍କ ମତ

ଗୁରୁବାର ଥିଲା ସାଧାରଣ ନିର୍ବାଚନର ଭୋଟ ଗଣତି। ନେତା, କର୍ମୀ ଓ ସାଧାରଣ ଜନତାଙ୍କ ଉତ୍କଣ୍ଠା ଆଉ ଆଶଙ୍କା ଭିତରେ ପର୍ଯ୍ୟାୟକ୍ରମେ ଫଳାଫଳ ପଦାକୁ ଆସିଛି। ତେବେ କେନ୍ଦ୍ରରେ ଭାଜପା ଓ ଓଡ଼ିଶାରେ ବିଜେଡି ସଂଖ୍ୟା ଗରିଷ୍ଠତା ହାସଲ କରି ପୁଣି ସରକାର ଗଠନ କରିବାକୁ ଯାଉଛନ୍ତି। ବିରୋଧୀ କଂଗ୍ରେସ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବାବେଳେ ନିର୍ବାଚନ ଫଳାଫଳ ବିଭିନ୍ନ ବର୍ଗର ଲୋକଙ୍କ ମନରେ ନାନା ଆଶା ସଞ୍ଚାର କରିଛି। ଏ ସଂକ୍ରାନ୍ତରେ ଭୋଟରଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

## ଏହା ଏକ ଐତିହାସିକ ଜନାଦେଶ



୨୦୧୯ର ଜନାଦେଶ ଏକ ଐତିହାସିକ ଜନାଦେଶ। ୧୯୭୧ ପରଠାରୁ ସ୍ୱାଧୀନ ଭାରତ ଇତିହାସରେ କୌଣସି ପ୍ରଧାନମନ୍ତ୍ରୀ ଏବଂ କୌଣସି ଦଳ ଏଭଳି ପୂର୍ଣ୍ଣ ସମର୍ଥନ ପାଇ ସରକାର ଦ୍ୱିତୀୟ ଥର ଗଢ଼ି ନ ଥିଲେ। ଲୋକମତ ଅଭୂତପୂର୍ବ ଥିଲା। ଏ ଜନାଦେଶ ଏକ ଶସକ୍ତ, ସମୃଦ୍ଧ, ବିକଶିତ, ସାହସୀ ଓ ନୂଆ ଭାରତ ସପକ୍ଷରେ। ୨୦୧୯ ନିର୍ବାଚନରେ ଗୋଟିଏ ପଟେ ନରେନ୍ଦ୍ର ମୋଦି ଥିଲେ ଓ ଅନ୍ୟ ପଟରେ ନୀତିଗତ, ଆଦର୍ଶଗତ, ରାଜନୈତିକ କୌଣସି ଐକ୍ୟ ନ ଥିବା ବିରୋଧୀ ଦଳମାନଙ୍କ ସୁବିଧାବାଦୀ ମେଣ୍ଟ ଥିଲା। ଲୋକମାନେ ନରେନ୍ଦ୍ର ମୋଦିଙ୍କୁ ସର୍ବସମ୍ମତିକ୍ରମେ ନିଜ ନେତା ଭାବେ ବାଛିଛନ୍ତି। ତାଙ୍କ ନେତୃତ୍ୱ ପ୍ରତି ଆସ୍ଥାପ୍ରକଟ କରିଛନ୍ତି। ମୋଦିଙ୍କ ଅଧିନାୟକତ୍ୱରେ ଏକ ନୂଆ ଭାରତ ଗଠନ ପାଇଁ ସେମାନେ ବହୁମୂଲ୍ୟ ମତ ଦେଇଛନ୍ତି। ଏହି ଭୋଟ ମଧ୍ୟ କଂଗ୍ରେସର ବଂଶବାଦ ଭିତ୍ତିକ ରାଜନୀତି ବିରୋଧରେ ଏକ ଶକ୍ତ ଚାପୁଡ଼ା।

– ଡ. ନେତାଜୀ ଅଭିନନ୍ଦନ,
ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ରେଭେନଶା ବିଶ୍ୱବିଦ୍ୟାଳୟ

## ପରିବର୍ତ୍ତନର ଆବଶ୍ୟକତା ନାହିଁ



ଦେଶ ଓ ରାଜ୍ୟରେ କୌଣସି ପରିବର୍ତ୍ତନର ଆବଶ୍ୟକତା ନାହିଁ ବୋଲି ଲୋକ ପ୍ରମାଣ କରିଛନ୍ତି। ଏହି ନିର୍ବାଚନ କିଛି ବଡ଼ଧରଣର ପରିବର୍ତ୍ତନ ଆଣିବ ବୋଲି ଯେଉଁ ନାରାବାଜି ହେଉଥିଲା ସେପରି କିଛି ବି ହୋଇନି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଜନତା ସନ୍ତୁଷ୍ଟ। ମୋଦିଙ୍କ ଲୋକପ୍ରିୟତା ବଜାୟ ରହିଛି। ଏହାଛଡ଼ା ଉଭୟ ରାଜ୍ୟ ଓ ଦେଶରେ କଂଗ୍ରେସ ନିଜର ସ୍ଥିତିକୁ ନେଇ ଏବେ ଚିନ୍ତିତ ଥିବ।

– ଡା. ଅବିନାଶ ସବ୍ୟସାଚୀ ସେଠୀ,
ଶିଶୁରୋଗ ବିଶେଷଜ୍ଞ, ଶିଶୁଭବନ

## ସବୁ ଉତ୍କଣ୍ଠାର ପୂର୍ଣ୍ଣଚ୍ଛେଦ ପଡ଼ିଲା



ଜନତା ଜନାର୍ଦ୍ଦନ ନିଜ ମନପସନ୍ଦ ପ୍ରାର୍ଥୀଙ୍କୁ ବିଜୟ ମୁକୁଟ ପିନ୍ଧାଇଛନ୍ତି। ଏ ଦେଶର ମତଦାତା ନୂଆ ସରକାର ଗଠନ କରିଛନ୍ତି। ପୁଣି ୫ବର୍ଷ ପରେ ଏଭଳି ସୁଯୋଗ ମିଳିବ। ଫଳାଫଳ ଜାଣିବା ପାଇଁ ଅନେକ ଉତ୍କଣ୍ଠା ଲାଗିରହିଥିଲା। ଆଜି ସବୁ ଉତ୍କଣ୍ଠାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ସହ ଗଣତନ୍ତ୍ର ପର୍ବ ସମାପନ ହେବାକୁ ଯାଉଛି। ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଶା ଓ ବିଶ୍ୱାସ ରଖୁଛି ସେମାନେ ସମାଜର ମଙ୍ଗଳ ପାଇଁ କାମ କରିବେ।

–କିରନ କୁମାର ଗୁରୁ, ରାଧାଗୋବିନ୍ଦ ଲେନ, ପୁରୀ

## ଫଳାଫଳ ଘୋଷଣା ପରେ ଖୁସି ଲାଗୁଛି



ନିର୍ବାଚନ ଫଳାଫଳ ଘୋଷଣା ପରେ ବହୁତ ଖୁସି ଲାଗୁଛି। ୫ବର୍ଷ ପାଇଁ ମୁଁ ମୋ' ସରକାର ଗଠନରେ ଭାଗୀଦାରି ହେଲି। ଏହି ସରକାର ମୋ' ସରକାର ଅଟେ। ନିର୍ବାଚିତ ପ୍ରତିନିଧି ଏବଂ ସେମାନଙ୍କ ଦ୍ୱାରା ଗଠିତ ସରକାର ରାଷ୍ଟ୍ର ଓ ରାଜ୍ୟ ହିତରେ କାମ କରିବେ ବୋଲି ମୋର ଆଶା ଓ ବିଶ୍ୱାସ ରହିଛି।

– ପଦାରବିନ୍ଦ କର, ତିଆଡ଼ି ସାହି, ପୁରୀ

## ନୂଆ ଲୋକ ପ୍ରତିନିଧିଙ୍କଠାରୁ ଅନେକ ଆଶା ରହିଛି



ଗଣତନ୍ତ୍ରର ଏହି ପବିତ୍ର ପର୍ବର ଫଳାଫଳକୁ ନେଇ ଅନେକ ଉତ୍ସାହିତ ଥିଲି। ପ୍ରଥମ ଥର ପାଇଁ ମତଦାନ କରିଥିଲି। ମତଦାନ ସମୟରେ ଯେତିକି ଉତ୍କଣ୍ଠା ଥିଲା ଫଳାଫଳ ଜାଣିବା ପାଇଁ ତା'ଠାରୁ ଅଧିକ ଉତ୍କଣ୍ଠା ରହିଥିଲା। ୫ବର୍ଷ ପାଇଁ ମୁଁ ନାଗରିକ ହେବାର କର୍ତ୍ତବ୍ୟକୁ ଠିକ ଭାବେ ପାଳନ କରିଛି। ଜନାଦେଶ ଅନୁସାରେ ସରକାର ଗଠନ ହେବାକୁ ଯାଉଛି। ଆମ ପ୍ରତିନିଧିମାନଙ୍କ ଉପରେ ଅନେକ ଆଶା, ଭରସା ରଖିଛି। ସେମାନେ ଏହାକୁ ଅକ୍ଷୁଣ୍ଣ ରଖିବେ ବୋଲି ବିଶ୍ୱାସ କରୁଛି।

–ସତ୍ୟକାମ ସାହୁ, ହାଡ଼ଗୋଡ଼ିଆ ସାହି, ପୁରୀ

## ଶିକ୍ଷା, ନିଯୁକ୍ତି, ଶିଳ୍ପକୁ ପ୍ରାଥମିକତା ଦେବେ ବୋଲି ଆଶା



ମୁଁ ବହୁତ ଖୁସି ଯେ ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ। ପୂର୍ବରୁ କେନ୍ଦ୍ରରେ ଯେଉଁ ସରକାର ଥିଲା, ତାହା ସ୍କାମ୍ ଓ ଦୁର୍ନୀତି ପାଇଁ ଚର୍ଚ୍ଚିତ ଥିଲା। ହେଲେ ଭାଜପା ଶାସନ ସମୟରେ କୌଣସି ସ୍କାମ୍ କଥା ଉଠି ନ ଥିଲା। ଏହା ହିଁ ଦଳକୁ ବହୁମତରେ ବିଜୟୀ କରାଇଲା। ସେହିଭଳି ନବୀନ ପଟ୍ଟନାୟକ ଓଡ଼ିଶା ପାଇଁ ଏତେବର୍ଷ ହେଲା କାମ କରିଛନ୍ତି। ତାଙ୍କ ନାଁରେ କିଛି ଦୁର୍ନୀତି ଅଭିଯୋଗ ନାହିଁ। ଓଡ଼ିଶାର ଲୋକେ ତାଙ୍କୁ ବହୁତ ଭଲ ପାଆନ୍ତି। ସେ ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ଏଥିପାଇଁ ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି। ଆଶା କରୁଛି ନବୀନ ପଟ୍ଟନାୟକ ଆଗାମୀ ୫ବର୍ଷରେ ଶିଳ୍ପ, ନିଯୁକ୍ତି ଓ ଶିକ୍ଷାକୁ ପ୍ରାଥମିକତା ଦେବେ। ରାଜ୍ୟ ଏବଂ କେନ୍ଦ୍ର ସରକାର, ସମସ୍ତେ ଶିକ୍ଷାକୁ ଗୁରୁତ୍ୱ ଦିଅନ୍ତୁ ବୋଲି କହିବି।

– ଚିନ୍ମୟ ମିଶ୍ର, ଅଭିନେତା

## ଉତ୍କୃଷ୍ଟ ଓଡ଼ିଶା ଆଶାକରୁଛି



ମୁଁ ଭାଜପାକୁ ଭୋଟ ଦେଇଥିଲି ଓ ମୋ ଭୋଟ କିଛି ପରିବର୍ତ୍ତନ ଆଣିପାରିଲା। ସେଥିପାଇଁ ମୁଁ ବହୁତ ଖୁସି। ଅଧିକ ଖୁସି ଯେ ଅପରାଜିତା ଷଡ଼ଙ୍ଗୀ ଭୁବନେଶ୍ୱରରେ ଜିତିଲେ। ଗତ ୫ବର୍ଷରେ ବୈଦେଶିକ ରାଷ୍ଟ୍ର ସହ ଭାରତର ସମ୍ପର୍କ ବହୁତ ଭଲ ରହିଛି। ଟେରୋରିଜମ୍ ବହୁ ମାତ୍ରାରେ କମିଛି। କିଛି ଅସୁବିଧା ହୋଇଛି। ହେଲେ ବହୁତ ଭଲ ବି ହୋଇଛି। ନରେନ୍ଦ୍ର ମୋଦିଙ୍କ ଛୋଟ ବଡ଼ ସବୁ ପଦକ୍ଷେପ ପାଇଁ ମୁଁ ତାଙ୍କ ଫ୍ୟାନ୍। ଆଗାମୀ ୫ବର୍ଷରେ ଅନେକ କିଛି ପରିବର୍ତ୍ତନ ହେବ ବୋଲି ଆଶା କରୁଛି। ବିଶ୍ୱ ନଜରରେ ଭାରତ ଯେଉଁ ଗରିବ ରାଷ୍ଟ୍ର ବୋଲି ଚିତ୍ର ରହିଛି, ସେଥିରେ ପରିବର୍ତ୍ତନ ହେବା ଦରକାର। ସେହିଭଳି ନବୀନ ପଟ୍ଟନାୟକ ଏତେବର୍ଷ ହେଲା ଓଡ଼ିଶାକୁ ଶାସନ କରୁଛନ୍ତି। ଛୋଟ ଛୋଟ ପାଦରେ ଓଡ଼ିଶା ଧୀରେ ଧୀରେ ବହୁତ ଆଗକୁ ଗଲାଣି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମେ ସ୍ମାର୍ଟ ସିଟି ପାଇଛେ। ବହୁତ ଭଲ ଭଲ ଯୋଜନା ହୋଇଛି। ଅତୀତ ଭଳି ଭବିଷ୍ୟତରେ ମଧ୍ୟ ମୁଁ ଉତ୍କୃଷ୍ଟ ଓଡ଼ିଶା ଆଶା କରୁଛି।

– ଅନୁଭା ସୌର୍ଯ୍ୟା, ଅଭିନେତ୍ରୀ

## ନବୀନ ପଟ୍ଟନାୟକଙ୍କ ପାଇଁ ଖୁସି



ମୁଁ ଯାହାକୁ ଭୋଟ୍ ଦେଇଛି ଓ ଯାହାକୁ ସମର୍ଥନ କରିଛି ସେମାନେ ଜିତିଯାଇଛନ୍ତି। ନବୀନ ପଟ୍ଟନାୟକଙ୍କ ପାଇଁ ମୁଁ ବହୁତ ଖୁସି। ଲଗାତର ୫ଥର ପାଇଁ ସେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଓଡ଼ିଶା ବିଗତ ବର୍ଷଗୁଡ଼ିକରେ ଯେତିକି ବିକଶିତ ହୋଇଛି, ଆଗାମୀ ୫ବର୍ଷରେ ଆହୁରି ଆଗକୁ ଯିବ ବୋଲି ମୋର ଆଶା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ବହୁତ କିଛି ଆଶା ଅଛି। ହେଲେ ତାହା ପୂରା ହେବ କି ନାହିଁ କେବଳ ସମୟ କହିପାରିବ।

– ପୁନମ ମିଶ୍ର, ଅଭିନେତ୍ରୀ

## ଭାଜପା ପ୍ରତି ଆସ୍ଥା ବଢ଼ିଛି



ରାଜ୍ୟରେ ଭାରତୀୟ ଜନତା ପାର୍ଟି(ଭାଜପା) ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି ବୋଲି କୁହାଯାଇପାରିବ। କଂଗ୍ରେସ ଏଭଳି ଭାବେ ଦେଶ ଓ ରାଜ୍ୟରେ ପରାଜୟର ସମ୍ମୁଖୀନ ହେବ ବୋଲି ବିଶ୍ୱାସ ନ ଥିଲା। ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସର ଅବସ୍ଥା ଶୋଚନୀୟ ହୋଇପାରେ। ଏହାଛଡ଼ା ଏକ୍‌ଜିଟ୍ ପୋଲର ପୂର୍ବାନୁମାନ ଅଧିକାଂଶରେ ଠିକ୍ ହୋଇଛି।

– ସୃଷ୍ଟିମୟୀ ବେହେରା, ଗୃହିଣୀ, କଟକ

## ବିଜେଡି ଦୁର୍ଗ ଭାଙ୍ଗିବା ସହଜ ହେଲାନି



ରାଜ୍ୟରେ ବିଜେଡିର ଦୁର୍ଗ ଭାଙ୍ଗିବା ସହଜ ହେଲାନି। ପୂର୍ବାନୁମାନ କରାଯାଉଥିଲା ଯେ ଅତି ବେଶିରେ ବିଜେଡି ୮୦ରୁ ୯୦ ସିଟ୍‌ରେ ବିଜୟୀ ହେବ। ହେଲେ ୧ଶହ ସିଟ ଟପିବ ବୋଲି ବିଜେଡି ଯେଉଁ ଦାବି କରୁଥିଲା, ସେଥିରେ ସଫଳ ହୋଇଛି।

– ଇତିଶ୍ରୀ ମହାରଣା, କର୍ମଜୀବୀ, କଟକ

## ଦୀର୍ଘକାଳୀନ ଭିତ୍ତିରେ ଲୋକ ହିତକର ଯୋଜନା ଆସୁ



ଗଣତନ୍ତ୍ରରେ ଭଲ ପ୍ରତିନିଧିଙ୍କୁ ବାଛିବାର ଲୋକଙ୍କ ଉପରେ ନିର୍ଭର କରେ। ଲୋକମାନେ ଏ ନେଇ ସଜାଗ ହେବା ଆବଶ୍ୟକ। ରାଜ୍ୟର ହିତ ତଥା ଲୋକମାନଙ୍କର ଦୀର୍ଘକାଳୀନ ମଙ୍ଗଳ ଲାଗି ଜନହିତକର ଯୋଜନା ଆଣିବା ଉଚିତ। ଭୋଟ ବ୍ୟାଙ୍କ ହାତେଇବା ଅପେକ୍ଷା ଏମିତି ପଦକ୍ଷେପ ଆସିବା ଦରକାର ଯାହା ଲୋକଙ୍କ ପ୍ରକୃତ ମଙ୍ଗଳ ଦିଗରେ ସହାୟକ ହେବ। ରାଜ୍ୟ କଥା ବିଚାରକୁ ନେଲେ ବିରୋଧୀ ଦଳଗୁଡିକ ମଧ୍ୟ ଠିକ୍ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ରାଜ୍ୟରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭିତ୍ତିଭୂମି ଉନ୍ନତୀକରଣ ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକତା ରହିଛି।

–ଅମରେନ୍ଦ୍ର ଦାସ, ଅର୍ଥନୀତିଜ୍ଞ

## ରୋଜଗାର ସୃଷ୍ଟିକୁ ଗୁରୁତ୍ୱ ଦିଆଯାଉ



କେନ୍ଦ୍ର ସରକାର ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଦେଶର ଅଭିବୃଦ୍ଧି ତଥା ନିବେଶ ବୃଦ୍ଧି ଦିଗରେ ଏହା ସହାୟକ ହୋଇଛି। କେନ୍ଦ୍ର ସରକାର ରିଟେଲ ଟ୍ରେଡ ଏବଂ କ୍ଷୁଦ୍ର ଶିଳ୍ପର ବିକାଶ ଲାଗି ପଦକ୍ଷେପ ନେବେ ବୋଲି ଆଶା ରହିଛି। ସେହିଭଳି ରାଜ୍ୟ ସ୍ତରରେ ବିକାଶ ଲାଗି ରାଜ୍ୟ ସରକାର ରୋଜଗାର ସୃଷ୍ଟି ଉପରେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ୍ । ତୁଷ୍ଟିକରଣ ରାଜନୀତି ଛାଡି ଲୋକଙ୍କ ପ୍ରକୃତ ହିତକୁ ଦୃଷ୍ଟି ଦେଲେ ଲୋକଙ୍କ ଦ୍ୱାରା ଆଦୃତ ହେବାରୁ କେହି ଅଟକାଇ ପାରିବେ ନାହିଁ।

–ସୁଧାକର ପଣ୍ଡା, ସଭାପତି, ରାଜ୍ୟ ବ୍ୟବସାୟୀ ମହାସଂଘ

## ଔଦ୍ୟୋଗିକ ବିକାଶ ଆଶା



ସରକାରଙ୍କ ସହ ମିଳିତ ହୋଇ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ମିଳିତ କାର୍ଯ୍ୟ କରୁଛି। ରାଜ୍ୟ ତଥା କେନ୍ଦ୍ର ସ୍ତରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ନିଜର ସଂଘ ଯୋଗଦାନ ରଖି ଆସିଛି। ରାଜ୍ୟରେ ନୂଆ ସରକାର ଔଦ୍ୟୋଗିକ ଇକୋସିଷ୍ଟମକୁ ଏକ ନୂଆ ଶିଖରକୁ ନେବାରେ କାର୍ଯ୍ୟ କରିବେ ବୋଲି ଆଶା।

– ଜ୍ୟୋତି ପ୍ରକାଶ ପାଲ୍, ମୁଖ୍ୟ, ଆଇସିସି
ଓଡ଼ିଶା ଆଞ୍ଚଳିକ ଅଫିସ

## ବ୍ୟାଙ୍କରେ ଅଧିକ ସରକାରୀ ପୁଞ୍ଜି ନିବେଶ ହେବା ଉଚିତ



କେନ୍ଦ୍ରର ନୂଆ ସରକାର ଫଳରେ ଅର୍ଥନୈତିକ ସଂସ୍କାର ବ୍ୟାପକ ହେବ। ସେହିଭଳି ସମାଜର ଅନଗ୍ରସର ଶ୍ରେଣୀ ଏବଂ କୃଷକଙ୍କ ଲାଗି ନୂତନ ଯୋଜନା ଆସିବ ବୋଲି ଆଶା କରାଯାଏ। ବ୍ୟାଙ୍କଗୁଡିକରେ ଅଧିକ ସରକାରୀ ପୁଞ୍ଜି ନିବେଶ ହେବା ଆବଶ୍ୟକ। ଋଣ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ସେହିଭଳି ବ୍ୟାଙ୍କ କର୍ମଚାରୀଙ୍କ ଲାଗି ବେତନ ନିର୍ଦ୍ଧାରଣ ଏବଂ ଦ୍ୱିପାକ୍ଷିକ ରାଜିନାମା ଚୂଡ଼ାନ୍ତ କରିବାର ଆବଶ୍ୟକତା ରହିଛି।

– ଦାମୋଦର ନନ୍ଦ,
ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ, ଏଆଇବିଓସି

## ରିୟଲ ଇଷ୍ଟେଟ କ୍ଷେତ୍ରକୁ ପ୍ରୋତ୍ସାହନ ଆଶା ରହିଛି



ରିୟଲ ଇଷ୍ଟେଟ କ୍ଷେତ୍ରରେ ଉନ୍ନତି ସାଧନ ନେଇ ଆଶାବାଦୀ। ନୂଆ ସରକାର ଏହି କ୍ଷେତ୍ରର ଅଭିବୃଦ୍ଧି ଲାଗି ବିଭିନ୍ନ ପଦକ୍ଷେପ ନେବା ଜରୁରୀ। ସରକାର ସଂସ୍କାରଧାରା ଜାରି ରଖିବେ।

– ନିଶୀଥ ନନ୍ଦ, ସଭାପତି, ଆଫୋର୍ଡ

## ଜୁଏଲେରି ଶିଳ୍ପର ବିକାଶଧାରା ଜାରି ରହିବ



ରାଜ୍ୟରେ ନୂଆ ସରକାର ଜୁଏଲେରି ଶିଳ୍ପର ଉନ୍ନତୀକରଣ ଦିଗରେ କାର୍ଯ୍ୟ କରିବେ ବୋଲି ବେଶ୍ ଆଶାବାଦୀ। ଶିଳ୍ପ ଉପଯୋଗୀ ନୀତି ନିର୍ଦ୍ଧାରଣ ଭଳି ବିଭିନ୍ନ ପଦକ୍ଷେପ ସହ ଏହି କ୍ଷେତ୍ରରେ ବିକାଶଧାରା ଜାରି ରହିବା ନେଇ ଆଶା ପ୍ରକଟ କରୁଛୁ।

–ମିତେଶ ଖିମ୍‌ଜୀ, ଡାଇରେକ୍ଟର ଖିମଜୀ ଜୁଏଲର୍ସ

## ରାଜ୍ୟର ଶିଳ୍ପ ବିକାଶକୁ ମିଳିବ ପ୍ରାଥମିକତା



ରାଜ୍ୟର ଶିଳ୍ପ ବିକାଶକୁ ସରକାର ଏହି ପାଳିରେ ମଧ୍ୟ ପ୍ରାଥମିକତା ଦେବେ। ସରକାର ଶିଳ୍ପ ଲାଗି ବିଭିନ୍ନ ନୀତି ଆଣୁଥିବା ବେଳେ ଏଗୁଡିକ ତୃଣମୂଳ ସ୍ତରରେ ଭଲ ଭାବେ ଲାଗୁ ହେବାର ଆବଶ୍ୟକତା ରହିଛି। ସେହିଭଳି କେନ୍ଦ୍ରର ଭାଜପା ସରକାର ବାଣିଜ୍ୟଗୁଡିକ ଲାଗି ବିଭିନ୍ନ ନୀତି ଆଣିବେ ବୋଲି ଉତ୍ସାହି ରହିଛୁ।

–ରମେଶ ମହାପାତ୍ର, ସଭାପତି, ୟୁସିସିଆଇ

## ପୁଞ୍ଜି ବଜାରରେ ବିଦେଶୀ ନିବେଶ ବଢ଼ିବ



କେନ୍ଦ୍ରରେ ନୂଆ ସରକାର ଅର୍ଥନୈତିକ ସଂସ୍କାର, ଦୃଢ଼ ନୀତି ଏବଂ ସ୍ଥିରତା ସହ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି। ଆଗାମୀ ଦିନରେ ପୁଞ୍ଜି ବଜାରରେ ବିଦେଶୀ ନିବେଶ ବୃଦ୍ଧି ଘଟିବ। ଫରେନ ଇନଷ୍ଟିଚ୍ୟୁଶନାଲ ଇନଭେଷ୍ଟର (ଏଫ୍‌ଆଇଆଇ) ମାନେ ଦୀର୍ଘ ମିଆଦିଭିତ୍ତିରେ ନିବେଶ ଲାଗି ପସନ୍ଦ କରିବେ। ଦୃଢ ସରକାର ଦୀର୍ଘକାଳୀନ ପୁଞ୍ଜି ବଜାର ଲାଗି ସୁଫଳ ପ୍ରଦାନ କରିବ।

– ରୂପ କୁମାର ପ୍ରଧାନ, ଚାର୍ଟାର୍ଡ ଫାଇନାନ୍ସିଆଲ ପ୍ଲାନର

## ଇଜ୍ ଅଫ୍ ଡୁଇଂ ବିଜନେସ୍‌କୁ ଗୁରୁତ୍ୱ ମିଳିବ



ଦେଶର ସାମଗ୍ରିକ ବିକାଶକୁ ଆଉ ଗୋଟିଏ ସ୍ତରକୁ ନେବାରେ କେନ୍ଦ୍ରର ନୂଆ ସରକାର କାର୍ଯ୍ୟ କରିବେ। ସଂସ୍କାର ପଦକ୍ଷେପ ମୁତାବକ ଇଜ ଅଫ୍ ଡୁଇଂ ବିଜନେସକୁ ସରକାର ଗୁରୁତ୍ୱ ଦେବେ ବୋଲି ଆଶାବାଦୀ।

–ଶୁଭ୍ରକାନ୍ତ ପଣ୍ଡା,
ଅଧ୍ୟକ୍ଷ, ଫିକି ଓଡ଼ିଶା ପରିଷଦ

## ଉଦାହରଣ ସୃଷ୍ଟି କରିଛି ଓଡ଼ିଶା



ନବୀନ ପଟ୍ଟନାୟକ ରାଜ୍ୟରେ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ଏଥିପାଇଁ ତାଙ୍କୁ ଅଭିନନ୍ଦନ ଜଣାଉଛି। ସାରା ଦେଶରେ ମୋଦିଙ୍କ ସ୍ରୋତ ଚାଲିଥିବା ବେଳେ ଓଡ଼ିଶାରେ ବିଜେଡି ଅକୁଣ୍ଠ ଜନ ସମର୍ଥନ ପାଇବା କେବଳ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମ୍ଭବ ହୋଇଛି। ଓଡ଼ିଶା ଉଦାହରଣ ସୃଷ୍ଟି କରିଛି। ଭାଜପାର କେନ୍ଦ୍ରୀୟ ନେତୃତ୍ୱ ମଣ୍ଡଳୀ ଜାଣିଥିଲେ ଯେ, ଓଡ଼ିଶାରେ ୧୪୭ ଆସନରୁ ଭାଜପା ୨୭ ପାଇବ। ତେଣୁ ରାଜ୍ୟ ନେତାମାନେ ବାକି ୧୨୦ ଆସନ ପାଇଁ ପରିଶ୍ରମ କରିବା ଲାଗି ୧୨୦ ମିଶନ ଉପରେ ଗୁରୁତ୍ୱ ଦେଇଥିଲେ।

– ଦିଲ୍ଲୀପ ଦାଶଶର୍ମା,
ସଭାପତି, ଉତ୍କଳ ସମ୍ମିଳନୀ ମଞ୍ଜେଶ୍ୱର
ଶିଳ୍ପାଞ୍ଚଳ ଶାଖା


CLASSIFIED DISPLAY

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଉର୍ଦ୍ଧ୍ୱନା**
ଶିକ୍ଷାବର୍ଷ-୨୦୧୯-୨୦୨୦
ନାମଲେଖା ବିଜ୍ଞାପନ
ଶ୍ରେଣୀ :- ଶିଶୁ ବାଟିକା
ଶିଶୁ ପ୍ରାରମ୍ଭ ବୟସ ସୀମା :- (ତା.୩୧।୦୩।୨୦୧୯ସୁଦ୍ଧା) (୦୩+ବର୍ଷ ହୋଇଥିବ)।
ଫର୍ମ ପ୍ରଦାନ :- (ତା.୦୩।୦୪।୨୦୧୯ରୁ ୨୫।୦୫।୨୦୧୯ ପର୍ଯ୍ୟନ୍ତ)।
ଫର୍ମ ଗ୍ରହଣ :- ପ୍ରତିଦିନ ସକାଳ ୦୭ଟାରୁ ୧୦ଟା ମଧ୍ୟରେ (ଛୁଟିଦିନ ବ୍ୟତୀତ)।
ବିଦ୍ର : ସରକାରଙ୍କ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମଲେଖା ପାଇଁ ୨୫% ନିମ୍ନ ପ୍ରକାର ସ୍ଥାନ ସଂରକ୍ଷଣ ରହିଛି। ଉକ୍ତ ଶ୍ରେଣୀର ମୋଟ ସିଟ୍ ସଂଖ୍ୟା ୩୦। ଏଥିରୁ ୦୮ ଜଣ ଶିଶୁଙ୍କୁ ସରକାରୀ ନିୟମରେ ମାଗଣାରେ ନାମଲେଖା କାର୍ଯ୍ୟ କରାଯିବ। ଇଚ୍ଛୁକ ଅଭିଭାବକ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ▶ ସଂସ୍କାରକ୍ଷମ ଶିଶୁ, ଭାରତୀୟ ସଂସ୍କୃତି ଓ ବିଚାରଧାରା, ଖେଳ ସାମଗ୍ରୀ ଆଧାରିତ ଶାରୀରିକ ବିକାଶ ଶିକ୍ଷା ତଥା ପ୍ରତ୍ୟକ୍ଷ ଅନୁଭୂତିମୂଳକ ଶିକ୍ଷାର ବ୍ୟବସ୍ଥା ଅଛି।
10%- SC, ST, SEBC Categories, 05%- Homeless, Bagger, Child Labour, Street Child etc., 10%- BPL Category / card holder of different Poverty, Elimination Programme of govt.
କାର୍ଯ୍ୟାଳୟ ସହାୟକ Mob.- 6370495273 | ପ୍ରଧାନ ଆଚାର୍ଯ୍ୟ Mob.- 6371584137 | ସଂପାଦକ Mob.- 8018515381

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଘରର କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

**NTPC Limited** (A Govt. of India Enterprise)
Expression of Interest (EOI) for providing Tools & Machinery
NTPC Ltd. has undertaken Electricity Restoration Work (LT Lines) in four blocks of Puri district namely Nimapara, Gop, PuriSadar and Satyabadi which are damaged due to severe cyclone (FANI) that hit coastal districts on 03.05.2019. Approximately 20 Nos. of Auger Machine (Pole Master), 20 Nos. of Tractor with Trolley, 04 Nos. Gas Cutter and 04 Nos. of Drill Machine along with their Operators are urgently required for the above restoration job for a period of around one month.
Interested agencies who are capable of providing such Tools & Machinery on Hiring basis may submit their interest in this regard by 28.05.2019 (Upto 1530 Hrs). For details NTPC's tender website (www.ntpctender.com) may be referred.
1044/NIT/2019/1905230001 Goldmine
Leading the Power Sector

**नालको NALCO**
National Aluminium Company Limited (A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha, India
CIN : L27203OR1981GOI000920
A NAVRATNA COMPANY
**E-TENDER NOTICE**
Following Online tenders is invited on e-procure site of CPP Portal.
Tender No. NALCO CGPP/2019/BTG/01
Work : Design, Manufacture, Supply, Erection, Testing, Commissioning and Performance Guarantee Tests for Steam Generator, Turbo-Generator, Sox & NOx control system and Its Auxiliaries along with associated facilities at Damanjodi.
BDD : 02.07.2019. For query E-mail at nalcocgpp.chn@dastur.com/sivakumar.p@dastur.com
Please visit www.eprocure.gov.in for downloading tender documents and submission of offer. Any updates / amendment / extension of the NIT shall only be hosted in above website. NIT is uploaded at www.nalcoindia.com for information.
P. Sivakumar
Project Manager
M.N. DASTUR & COMPANY (P) LTD

**UTKAL UNIVERSITY**
(Accredited A+ by NAAC)
VANI VIHAR, BHUBANESWAR-751004
**NOTIFICATION**
No. CPG/ACA/11/1920/2019 Dated: 20.05.2019
ADMISSION NOTIFICATION, 2019-20
The last date of online application for admission into **Post Graduate and Sponsored Courses** for the **Session 2019-20** is extended to **10.06.2019** due to severe cyclonic storm FANI. For detail information visit **website: www.utkaluniversity.nic.in**
Sd/- Chairman, P.G. Council

**NOTICE**
**IN THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014
O.A. No. 420 of 2018
IDBI Bank Limited, Puri Branch, At: Grand Road, Badasankha, Dist.: Puri, Odisha, PIN-752002, Ph. No.: 06752-228380 ..Applicant
- Versus -
Sai Om Tours & Transport Pvt. Ltd. ...Defendants
To
1. **Sai Om Tours & Transport Pvt. Ltd.,** At: Duttatota, Pravat Lane, P.S./Dist.: Puri-752001, Represented through its **Managing Director: Mr. Biswaranjan Dash**
2. **Mr. Biswaranjan Dash,** Aged abount 37 years, S/o- Madhabananda Dash, At: Duttatota, Pravat Lane, P.S./Dist.: Puri-752001
3. **Sri Rasaranjan Dash,** Aged about 39 years, S/o- Sri Madhabananda Dash, At: Duttatota, Pravat Lane, P.S./Dist.: Puri-752001

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the Applicant has instituted a suit in **O.A. No. 420/2018** in the Court of Debts Recovery Tribunal at Cuttack for a recovery of **Rs.22,93,415.20** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **26th day of June 2019 at 10.30A.M.** as to why relief's prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this **23rd day of May 2019.**
Sd/- Registrar
Debts Recovery Tribunal





ଫ୍ୟାଟି ନୁହେଁ, ଫିଟ୍ ଦେଖାଯାଆନ୍ତୁ
JOLLY
ଯେମିତି ନାମ, ସେମିତି କାମ
ଫ୍ୟାଟ୍-ଗୋ
ସ୍ଲିମିଂ କ୍ୟାପ୍‌ସୁଲ, ପାଉଡର ଏବଂ ଅଏଲ୍



✓ କେବଳ ଗୋଟିଏ କ୍ୟାପ୍‌ସୁଲ ସକାଳେ ଓ ଗୋଟିଏ ସନ୍ଧ୍ୟା ବେଳେ*
✓ ଶୁଦ୍ଧ ଆୟୁର୍ବେଦିକ, କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ।
*Basic dose suggested. #Results may vary person to person.
ପ୍ରତ୍ୟେକ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ। Helpline: 0161-520-1588



# ଭୋଟ ଫଳ-୨୦୧୯



## ଅରୁଣାଚଳ ପ୍ରଦେଶ
ମୋଟ ଆସନ: ୦୨
ଭାଜପା: ୦୨

## ଆସାମ
ମୋଟ ଆସନ: ୧୪
ଭାଜପା: ୦୯
କଂଗ୍ରେସ: ୦୩
ଅନ୍ୟ: ୦୨

## ବିହାର
ମୋଟ ଆସନ: ୪୦
ଭାଜପା+: ୩୬
କଂଗ୍ରେସ: ୦୧

## ଛତିଶଗଡ଼
ମୋଟ ଆସନ: ୧୧
ଭାଜପା: ୦୯
କଂଗ୍ରେସ: ୦୨

## ଗୋଆ
ମୋଟ ଆସନ: ୦୨
ଭାଜପା: ୦୧
କଂଗ୍ରେସ: ୦୧

## ଗୁଜରାଟ
ମୋଟ ଆସନ: ୨୬
ଭାଜପା: ୨୬

## ଆନ୍ଧ୍ରପ୍ରଦେଶ
ମୋଟ ଆସନ: ୨୫
ୱାଇଏସ୍ଆର୍‌ସିପି: ୨୨
ଟିଡିପି: ୦୩

## ହରିୟାଣା
ମୋଟ ଆସନ: ୧୦
ଭାଜପା: ୧୦

## ହିମାଚଳ ପ୍ରଦେଶ
ମୋଟ ଆସନ: ୦୪
ଭାଜପା: ୦୪

## ଜମ୍ମୁ-କଶ୍ମୀର
ମୋଟ ଆସନ: ୦୬
ଭାଜପା: ୦୩
ଏନ୍‌ସି: ୦୩

## ପ୍ରମୁଖ ବିଜୟୀ ପ୍ରାର୍ଥୀ



ହେମାମାଳିନୀ (ମଥୁରା, ଭାଜପା)
ପ୍ରଜ୍ଞା ସିଂ ଠାକୁର (ଭୋପାଳ, ଭାଜପା)
ରାହୁଲ ଗାନ୍ଧୀ (ୱାୟନାଡ, କଂଗ୍ରେସ)
ଦୟାନିଧି ମାରାନ (ଚେନ୍ନାଇ ସେଣ୍ଟ୍ରାଲ, ଡିଏମ୍‌କେ)
କାନିମୋଝି କରୁଣାନିଧି (ଥୁଠୁକୁଡି, ଡିଏମ୍‌କେ)
ଫାରୁକ୍ ଅବ୍‌ଦୁଲ୍ଲା (ଶ୍ରୀନଗର, ଏନ୍‌ସି)
ଅଗଥା କେ. ସଙ୍ଗମା (ତୁରା, ଏନ୍‌ପିପି)
ଆଜମ୍ ଖାନ୍ (ରାମପୁର, ଏସ୍‌ପି)
ଅଖିଳେଶ ଯାଦବ (ଆଜମ୍‌ଗଡ଼, ଏସ୍‌ପି)
ସୁଗତ ରାୟ (ଡୁମ୍ ଡୁମ୍, ଟିଏମ୍‌ସି)
ଅର୍ଜ୍ଜୁନରାମ ମେଘୱାଲ (ବିକାନେର, ଭାଜପା)
ସତ୍ୟପାଲ ସିଂ (ବାଗ୍‌ପତ, ଭାଜପା)
ମହେଶ ଶର୍ମା (ଗୌତମବୁଦ୍ଧନଗର, ଭାଜପା)
ନକୁଳନାଥ (ଛିନ୍ଦୱାଡ଼ା, କଂଗ୍ରେସ)
ସୋନିଆ ଗାନ୍ଧୀ (ରାଏବରେଲି, କଂଗ୍ରେସ)
ବରୁଣ ଗାନ୍ଧୀ (ପିଲିଭିତ, ଭାଜପା)
ରାଜନାଥ ସିଂ (ଲକ୍ଷ୍ନୌ, ଭାଜପା)
ବାବୁଲ ସୁପ୍ରିୟୋ (ଆସାନସୋଲ, ଭାଜପା)
ଗୌତମ ଗମ୍ଭୀର (ଇଷ୍ଟ ଦିଲ୍ଲୀ, ଭାଜପା)
ଅର୍ଜୁନ ମୁଣ୍ଡା (ଖଣ୍ଟି, ଭାଜପା)
ତୀରଥ ସିଂ ରାୱତ (ଗଡ଼ୱାଲ, ଭାଜପା)
ଭଗୱନ୍ତ ମାନ୍ (ସଙ୍ଗରୁର, ଏଏପି)
ବଦ୍‌ରୁଦ୍ଦିନ୍ ଅଜ୍‌ମଲ (ଧୁବ୍ରି, ଏଆଇୟୁଡିଏଫ୍)
ରାଧାମୋହନ ସିଂ (ପୂର୍ବି ଚମ୍ପାରନ୍, ଭାଜପା)
ଗିରିରାଜ ସିଂ (ବେଗୁସରାଇ, ଭାଜପା)
ଅନୁରାଗ ସିଂ ଠାକୁର (ହମିରପୁର, ଭାଜପା)
ଅନନ୍ତ କୁମାର ହେଗ୍‌ଡେ (ଉତ୍ତର କନ୍ନଡ, ଭାଜପା)
ନରେନ୍ଦ୍ର ସିଂ ତୋମାର (ମୋରେନା, ଭାଜପା)
ଶଶୀ ଥରୁର (ଥିରୁଭାନନ୍ତପୁରମ୍, କଂଗ୍ରେସ)
ଏ. ରାଜା (ନୀଲଗିରିସ୍, ଡିଏମ୍‌କେ)
ପ୍ରଜ୍ୱଳ ରେଭାନ୍ନା (ହାସନ, ଜେଡିଏସ୍)
ଚିରାଗ ପାଶ୍ୱାନ (ଜାମୁଇ, ଏଲ୍‌ଜେପି)
ସୁପ୍ରିୟା ସୁଲେ (ବାରାମତି, ଏନ୍‌ସିପି)
ମନୀଷ ତିୱାରୀ (ଆନନ୍ଦପୁର ସାହିବ, କଂଗ୍ରେସ)
ଅଶୋକ ଗଜପତି ରାଜୁ (ବିଜୟନଗରମ୍, ଟିଡିପି)
ମୁଲାୟମ୍ ସିଂ ଯାଦବ (ମୈନ୍‌ପୁରୀ, ଏସ୍‌ପି)
ରାମକ୍ରିପାଲ ଯାଦବ (ପାଟଳିପୁତ୍ର, ଭାଜପା)
ଅଭିଷେକ ବାନାର୍ଜୀ (ଡାଇମଣ୍ଡ ହାର୍ବର, ଟିଏମ୍‌ସି)
ନୀତୀନ ଗଡ଼କରୀ (ନାଗପୁର, ଭାଜପା)
ପୁନମ୍ ମହାଜନ (ମୁମ୍ବାଇ ନର୍ଥ ସେଣ୍ଟ୍ରାଲ, ଭାଜପା)

## ପ୍ରମୁଖ ପରାଜିତ ପ୍ରାର୍ଥୀ



ସଲମାନ୍ ଖୁର୍ସିଦ (ଫରୁଖାବାଦ, କଂଗ୍ରେସ)
ଶୀଲା ଦୀକ୍ଷିତ (ନର୍ଥ ଇଷ୍ଟ ଦିଲ୍ଲୀ, କଂଗ୍ରେସ)
କିର୍ତ୍ତୀ ଆଜାଦ (ଧାନବାଦ, କଂଗ୍ରେସ)
ହରିଶ ରାୱତ୍ (ନୈନିତାଲ ଉଧମସିଂହନଗର, କଂଗ୍ରେସ)
ଅର୍ଜୁନ ସିଂ ଚୌତାଲା (କୁରୁକ୍ଷେତ୍ର, ଆଇଏନ୍‌ଏଲ୍‌ଡି)
ଏଚ୍.ଡି. ଦେବେଗୌଡ଼ା (ଟୁମକୁର, ଜେଡିଏସ୍)
ଶିବୁ ସୋରେନ୍ (ଡୁମ୍‌କା, ଜେଏମ୍‌ଏମ୍)
ବାବୁଲାଲ ମାର୍ଣ୍ଡି (କୋଦର୍ମା, ଜେଭିଏମ୍)
ପାର୍ଥ ପାୱାର (ମଭାଲ, ଏନ୍‌ସିପି)
ଶିବପାଲ ସିଂ ଯାଦବ (ଫିରୋଜାବାଦ, ପିଏସ୍‌ପିଏଲ୍)
ରଘୁବଂଶ ପ୍ରସାଦ ସିଂ (ବୈଶାଳୀ, ଆର୍‌ଜେଡି)
ଅଜିତ ସିଂ (ମୁଜାଫରନଗର, ଆର୍‌ଏଲ୍‌ଡି)
ପ୍ରକାଶ ଅମ୍ବେଡକର (ଅକୋଲା, ଭିବିଏ)
ହଂଶରାଜ ଅହିର (ଚନ୍ଦ୍ରପୁର, ଭାଜପା)
ପୋନ୍ ରାଧାକ୍ରିଷ୍ଣନ୍ (କନ୍ୟାକୁମାରୀ, ଭାଜପା)
ଅଶୋକ ଚୌହାନ (ନାନ୍ଦେଡ, କଂଗ୍ରେସ)
ପ୍ରିୟା ଦତ୍ତ (ମୁମ୍ବାଇ ନର୍ଥ ସେଣ୍ଟ୍ରାଲ, କଂଗ୍ରେସ)
ସୁଶୀଲ କୁମାର ସିନ୍ଧେ (ସୋଲାପୁର, କଂଗ୍ରେସ)
ଶତ୍ରୁଘ୍ନ ସିହ୍ନା (ପାଟନା ସାହିବ, କଂଗ୍ରେସ)
ମାନବେନ୍ଦ ସିଂ (ବାରମେର, କଂଗ୍ରେସ)
ରାଜ୍ ବବ୍ବର (ଫତେପୁର ସିକ୍ରି, କଂଗ୍ରେସ)
ମନୋଜ ସିହ୍ନା (ଗାଜିପୁର, ଭାଜପା)
ଚନ୍ଦ୍ର କୁମାର ବୋଷ (କୋଲକାତା ଦକ୍ଷିଣ, ଭାଜପା)
ସୁସ୍ମିତା ଦେବ (ସିଲ୍‌ଚର, କଂଗ୍ରେସ)
ମୈରା କୁମାର (ସାସାରାମ, କଂଗ୍ରେସ)
ବି.କେ. ହରିପ୍ରସାଦ (ବାଙ୍ଗାଲୋର ସାଉଥ୍, କଂଗ୍ରେସ)
ରାଘବ ଚଡ୍ଢା (ସାଉଥ୍ ଦିଲ୍ଲୀ, ଏଏପି)
ଏମ୍. ଥମ୍ବିଦୁରାଇ (କରୁର, ଏଆଇଏଡିଏମ୍‌କେ)
ମିସା ଭାରତୀ (ପାଟଳିପୁତ୍ର, ଆର୍‌ଜେଡି)
ଆଲ୍‌ଫୋନ୍ସ କନାନ୍ଥନମ୍ (ଏର୍ନାକୁଲମ୍, ଭାଜପା)
ଜ୍ୟୋତିରାଦିତ୍ୟ ସିନ୍ଧିଆ (ଗୁନା, କଂଗ୍ରେସ)
ଅଭିଜିତ୍ ମୁଖାର୍ଜୀ (ଜାଙ୍ଗିପୁର, କଂଗ୍ରେସ)
ପବନ କୁମାର ବଂଶଲ (ଚଣ୍ଡିଗଡ଼, କଂଗ୍ରେସ)
ଅଜୟ ମାକେନ (ନୂଆଦିଲ୍ଲୀ, କଂଗ୍ରେସ)
ନିଖିଲ କୁମାରସ୍ୱାମୀ (ମାଣ୍ଡ୍ୟ, ଜେଡିଏସ୍)
ମେହବୁବା ମୁଫ୍‌ତି (ଅନନ୍ତନାଗ, ପିଡିପି)
ଶରଦ ଯାଦବ (ମାଧେପୁରା, ଆର୍‌ଜେଡି)
ଡିମ୍ପଲ ଯାଦବ (କନୌଜ, ଏସ୍‌ପି)
ଜୟପ୍ରଦା (ରାମପୁର, ଭାଜପା)
ଦିଗ୍‌ବିଜୟ ସିଂ (ଭୋପାଳ, କଂଗ୍ରେସ)

## ମଧ୍ୟପ୍ରଦେଶ
ମୋଟ ଆସନ: ୨୯
ଭାଜପା: ୨୮
କଂଗ୍ରେସ: ୦୧

## ମହାରାଷ୍ଟ୍ର
ମୋଟ ଆସନ: ୪୮
ଭାଜପା+: ୪୧
କଂଗ୍ରେସ+: ୦୫
ଅନ୍ୟ: ୦୨

## ମଣିପୁର
ମୋଟ ଆସନ: ୦୨
ଭାଜପା: ୦୧
ଏନ୍‌ପିଏଫ୍: ୦୧

## ମେଘାଳୟ
ମୋଟ ଆସନ: ୦୨
କଂଗ୍ରେସ: ୦୧
ଏନ୍‌ପିପି: ୦୧

## ତେଲେଙ୍ଗାନା
ମୋଟ ଆସନ: ୧୭
ଟିଆର୍‌ଏସ୍+: ୦୯
ଭାଜପା: ୦୪
କଂଗ୍ରେସ: ୦୪

## ନାଗାଲାଣ୍ଡ
ମୋଟ ଆସନ: ୦୧
ଏନ୍‌ଡିପିପି: ୦୧

## ଓଡ଼ିଶା
ମୋଟ ଆସନ: ୨୧
ବିଜେଡି: ୧୩
ଭାଜପା: ୦୮

## ପଞ୍ଜାବ
ମୋଟ ଆସନ: ୧୩
କଂଗ୍ରେସ: ୦୮
ଭାଜପା+: ୦୪
ଏଏପି: ୦୧

## ରାଜସ୍ଥାନ
ମୋଟ ଆସନ: ୨୫
ଭାଜପା: ୨୪
ଆର୍‌ଏଲ୍‌ପି: ୦୧

## ସିକିମ
ମୋଟ ଆସନ: ୦୧
ଏସ୍‌କେଏମ୍: ୦୧

## ଝାଡ଼ଖଣ୍ଡ
ମୋଟ ଆସନ: ୧୪
ଭାଜପା+: ୧୨
କଂଗ୍ରେସ+: ୦୨

## ଉତ୍ତରାଖଣ୍ଡ
ମୋଟ ଆସନ: ୦୫
ଭାଜପା: ୦୫

## ଆଣ୍ଡାମାନ ନିକୋବର
ମୋଟ ଆସନ: ୦୧
କଂଗ୍ରେସ: ୦୧

## ଡାମନ ଆଣ୍ଡ ଡ୍ୟୁ
ମୋଟ ଆସନ: ୦୧
ଭାଜପା: ୦୧

## ତାମିଲନାଡୁ
ମୋଟ ଆସନ: ୩୮
ଡିଏମ୍‌କେ+: ୩୧
ଏଆଇଡିଏମ୍‌କେ: ୦୨
ଅନ୍ୟ: ୦୫

## କର୍ଣ୍ଣାଟକ
ମୋଟ ଆସନ: ୨୮
ଭାଜପା: ୨୫
କଂଗ୍ରେସ+: ୦୨
ଅନ୍ୟ: ୦୧

## ଦିଲ୍ଲୀ
ମୋଟ ଆସନ: ୦୭
ଭାଜପା: ୦୭

## ପଶ୍ଚିମବଙ୍ଗ
ମୋଟ ଆସନ: ୪୨
ଟିଏମ୍‌ସି: ୨୨
ଭାଜପା: ୧୮
କଂଗ୍ରେସ: ୦୨

## ଚଣ୍ଡିଗଡ଼
ମୋଟ ଆସନ: ୦୧
ଭାଜପା: ୦୧

## ତ୍ରିପୁରା
ମୋଟ ଆସନ: ୦୨
ଭାଜପା: ୦୨

## କେରଳ
ମୋଟ ଆସନ: ୨୦
କଂଗ୍ରେସ+: ୧୭
ସିପିଆଇଏମ୍: ୦୧
ଅନ୍ୟ: ୦୨

## ଲାକ୍ଷାଦ୍ୱୀପ
ମୋଟ ଆସନ: ୦୧
ଏନ୍‌ସିପି: ୦୧

## ପଣ୍ଡିଚେରୀ
ମୋଟ ଆସନ: ୦୧
କଂଗ୍ରେସ: ୦୧

## ଦାଦ୍ରା ଓ ନଗର ହାବେଳି
ମୋଟ ଆସନ: ୦୧
ସ୍ୱାଧୀନ: ୦୧

## ଉତ୍ତରପ୍ରଦେଶ
ମୋଟ ଆସନ: ୮୦
ଭାଜପା+: ୬୪
ଏସ୍‌ପି/ବିଏସ୍‌ପି: ୧୫
କଂଗ୍ରେସ: ୦୧

# ନବନିର୍ବାଚିତ ସଦସ୍ୟ

| ନିର୍ବାଚନମଣ୍ଡଳୀ | ପ୍ରାର୍ଥୀ | ଦଳ |
|---|---|---|
| ୧.ପଦମ୍ପୁର | ବିଜୟ ରଞ୍ଜନ ସିଂ ବରିହା | ବିଜେଡି |
| ୨.ବିଜେପୁର | ନବୀନ ପଟ୍ଟନାୟକ | ବିଜେଡି |
| ୩.ବରଗଡ | ଦେବେଶ ଆଚାର୍ଯ୍ୟ | ବିଜେଡି |
| ୪.ଅତାବିରା | ସ୍ନେହାଙ୍ଗିନୀ ଛୁରିଆ | ବିଜେଡି |
| ୫.ଭଟ୍ଲି | ସୁଶାନ୍ତ ସିଂ | ବିଜେଡି |
| ୬.ବ୍ରଜରାଜନଗର | କିଶୋର ମହାନ୍ତି | ବିଜେଡି |
| ୭.ଝାରସୁଗୁଡ଼ା | ନବକିଶୋର ଦାସ | ବିଜେଡି |
| ୮.ତଳସରା | ଭବାନୀ ଭୋଇ | ଭାଜପା |
| ୯.ସୁନ୍ଦରଗଡ଼ | କୁସୁମ ଟେଟେ | ଭାଜପା |
| ୧୦.ବୀରମିତ୍ରପୁର | ଶଙ୍କର ଓରାମ | ଭାଜପା |
| ୧୧.ରଘୁନାଥପାଲି | ସୁବ୍ରତ ତରାଇ | ବିଜେଡି |
| ୧୨.ରାଉରକେଲା | ଶାରଦା ନାୟକ | ବିଜେଡି |
| ୧୩.ରାଜଗାଙ୍ଗପୁର | ନରସିଂହ ମିଞ୍ଜ | ଭାଜପା |
| ୧୪.ବଣାଇ | ଲକ୍ଷ୍ମଣ ମୁଣ୍ଡା | ସିପିଆଇଏମ୍ |
| ୧୫.କୁଚିଣ୍ଡା | କିଶୋର ନାୟକ | ବିଜେଡି |
| ୧୬.ରେଙ୍ଗାଲି | ନାଉରୀ ନାୟକ | ଭାଜପା |
| ୧୭.ସମ୍ବଲପୁର | ଜୟନାରାୟଣ ମିଶ୍ର | ଭାଜପା |
| ୧୮.ରେଢ଼ାଖୋଲ | ରୋହିତ ପୂଜାରୀ | ବିଜେଡି |
| ୧୯. ଦେବଗଡ଼ | ସୁବାସ ପାଣିଗ୍ରାହୀ | ଭାଜପା |
| ୨୦. ତେଲକୋଇ | ପ୍ରେମାନନ୍ଦ ନାଏକ | ବିଜେଡି (ଅଗ୍ରଣୀ) |
| ୨୧. ଘସିପୁରା | ବଦ୍ରି ନାରାୟଣ ପାତ୍ର | ବିଜେଡି |
| ୨୨. ଆନନ୍ଦପୁର | ଭାଗୀରଥି ସେଠୀ | ବିଜେଡି |
| ୨୩. ପାଟଣା | ଜଗନ୍ନାଥ ନାଏକ | ବିଜେଡି |
| ୨୪. କେନ୍ଦୁଝର | ମୋହନ ମାଝୀ | ଭାଜପା (ଅଗ୍ରଣୀ) |
| ୨୫.ଚମ୍ପୁଆ | ମିନାକ୍ଷୀ ମହାନ୍ତ | ବିଜେଡି |
| ୨୬.ଯଶୀପୁର | ଗଣେଶରାମସିଂ ଖୁଣ୍ଟିଆ | ଭାଜପା |
| ୨୭.ସାରସକଣା | ଡ. ବୁଧନ ମୁର୍ମୁ | ଭାଜପା |
| ୨୮.ରାଇରଙ୍ଗପୁର | ନବଚରଣ ମାଝୀ | ଭାଜପା |
| ୨୯.ବାଙ୍ଗିରିପୋଷୀ | ସୁଦାମ ମାରାଣ୍ଡି | ବିଜେଡି |
| ୩୦.କରଞ୍ଜିଆ | ବାସନ୍ତୀ ହେମ୍ବ୍ରମ | ବିଜେଡି |
| ୩୧.ଉଦଳା | ଭାସ୍କର ମଡ଼େଇ | ଭାଜପା |
| ୩୨.ବଡ଼ସାହି | ସନାତନ ବିଜୁଳି | ଭାଜପା |
| ୩୩. ବାରିପଦା | ପ୍ରକାଶ ସୋରେନ | ଭାଜପା |
| ୩୪. ମୋରଡ଼ା | ରାଜକିଶୋର ଦାସ | ବିଜେଡି |
| ୩୫. ଜଳେଶ୍ୱର | ଅଶ୍ୱିନୀ କୁମାର ପାତ୍ର | ବିଜେଡି (ଅଗ୍ରଣୀ) |
| ୩୬.ଭୋଗରାଇ | ଅନନ୍ତ ଦାସ | ବିଜେଡି (ଅଗ୍ରଣୀ) |
| ୩୭.ବସ୍ତା | ନିତ୍ୟାନନ୍ଦ ସାହୁ | ବିଜେଡି (ଅଗ୍ରଣୀ) |
| ୩୮.ବାଲେଶ୍ୱର | ମଦନ ମୋହନ ଦତ୍ତ | ଭାଜପା (ଅଗ୍ରଣୀ) |
| ୩୯.ରେମୁଣା | ସୁଧାଂଶୁ ଶେଖର ପରିଡା | ବିଜେଡି (ଅଗ୍ରଣୀ) |
| ୪୦.ନୀଳଗିରି | ସୁକାନ୍ତ ନାୟକ | ଭାଜପା (ଅଗ୍ରଣୀ) |
| ୪୧.ସୋର | ପର୍ଶୁରାମ ଧଡ଼ା | ବିଜେଡି (ଅଗ୍ରଣୀ) |
| ୪୨.ସିମୁଳିଆ | ଜ୍ୟୋତିପ୍ରକାଶ ପାଣିଗ୍ରାହୀ | ବିଜେଡି (ଅଗ୍ରଣୀ) |
| ୪୩.ଭଣ୍ଡାରିପୋଖରୀ | ପ୍ରଫୁଲ୍ଲ ସାମଲ | ବିଜେଡି |
| ୪୪.ଭଦ୍ରକ | ସଞ୍ଜୀବ ମଲ୍ଲିକ | ବିଜେଡି |
| ୪୫. ବାସୁଦେବପୁର | ବିଷ୍ଣୁବ୍ରତ ରାଉତରାୟ | ବିଜେଡି (ଅଗ୍ରଣୀ) |
| ୪୬. ଧାମନଗର | ବିଷ୍ଣୁ ସେଠୀ | ଭାଜପା (ଅଗ୍ରଣୀ) |
| ୪୭. ଚାନ୍ଦବାଲି | ବ୍ୟୋମକେଶ ରାୟ | ବିଜେଡି |
| ୪୮.ବିଞ୍ଝାରପୁର | ପ୍ରମିଳା ମଲ୍ଲିକ | ବିଜେଡି |
| ୪୯.ବରୀ | ସୁନନ୍ଦା ଦାସ | ବିଜେଡି |
| ୫୦. ବଡ଼ଚଣା | ଅମର ପ୍ରସାଦ ଶତପଥୀ | ବିଜେଡି |
| ୫୧. ଧର୍ମଶାଳା | ପ୍ରଣବ ବଳବନ୍ତରାୟ | ବିଜେଡି |
| ୫୨.ଯାଜପୁର | ପ୍ରଣବ ପ୍ରକାଶ ଦାଶ | ବିଜେଡି |
| ୫୩. କୋରେଇ | ଅଶୋକ କୁମାର ବଳ | ବିଜେଡି |
| ୫୪.ସୁକିନ୍ଦା | ପ୍ରୀତିରଞ୍ଜନ ଘଡ଼େଇ | ବିଜେଡି |
| ୫୫. ଢେଙ୍କାନାଳ | ସୁଧୀର ସାମଲ | ବିଜେଡି |
| ୫୬.ହିନ୍ଦୋଳ | ସୀମାରାଣୀ ନାୟକ | ବିଜେଡି |
| ୫୭.କାମାକ୍ଷାନଗର | ପ୍ରଫୁଲ୍ଲ ମଲ୍ଲିକ | ବିଜେଡି |
| ୫୮.ପରଜଙ୍ଗ | ନୃସିଂହ ଚରଣ ସାହୁ | ବିଜେଡି |
| ୫୯.ପାଲଲହଡା | ମୁକେଶ କୁମାର ପାଲ୍ | ବିଜେଡି |
| ୬୦. ତାଳଚେର | ବ୍ରଜକିଶୋର ପ୍ରଧାନ | ବିଜେଡି |
| ୬୧.ଅନୁଗୋଳ | ରଜନୀକାନ୍ତ ସିଂ | ବିଜେଡି |
| ୬୨. ଛେଣ୍ଡିପଦା | ସୁଶାନ୍ତ ବେହେରା | ବିଜେଡି |
| ୬୩.ଆଠମଲ୍ଲିକ | ରମେଶ ଚନ୍ଦ୍ର ସାଏ | ବିଜେଡି |
| ୬୪.ବୀରମହାରାଜପୁର | ପଦ୍ମନାଭ ବେହେରା | ବିଜେଡି |
| ୬୫.ସୋନପୁର | ନିରଞ୍ଜନ ପୂଜାରୀ | ବିଜେଡି |
| ୬୬. ଲୋଇସିଂହା | ମୁକେଶ ମହାଲିଙ୍ଗ | ଭାଜପା |
| ୬୭. ପାଟଣାଗଡ଼ | ସରୋଜ ମେହେର | ବିଜେଡି |
| ୬୮.ବଲାଙ୍ଗୀର | ନରସିଂହ ମିଶ୍ର | କଂଗ୍ରେସ |
| ୬୯.ଟିଟିଲାଗଡ଼ | ଟୁକୁନି ସାହୁ | ବିଜେଡି |
| ୭୦.କଣ୍ଟାବାଞ୍ଜି | ସନ୍ତୋଷସିଂ ସାଲୁଜା | କଂଗ୍ରେସ (ଅଗ୍ରଣୀ) |
| ୭୧.ନୂଆପଡ଼ା | ରାଜେନ୍ଦ୍ର ଢୋଲକିଆ | ବିଜେଡି |
| ୭୨. ଖଡ଼ିଆଳ | ଅଧିରାଜ ପାଣିଗ୍ରାହୀ | କଂଗ୍ରେସ |
| ୭୩. ଉମରକୋଟ | ନିତ୍ୟାନନ୍ଦ ଗଣ୍ଡ | ଭାଜପା |
| ୭୪. ଝରିଗାଁ | ପ୍ରକାଶ ଚନ୍ଦ୍ର ମାଝି | ବିଜେଡି |
| ୭୫. ନବରଙ୍ଗପୁର | ସଦାଶିବ ପ୍ରଧାନୀ | ବିଜେଡି |
| ୭୬. ଡାବୁଗାଁ | ମନୋହର ରନ୍ଧାରୀ | ବିଜେଡି |
| ୭୭. ଲାଞ୍ଜିଗଡ଼ | ପ୍ରଦୀପ ଦିଶାରୀ | ବିଜେଡି |
| ୭୮. ଜୁନାଗଡ଼ | ଦିବ୍ୟଶଙ୍କର ମିଶ୍ର | ବିଜେଡି |
| ୭୯. ଧର୍ମଗଡ଼ | ମହୋଷଧ ବାଗ୍ | ବିଜେଡି |
| ୮୦.ଭବାନୀପାଟଣା | ପ୍ରଦୀପ୍ତ ନାୟକ | ଭାଜପା |
| ୮୧. ନର୍ଲା | ଭୂପିନ୍ଦର ସିଂ | ବିଜେଡି |
| ୮୨. ବାଲିଗୁଡା | ଚକ୍ରମଣି କହଁର | ବିଜେଡି |
| ୮୩. ଜି.ଉଦୟଗିରି | ସାଲୁଗା ପ୍ରଧାନ | ବିଜେଡି |
| ୮୪.ଫୁଲବାଣୀ | ଅଙ୍ଗଦ କହଁର | ବିଜେଡି |
| ୮୫. କନ୍ଧମାଳ | ମହୀଧର ରଣା | ବିଜେଡି |
| ୮୬. ବୌଦ୍ଧ | ପ୍ରଦୀପ ଅମାତ | ବିଜେଡି |
| ୮୭.ବଡମ୍ବା | ଦେବୀ ପ୍ରସାଦ ମିଶ୍ର | ବିଜେଡି |
| ୮୮. ବାଙ୍କୀ | ଦେବୀରଞ୍ଜନ ତ୍ରିପାଠୀ | ବିଜେଡି |
| ୮୯. ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ବିଜେଡି |
| ୯୦.ବାରବାଟୀ କଟକ | ମହମ୍ମଦ ମୋକିମ୍ | କଂଗ୍ରେସ |
| ୯୧. ଚୌଦ୍ୱାର କଟକ | ସୌଭିକ୍ ବିଶ୍ୱାଳ | ବିଜେଡି |
| ୯୨. ନିଆଳି | ପ୍ରମୋଦ ମଲ୍ଲିକ | ବିଜେଡି |
| ୯୩. କଟକ ସଦର | ଚନ୍ଦ୍ରସାରଥି ବେହେରା | ବିଜେଡି |
| ୯୪. ସାଲେପୁର | ପ୍ରଶାନ୍ତ ବେହେରା | ବିଜେଡି |
| ୯୫. ମାହାଙ୍ଗା | ପ୍ରତାପ ଜେନା | ବିଜେଡି |
| ୯୬. ପାଟକୁରା | ନିର୍ବାଚନ ହୋଇନାହିଁ – | -- |
| ୯୭. କେନ୍ଦ୍ରାପଡ଼ା | ଶଶୀଭୂଷଣ ବେହେରା | ବିଜେଡି |
| ୯୮. ଆଳି | ପ୍ରତାପ କେଶରୀ ଦେବ | ବିଜେଡି |
| ୯୯.ରାଜନଗର | ଧ୍ରୁବ ଚରଣ ସାହୁ | ବିଜେଡି |
| ୧୦୦. ମହାକାଳପଡ଼ା | ଅତନୁ ସବ୍ୟସାଚୀ ନାୟକ | ବିଜେଡି |
| ୧୦୧. ପାରାଦ୍ୱୀପ | ସମ୍ବିତ ରାଉତରାୟ | ବିଜେଡି |
| ୧୦୨.ତିର୍ତ୍ତୋଲ | ବିଷ୍ଣୁ ଦାସ | ବିଜେଡି |
| ୧୦୩. ବାଲିକୁଦା/ଏରସମା | ରଘୁନନ୍ଦନ ଦାସ | ବିଜେଡି |
| ୧୦୪. ଜଗତସିଂହପୁର | ପ୍ରଶାନ୍ତ ମୁଦୁଲି | ବିଜେଡି |
| ୧୦୫. କାକଟପୁର | ତୁଷାରକାନ୍ତି ବେହେରା | ବିଜେଡି |
| ୧୦୬. ନିମାପଡ଼ା | ସମୀର ରଞ୍ଜନ ଦାଶ | ବିଜେଡି |
| ୧୦୭. ପୁରୀ | ଜୟନ୍ତ କୁମାର ଷଡଙ୍ଗୀ | ଭାଜପା (ଅଗ୍ରଣୀ) |
| ୧୦୮. ବ୍ରହ୍ମଗିରି | ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର | ଭାଜପା (ଅଗ୍ରଣୀ) |
| ୧୦୯.ସତ୍ୟବାଦୀ | ଉମାକାନ୍ତ ସାମନ୍ତରାୟ | ବିଜେଡି |
| ୧୧୦. ପିପିଲି | ପ୍ରଦୀପ ମହାରଥୀ | ବିଜେଡି (ଅଗ୍ରଣୀ) |
| ୧୧୧. ଜୟଦେବ | ଅରବିନ୍ଦ ଧାଲି | ବିଜେଡି |
| ୧୧୨. ଭୁବନେଶ୍ୱର ମଧ୍ୟ | ଅନନ୍ତ ନାରାୟଣ ଜେନା | ବିଜେଡି |
| ୧୧୩. ଭୁବନେଶ୍ୱର ଉତ୍ତର | ସୁଶାନ୍ତ ରାଉତ | ବିଜେଡି |
| ୧୧୪. ଭୁବନେଶ୍ୱର ଏକାମ୍ର | ଅଶୋକ ଚନ୍ଦ୍ର ପଣ୍ଡା | ବିଜେଡି |
| ୧୧୫. ଜଟଣୀ | ସୁରେଶ କୁମାର ରାଉତରାୟ | କଂଗ୍ରେସ |
| ୧୧୬. ବେଗୁନିଆ | ରାଜେନ୍ଦ୍ର ସାହୁ | ବିଜେଡି (ଅଗ୍ରଣୀ) |
| ୧୧୭. ଖୋର୍ଦ୍ଧା | ଜ୍ୟୋତିରିନ୍ଦ୍ରନାଥ ମିତ୍ର | ବିଜେଡି (ଅଗ୍ରଣୀ) |
| ୧୧୮. ଚିଲିକା | ପ୍ରଶାନ୍ତ ଜଗଦେବ | ବିଜେଡି (ଅଗ୍ରଣୀ) |
| ୧୧୯. ରଣପୁର | ସତ୍ୟନାରାୟଣ ପ୍ରଧାନ | ବିଜେଡି (ଅଗ୍ରଣୀ) |
| ୧୨୦. ଖଣ୍ଡପଡ଼ା | ସୌମ୍ୟରଞ୍ଜନ ପଟ୍ଟନାୟକ | ବିଜେଡି |
| ୧୨୧. ନୟାଗଡ଼ | ଅରୁଣ କୁମାର ସାହୁ | ବିଜେଡି (ଅଗ୍ରଣୀ) |
| ୧୨୨. ଦଶପଲ୍ଲା | ରମେଶ ଚନ୍ଦ୍ର ବେହେରା | ବିଜେଡି |
| ୧୨୩. ଭଞ୍ଜନଗର | ବିକ୍ରମ କେଶରୀ ଆରୁଖ | ବିଜେଡି |
| ୧୨୪. ପୋଲସରା | ଶ୍ରୀକାନ୍ତ ସାହୁ | ବିଜେଡି |
| ୧୨୫. କବିସୂର୍ଯ୍ୟନଗର | ଲତିକା ପ୍ରଧାନ | ବିଜେଡି |
| ୧୨୬. ଖଲ୍ଲିକୋଟ | ସୂର୍ଯ୍ୟମଣି ବୈଦ୍ୟ | ବିଜେଡି |
| ୧୨୭. ଛତ୍ରପୁର | ସୁବାସ ଚନ୍ଦ୍ର ବେହେରା | ବିଜେଡି |
| ୧୨୮. ଆସ୍କା | ମଞ୍ଜୁଲା ସ୍ୱାଇଁ | ବିଜେଡି |
| ୧୨୯. ସୋରଡ଼ା | ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ | ବିଜେଡି |
| ୧୩୦. ସାନଖେମୁଣ୍ଡି | ରମେଶ ଜେନା | କଂଗ୍ରେସ |
| ୧୩୧. ହିଞ୍ଜିଳି | ନବୀନ ପଟ୍ଟନାୟକ | ବିଜେଡି |
| ୧୩୨. ଗୋପାଳପୁର | ପ୍ରଦୀପ କୁମାର ପାଣିଗ୍ରାହୀ | ବିଜେଡି |
| ୧୩୩.ବ୍ରହ୍ମପୁର | ବିକ୍ରମ କୁମାର ପଣ୍ଡା | ବିଜେଡି |
| ୧୩୪. ଦିଗପହଣ୍ଡି | ସୂର୍ଯ୍ୟନାରାୟଣ ପାତ୍ର | ବିଜେଡି |
| ୧୩୫. ଚିକିଟି | ଉଷା ଦେବୀ | ବିଜେଡି |
| ୧୩୬. ମୋହନା | ଦାଶରଥି ଗମାଙ୍ଗ | କଂଗ୍ରେସ |
| ୧୩୭. ପାରଳାଖେମୁଣ୍ଡି | କେ.ନାରାୟଣ ରାଓ | ଭାଜପା |
| ୧୩୮. ଗୁଣପୁର | ରଘୁନାଥ ଗମାଙ୍ଗ | ବିଜେଡି |
| ୧୩୯. ବିଷମକଟକ | ଜଗନ୍ନାଥ ସାରକା | ବିଜେଡି |
| ୧୪୦. ରାୟଗଡ଼ା | ମକରନ୍ଦ ମୁଦୁଲି | ସ୍ୱାଧୀନ |
| ୧୪୧. ଲକ୍ଷ୍ମୀପୁର | ପ୍ରଭୁ ଜାନି | ବିଜେଡି (ଅଗ୍ରଣୀ) |
| ୧୪୨. କୋଟପାଡ଼ | ପଦ୍ମିନୀ ଦିଆନ୍ | ବିଜେଡି (ଅଗ୍ରଣୀ) |
| ୧୪୩. ଜୟପୁର | ତାରାପ୍ରସାଦ ବାହିନୀପତି | କଂଗ୍ରେସ |
| ୧୪୪. କୋରାପୁଟ | ରଘୁରାମ ପଡାଲ | ବିଜେଡି |
| ୧୪୫. ପଟ୍ଟାଙ୍ଗୀ | ପ୍ରୀତମ ପାଢ଼ୀ | ବିଜେଡି |
| ୧୪୬. ମାଲକାନଗିରି | ଆଦିତ୍ୟ ମାଢ଼ୀ | ଭାଜପା (ଅଗ୍ରଣୀ) |
| ୧୪୭. ଚିତ୍ରକୋଣ୍ଡା | ପୂର୍ଣ୍ଣଚନ୍ଦ୍ର ବାକା | ବିଜେଡି |

**ମୋଟ ଆସନ ୧୪୬/୧୪୭**

ପାଟକୁରାରେ ନିର୍ବାଚନ ହୋଇନାହିଁ

**ଗୁରୁବାର ରାତି ୧୧ଟା ସୁଦ୍ଧା ବିଧାନସଭା ନିର୍ବାଚନରେ ବିଜୟୀ ଓ ଅଗ୍ରଣୀ ରହିଥିବା ପ୍ରାର୍ଥୀମାନେ**

କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଏବଂ ଗଣତିରେ ବିଳମ୍ୱ ହେବାରୁ ବିଜୟୀ ପ୍ରାର୍ଥୀଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଦିଆଯାଇପାରିନାହିଁ ଆମ ପ୍ରତିନିଧି ଓ ନିର୍ବାଚନ କମିଶନଙ୍କ ତଥ୍ୟକୁ ଆଧାର କରି ଉପରୋକ୍ତ ପ୍ରାର୍ଥୀମାନଙ୍କ ତାଲିକା ପ୍ରକାଶ ପାଇଛି।

## ସଂକ୍ଷେପରେ

### ବିଳମ୍ବରେ ଗଣତି ଆରମ୍ଭ

ଜୟପୁର,୨୩।୫(ଡି.ଏନ୍.ଏ.): ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା କେନ୍ଦ୍ରରେ ଭୋଟ ଗଣତି ପ୍ରାୟ ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଛି । ପୂର୍ବାହ୍ନ ୮ଟାରେ ଗଣତି ହେବାକୁ ଥିବାବେଳେ ନିର୍ଦ୍ଧାରିତ ସମୟ ଭିତରେ ଗଣତି ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କୁ ପ୍ରବେଶ କରାଯାଇ ପାରି ନଥିଲା। ସମସ୍ତ କର୍ମଚାରୀଙ୍କୁ ଯାଞ୍ଚ ପରେ ସୁରକ୍ଷାକର୍ମୀ ଭିତରକୁ ପ୍ରବେଶ କରାଉଥିଲେ । ପୂର୍ବାହ୍ନ ୯ଟା ପରେ ଗଣତି ଆରମ୍ଭ ହେବା ପରେ ପ୍ରଥମେ ପୋଷ୍ଟାଲ ବ୍ୟାଲଟର ଗଣତି ରିଟର୍ନିଂ ଅଧିକାରୀଙ୍କ ଉପସ୍ଥିତିରେ ହୋଇଥିଲା। ଏହାପରେ ୧୦ ଟେବୁଲରେ ୧୦ଟି ଇଭିଏମ ଏବଂ ଭିଭିପିଏଟିର ଗଣତି ହୋଇଥିଲା । ଗଣମାଧ୍ୟମକୁ କେନ୍ଦ୍ରରୁ ୧୦୦ ମିଟର ଦୂରରେ ରଖାଯାଇଥିବା ଯୋଗୁ ସୂଚନା ବିଳମ୍ବରେ ଦିଆଯାଉଥିଲା । ସୂଚନା କେନ୍ଦ୍ରରେ ଇଣ୍ଟରନେଟ ଏବଂ କମ୍ପ୍ୟୁଟର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଗଣତି କେନ୍ଦ୍ରରୁ ସୂଚନା କେନ୍ଦ୍ରକୁ ଇଣ୍ଟରନେଟ୍ ମାଧ୍ୟମରେ କୌଣସି ସୂଚନା ଆସୁ ନଥିବାବେଳେ କେବଳ ଜୟପୁର ଏସଡିପିଆର ଗଣତି କେନ୍ଦ୍ରର ପ୍ରିଣ୍ଟ ବାହାର କରିବା ସହ ବିଳମ୍ବରେ ସୂଚନା କେନ୍ଦ୍ରରେ ଗଣମାଧ୍ୟମକୁ ସୂଚନା ଦେଉଥିଲେ। ଏନେଇ ସାମାନ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଭାଲୁ କାମୁଡ଼ାରେ ୨ ଗୁରୁତର

କୁନ୍ଦୁରା, ୨୩।୫(ଡି.ଏନ.ଏ.)- କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ନବଗଠିତ ପଞ୍ଚାୟତ ଅନ୍ତର୍ଗତ ପଥନାଗୁଡ଼ା ଗ୍ରାମରେ ଭାଲୁକାମୁଡ଼ାରେ ୨ ଜଣ ଗୁରୁତର ହୋଇଛନ୍ତି। ଭୂଷଙ୍ଗଗୁଡ଼ା ପଞ୍ଚାୟତର ନଇକେରା ଗ୍ରାମର ଗଞ୍ଜ ମାଝୀ ଏବଂ ଅଲେଖ ମହିମା ଧର୍ମର ନିତ୍ୟାନନ୍ଦ ସାଧୁ ଋଷି ପର୍ବତକୁ ପୂଜା କରିବାକୁ ଯାଇଥିଲେ। ଏହି ସମୟରେ ୨ ଟି ଭାଲୁ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଉଭୟେ ଗୁରୁତର ଅହତ ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ପ୍ରଶ୍ନଘେରରେ ସହରରେ ମିଳୁଥିବା ଖାଦ୍ୟର ମାନ

#### ଯାଞ୍ଚ କରୁନାହାନ୍ତି ଖାଦ୍ୟ ନିରୀକ୍ଷକ ପଦକ୍ଷେପ ସହ ଫୁଡ଼କୋର୍ଟ ଦାବି

ସୁନାବେଡ଼ା, ୨୩।୫(ଡି.ଏନ.ଏ.) କୋରାପୁଟ ଜିଲା ସୁନାବେଡାରେ ଫାଷ୍ଟଫୁଡ ନାମରେ ବିଷ ବିକ୍ରି ହେଉଛି। ବହୁ ଫାଷ୍ଟଫୁଡ଼ ସେଣ୍ଟର, ଲସି ଦୋକାନ, ଫଳରସ ଦୋକାନ ଏବଂ କିଛି ହୋଟେଲ ରାସ୍ତାକଡ଼ ଡ୍ରେନ୍‌ରେ ଖୋଲଛି। ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଠେଲାଗାଡ଼ିରେ ଫାଷ୍ଟଫୁଡ ବିକ୍ରି ହେଉଥିବା ବେଳେ ତାହା ସ୍ୱାସ୍ଥ୍ୟକର ପରିବେଶରେ ରହୁନାହିଁ। ହୋଟେଲରେ ଅଳ୍ପ ଓ ଅପରିଷ୍କାର ପାଣି ଛକ,ଗଳି,ବଜାର ଇତ୍ୟାଦି ସ୍ଥାନରେ ଫାଷ୍ଟଫୁଡ଼ ସହ ଗୁପ୍‌ଚୁପ୍ ଭଳି ଖାଦ୍ୟ ଠେଲାଗାଡ଼ିରେ ବିକ୍ରି ହେଉଥିବା ବେଳେ ସମସ୍ତ ଅଳିଆ ଡ୍ରେନ୍‌ରେ ଭର୍ତ୍ତି ହେଉଛି। ହୋଟେଲରେ ଅଳ୍ପ ଏବଂ ଅପରିଷ୍କାର ପାଣିରେ ବାରମ୍ବାର ଧୁଆହେଉଛି। ଚିକେନ୍, ମଟନ୍, ମାଛ , ଅଣ୍ଡା ଆଦି ବିଭିନ୍ନ ଖାଦ୍ୟ ପ୍ରସ୍ତୁତ ପାଇଁ ନିମ୍ନମାନର ତେଲ ଓ ସାମଗ୍ରୀ ବ୍ୟବହାର କରାଯାଉଛି। ଏହାସହ ପୋଡ଼ାତେଲ, କଖାରୁରେ ସସ୍, ପଚାଲଙ୍କାରେ ସସ୍ ପକାଇ ଖାଦ୍ୟ ପ୍ରସ୍ତୁତ କରାଯାଉଛି। କିଛି ହୋଟେଲର ରୋଷେଇଘର ଅପରିଷ୍କାର ରହୁଛି।। ଖାଦ୍ୟ ନିରୀକ୍ଷକ ଖାଦ୍ୟର ମାନ ଯାଞ୍ଚ କରୁନାହାନ୍ତି। କୌଣସିଠାରେ ଭଲ ପାଣି ମଧ୍ୟ ବ୍ୟବହାର କରାଯାଉନାହିଁ। ଏସବୁକୁ ବନ୍ଦ କରିବା ସହ ଫୁଡ଼କୋର୍ଟ ଖୋଲାଯାଇ ଗୋଟିଏ ସ୍ଥାନରେ ବିକ୍ରିପାଇଁ ଜିଲା ଓ ପୌର ପ୍ରଶାସନ, ସ୍ୱାସ୍ଥ୍ୟବିଭାଗ ଏଦିଗରେ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।



କୋରାପୁଟ ସରକାରୀ କଲେଜ ଗଣତି କେନ୍ଦ୍ରରେ ଲାଗିଥିବା ଡିଜିଟାଲ ବୋର୍ଡରୁ ଫଳ ଜାଣିବା ପାଇଁ ସମବେତ ହୋଇଛନ୍ତି ସହସ୍ରାଧିକ ଜନତା ।

■ କୋରାପୁଟ, ପଟ୍ଟାଙ୍ଗୀରେ ବିଜେଡିର ବାଜିମାତ୍

# ରଘୁରାମ ପଡାଲ, ପ୍ରୀତମ ପାଢ଼ୀ ବିଜୟୀ

କୋରାପୁଟ, ୨୩।୫(ସ୍ୱ.ପ୍ର.)

କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବାଜି ମାରିଛି ବିଜେଡି। କଂଗ୍ରେସର କୃଷ୍ଣ କୁଲ୍‌ଦୀପଙ୍କୁ ୬,୨୨୪ ଭୋଟରେ ହରାଇ ବିଜେଡିର ରଘୁରାମ ପଡାଲ ଏଠାରୁ ବିଜୟୀ ହୋଇଛନ୍ତି। ଗତଥର ୨୦୧୪ରେ ଏଠାରେ କଂଗ୍ରେସ ଜିତିଥିବାବେଳେ ଏଥର କ୍ଷମତା ବିଜେଡି ହାତକୁ ଯାଇଛି। ଅନ୍ୟପକ୍ଷରେ ରଘୁରାମ ପଡାଲ ୨୦୦୯ରେ ଏଠାରେ ବିଜେଡି ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ଏଥର ଗଣତିରେ ରଘୁରାମ ପଡାଲ ୪୭,୯୧୪ ଭୋଟ ପାଇ ବିଜୟୀ ହୋଇଥିବାବେଳେ କୃଷ୍ଣ କୁଲଦୀପ ୪୧,୬୯୦ ଭୋଟ ପାଇଛନ୍ତି। ସେହିପରି ଭାଜପାର ତ୍ରିପୁରାରୀ ଗରଡ଼ା ୩୩,୫୦୪ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଧନୁର୍ଯ୍ୟୟ ହନ୍ତାଳଙ୍କୁ ୧,୭୧୫, ରାମ ବାରିକ ୧,୮୧୨, ଖଗପତି ଖୋସଲା ୧,୭୦୯, ନବକିଶୋର ବାଘ ୧,୮୬୮ ଭୋଟ ପାଇଛନ୍ତି। ୩,୨୨୨ ଭୋଟ ନୋଟାକୁ ଯାଇଛି। ଏଠାରେ ମୋଟ ୧,୩୫,୯୩୬ ଭୋଟିଂ ହୋଇଥିଲା ।

ସେହିପରି ପଟ୍ଟାଙ୍ଗୀ ବିଧାନସଭା ଆସନକୁ ପୁଣିଥରେ ହାତେଇଛି ବିଜେଡି। ଏଥର ବିଜୁ ଜନତା ଦଳ ନୂତନ ପ୍ରାର୍ଥୀ ଦେଇଥିବା ବେଳେ ତାଙ୍କ ବିପକ୍ଷରେ ଜଣେ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରାର୍ଥୀ ଭାବେ ରହିଥିଲେ। କିନ୍ତୁ ଏହା ସତ୍ତ୍ୱେ ସେଠାରେ ଶଙ୍ଖଧ୍ୱନି ଶୁଭିଛି। ଏହି ଆସନରେ ବିଜୁ ଜନତା ଦଳ ପ୍ରାର୍ଥୀ ପ୍ରିତମ ପାଢୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ରାମଚନ୍ଦ୍ର କାଡାମ୍‌ଙ୍କୁ ୪,୧୯୯ ଭୋଟରେ ହରାଇ ବିଜୟ ମୁକୁଟ ପିନ୍ଧିଛନ୍ତି। ସେଥିରେ ବିଜେଡିର ପ୍ରିତମ ପାଢୀଙ୍କୁ ୫୦,୯୮୦, କଂଗ୍ରେସର ରାମଚନ୍ଦ୍ର କାଡାମ୍‌ଙ୍କୁ ୪୬,୭୮୧ ଏବଂ ଭାଜପାର ରାମଚନ୍ଦ୍ର ପାଙ୍ଗୀଙ୍କୁ ୨୫, ୬୪୫ ଭୋଟ ମିଳିଛି।

■ ନବରଙ୍ଗପୁର ଜିଲାର ୪ ନିର୍ବାଚନମଣ୍ଡଳୀ

# ବିଜେଡିକୁ ୩, ଭାଜପାକୁ ଗୋଟିଏ

- ନବରଙ୍ଗପୁର, ଡାବୁଗାଁ ଓ ଝରିଗାଁରେ ବିଜେଡିର ବିଜୟ
- ଉମରକୋଟରେ ଖାତା ଖୋଲିଲା ଭାଜପା
- ବିଜେଡି ହାତରୁ ଗଲା ଉମରକୋଟ ଆସନ
- କଂଗ୍ରେସ ହାତରୁ ଖସିଲା ଡାବୁଗାଁ ଆସନ

ନବରଙ୍ଗପୁର,୨୩।୫(ବି.ପ୍ର)

୨୦୧୯ ସାଧାରଣ ନିର୍ବାଚନର ଭୋଟ ଗଣତି ଶେଷ ହୋଇଛି। ରାଜନୀତି ବିଶେଷଜ୍ଞଙ୍କ ଅଙ୍କକଷା କେଉଁଠି ଠିକ ହୋଇଛି ତ ଆଉ କେଉଁଠି ଭୁଲ ହୋଇଛି। ଫଳାଫଳକୁ ନେଇ ଏବେ ଦଳ, ପ୍ରାର୍ଥୀ ଓ ସମର୍ଥକ ଆଲୋଚନା ପର୍ଯ୍ୟାଲୋଚନା କରୁଛନ୍ତି। ବିଜୟୀ ପ୍ରାର୍ଥୀ ବାଣ ଫୁଟାଇ ଶୋଭାଯାତ୍ରା କରୁଥିବା ବେଳେ ପରାଜିତ ପ୍ରାର୍ଥୀ କେଉଁ ବୁଥ ଓ କେଉଁ ଅଞ୍ଚଳରେ ଭୋଟର ସେମାନଙ୍କୁ ଚାହିଁଲେ ନାହିଁ ତାହାକୁ ନେଇ ଆଲୋଚନା କରୁଛନ୍ତି । ନବରଙ୍ଗପୁର ଜିଲାର ୪ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ବିଜେଡି ୩ଟି ଓ ଭାଜପା ଗୋଟିଏରେ ବିଜୟୀ ହୋଇଛି। ତେବେ କଂଗ୍ରେସ ଖାତା ଖୋଲି ପାରି ନାହିଁ। ନବରଙ୍ଗପୁର, ଡାବୁଗାଁ ଓ ଝରିଗାଁରେ ବିଜେଡି ବିଜୟୀ ହୋଇଛି। ଉମରକୋଟରେ ଭାଜପା ଖାତା ଖୋଲିଛି। ୨୦୧୪ ନିର୍ବାଚନରେ କଂଗ୍ରେସ ହାତରେ ଥିବା ଡାବୁଗାଁ ଆସନକୁ ବିଜେଡି ହାତେଇବାରେ ସକ୍ଷମ ହୋଇଛି। ସେହିପରି ବିଜେଡି ହାତରେ ଥିବା ଉମରକୋଟ ଆସନ ଭାଜପା ସପକ୍ଷରେ ଯାଇଛି।

ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ସଦାଶିବ ପ୍ରଧାନୀ ଭାଜପା ପ୍ରାର୍ଥୀ ଗୌରୀ ଶଙ୍କର ମାଝୀଙ୍କ ଠାରୁ ୭,୦୫୨ ଭୋଟରେ ଆଗୁଆ ରହି ବିଜୟୀ ହୋଇଛନ୍ତି। ସଦାଶିବ ୬୪, ୮୩୭ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗୌରୀ ଶଙ୍କର ୫୭, ୭୫୮ ଭୋଟ ପାଇଛନ୍ତି। କଂଗ୍ରେସର ସଦନ ନାୟକ ୫୪,୯୦୭ ଭୋଟ ପାଇଛନ୍ତି। ସ୍ୱାଧିନ ପ୍ରାର୍ଥୀ ବେଦବ୍ୟାସ ଭତରା ୫,୯୪୬ ଭୋଟ ପାଇଛନ୍ତି। ନୋଟାରେ ୩ ,୯୩୬ ଖଣ୍ଡ ଭୋଟ ପଡିଛି। ବିଜୟ ପରେ ସଦାଶିବ ସମସ୍ତ ଭୋଟର ଓ ବିଜେଡି କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ଗମନାଗମନର ବିକାଶ ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି।

ସେହିଭଳି ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ମାଝି କଂଗ୍ରେସ ପ୍ରାର୍ଥୀ ଉଲଧର ମାଝୀଙ୍କ ଠାରୁ ୩୧,୨୭୫ ଭୋଟରେ ଆଗୁଆ ରହି ବିଜୟୀ ହୋଇଛନ୍ତି । ପ୍ରକାଶ ୭୭, ୭୧୯ ଖଣ୍ଡ ଭୋଟ ଓ ଉଲଧର ୪୬, ୪୪୪ ଭୋଟ ପାଇଛନ୍ତି । ଭାଜପା ପ୍ରାର୍ଥୀ ପର୍ଶୁରାମ ମାଝୀ ୩୯, ୫୨୭ ଭୋଟ ଓ ସ୍ୱାଧିନ ପ୍ରାର୍ଥୀ ସୁନିତା ବାଞ୍ଚରା ୪,୯୮୩ ଭୋଟ ପାଇଛନ୍ତି । ନୋଟାରେ ୫,୬୮୯ ଭୋଟ ପଡିଛି।

ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୫ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଭାଜପାର ନିତ୍ୟାନନ୍ଦ ଗଣ୍ଡ ବିଜେଡି ପ୍ରାର୍ଥୀ ସୁବାଷ ଚନ୍ଦ୍ର ଗଣ୍ଡଙ୍କ ଠାରୁ ୯, ୭୬୩ ଭୋଟରେ ଆଗୁଆ ରହି ବିଜୟୀ ହୋଇଛନ୍ତି । ନିତ୍ୟାନନ୍ଦ ୫୯,୬୬୩ ଭୋଟ, ସୁବାଷ ୪୯,୯୦୦ ଭୋଟ ପାଇଛନ୍ତି। କଂଗ୍ରେସ ପ୍ରାର୍ଥୀନୀ ଯଶୋଦା ଗଣ୍ଡ ୩୨, ୩୦୭ ଭୋଟ, ବିଏସପି ପ୍ରାର୍ଥୀ ସୁନ୍ଦର ଭତରା ୩,୭୩୬ ଭୋଟ ଓ ସମତା କ୍ରାନ୍ତି ଦଳର ଲଖବରାମ ଗଣ୍ଡ ୨,୯୬୦ ଭୋଟ ପାଇଛନ୍ତି । ୪,୧୮୦ ଭୋଟର କୌଣସି ପ୍ରାର୍ଥୀଙ୍କୁ ପସନ୍ଦ କରି ନାହାନ୍ତି। ବିଜୟ ପରେ ନିତ୍ୟାନନ୍ଦ ଭୋଟରଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିର୍ବାଚନମଣ୍ଡଳୀର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ବିକାଶକୁ ପ୍ରାଧାନ୍ୟ ଦେବି ବୋଲି କହିଛନ୍ତି। ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ମନୋହର ରନ୍ଧାରୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି କଂଗ୍ରେସ ପ୍ରାର୍ଥୀ ଭୂଜବଳ ମାଝିଙ୍କଠାରୁ ୭, ୩୯୨ ଭୋଟରେ ବିଜୟୀ ହୋଇଛନ୍ତି। ମନୋହର ୭୩, ୨୦୦ ଖଣ୍ଡ ଭୋଟ, ଭୂଜବଳ ୬୫, ୮୦୮ ଖଣ୍ଡ ଭୋଟ ପାଇଛନ୍ତି । ଭାଜପା ପ୍ରାର୍ଥୀ ପଦ୍ମନ ନାୟକ ୧୬ ,୩୩୫ ଭୋଟ, ବିଏସପିର ଡମ୍ବୁସିଂ ମାଝୀ ୨,୧୨୦ ଭୋଟ, ସ୍ୱାଧୀନ ପ୍ରାର୍ଥୀ ମନୋହର ରନ୍ଧାରୀ ୩, ୪୦୭ ଭୋଟ ପାଇଛନ୍ତି । ନୋଟାରେ ୩ ,୭୯୯ ଭୋଟ ପଡିଛି।

# ଚିତ୍ରକୋଣ୍ଡାରେ ଝିଆରୀଙ୍କୁ ହରାଇଲେ ଦାଦା

## ଆଗରେ ଆଦିତ୍ୟ ମାଢ଼ି, ଭାଜପା ନେଇପାରେ ମାଲକାନଗିରି ଆସନ

ମାଲକାନଗିରି, ୨୩।୫(ସ୍ୱ.ପ୍ର./ଡି.ଏନ୍.ଏ.)

ମାଲକାନଗିରି ଜିଲା ଅଧୀନ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପୁଣି ବିଜେଡି ହାତକୁ ଯାଇଛି। ଏଠାରେ ଦାଦା ଓ ଝିଆରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ବିଜେଡିର ପୂର୍ଣ୍ଣଚନ୍ଦ୍ର ବାକା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥିବା ଝିଆରି ଲକ୍ଷ୍ମୀପ୍ରିୟା ନାୟକଙ୍କୁ ୩୦୧୨ ଭୋଟରେ ହରାଇ ବିଜୟୀ ହୋଇଛନ୍ତି। ଭାଜପା ପ୍ରାର୍ଥୀ ପଦୁ ମାଝୀ ତୃତୀୟ ସ୍ଥାନରେ ରହିଥିବା ଜଣାପଡ଼ିଛି। ବିଜେଡି ପ୍ରାର୍ଥୀ ବାକା ୩୯,୨୪୯ ଭୋଟ୍ ପାଇଥିଲା ବେଳେ କଂଗ୍ରେସର ଲକ୍ଷ୍ମୀପ୍ରିୟା ନାୟକ ୩୬,୨୩୭ ଭୋଟ ଏବଂ ଭାଜପାର ପଦୁ ମାଝି ୨୮,୩୦୪ ଭୋଟ ପାଇଛନ୍ତି। ଏହି ତିନି ପ୍ରମୁଖ ଦଳ ବ୍ୟତୀତ ବହୁଜନ ସମାଜ ପାର୍ଟିର ସନାତନ କବାସୀ ୩,୧୮୧, ସମତାକ୍ରାନ୍ତି ଦଳର ଘେନୁ ମୁଦୁଲି ୫,୨୩୯, ସ୍ୱାଧୀନ ପ୍ରାର୍ଥୀ ବାଲାରାଜୁ କପେ ୬,୨୨୮ ଖଣ୍ଡ ଭୋଟ ପାଇଥିଲେ। ନୋଟାରେ ୩୯୩୪ ଖଣ୍ଡ ଭୋଟ ପଡ଼ିଥିଲା। ଅନ୍ୟପକ୍ଷରେ ଏହି ନିର୍ବାଚନ ମଣ୍ଡଳୀରେ ନବରଙ୍ଗପୁର ଲୋକସଭା ପ୍ରାର୍ଥୀ କଂଗ୍ରେସର ପ୍ରଦୀପ ମାଝୀ ୩୭,୪୫୪ ଭୋଟ ପାଇଥିଲା ବେଳେ ଭାଜପାର ବଳଭଦ୍ର ମାଝି ୩୨,୮୭୩ ଏବଂ ବିଜେଡିର ରମେଶ ଚନ୍ଦ୍ର ମାଝି ୪୨,୬୨୦ ଭୋଟ ପାଇଥିବା ସୂଚନା ମିଳିଛି।

ସେହିପରି ଜିଲାର ୧୪୬ ନମ୍ବର ଆସନ ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୨୮ ରାଉଣ୍ଡ ସୁଦ୍ଧା ଭାଜପାର ଆଦିତ୍ୟ ମାଢି ୪୨,୨୧୬ ଭୋଟ ପାଇଥିଲା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ମୁକୁନ୍ଦ ସୋଡି ୨୯,୯୩୮, କଂଗ୍ରେସର ମାଳା ମାଢି ୨୯,୬୧୦ ଭୋଟ ପାଇଥିବା ଜଣାପଡ଼ିଛି। ଆହୁରି କିଛି ରାଉଣ୍ଡ ଗଣତି ବାକି ଥିବାବେଳେ ଏହି ଆସନ ଭାଜପା ହାତକୁ ଯିବା ଏକ ପ୍ରକାର ନିଶ୍ଚିତ ହୋଇଛି। ଭୋଟ ଗଣତି କେନ୍ଦ୍ରରେ ଦୁଇଜଣ ପର୍ଯ୍ୟବେକ୍ଷକ, ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନିଷ ଅଗ୍ରୱାଲ, ଏସ୍‌ପି ଜଗମୋହନ ମିନା, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁଣନିଧି ନାୟକ ଉପସ୍ଥିତ ଥିଲେ।

# ହାରିଲେ ରାଜକୁମାରୀ, ପାରଳାଖେମୁଣ୍ଡିରେ ଖାତା ଖୋଲିଲା ଭାଜପା

ପାରଳାଖେମୁଣ୍ଡି, ୨୩।୫(ସ୍ୱ.ପ୍ର.) – ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ରାଉଣ୍ଡ ଗଣତି ଶେଷ ହୋଇଥିବା ବେଳେ ଏଥିରେ ଭାଜପା ପ୍ରାର୍ଥୀ କେ. ନାରାୟଣ ରାଓ ବାଜି ମାରିନେଇଛନ୍ତି । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱାଧୀନ ପ୍ରାର୍ଥୀ ଡ. ତିରୁପତି ପାଣିଗ୍ରାହୀଙ୍କୁ ୧୫,୨୦୨ ଭୋଟ ବ୍ୟବଧାନରେ ହରାଇ ବିଜୟ ହାସଲ କରିଛନ୍ତି । ପ୍ରଥମଥର ପାଇଁ ଭାଜପା ଏହି ଆସନ ଅକ୍ତିଆର କରିଛି। ଜିଲାର ଅନ୍ୟତମ ବିଧାନସଭା କ୍ଷେତ୍ର ମୋହନା କ୍ଷେତ୍ରରେ ମଧ୍ୟ ଗଣତି ଶେଷ ହୋଇଛି। ଏଠାରେ କଂଗ୍ରେସ ପ୍ରାର୍ଥୀ ଦାଶରଥି ଗମାଙ୍ଗ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ପୂର୍ଣ୍ଣବାସୀ ନାୟକଙ୍କୁ ୨୩୫୪ ଭୋଟ ବ୍ୟବଧାନରେ ହରାଇ ବାଜିମାରି ନେଇଛନ୍ତି। ୨୦୧୪ରେ ମୋହନାରେ ବାସନ୍ତୀ ମଲିକ ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ କେ. ସୁରିୟା ରାଓ ନିର୍ବାଚିତ ହୋଇଥିଲେ ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 6390091675, 8527858125, 9454715754

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

BUSINESS
ଖାଲିଥିବା ଜମି ଓ ଛାତ ଉପରେ Regd. ଗୋଲ୍ଡ ମେଡାଲିଷ୍ଟ ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

EDUCATION

ADMISSION GUIDANCE
Last Chance for **MD, MS & MDS** aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are **MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB** etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929606415
8929609224
SCO- 106, Second Floor, Vishal Tower, Cannaught Place, Delhi.

ଖର୍ଚ୍ଚ ଋଣରୁ କଟିବ
Mudra Finance (Govt. Regd)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ସମସ୍ତ ଋଣ
2% ସୁଧ, 40% ରିହାତି।
8278511947
8901142354
JAIN MARKET SOUTH, PART-2, VIGYAN NAGAR, DELHI - 110049
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଫୋନ୍ କରନ୍ତୁ

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

DHARITRI Career appointment Every Wednesday and Saturday


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୋଟ ଫଳାଫଳର ଉତ୍ସାହ



ଭୁବନେଶ୍ୱରସ୍ଥିତ ବିଜେଡି କାର୍ଯ୍ୟାଳୟରେ ନବୀନ ପଟ୍ଟନାୟକଙ୍କ ଜଣେ ସମର୍ଥକ।



ବିଜେଡିର ସଫଳତା ପରେ ବିଜେଡି କାର୍ଯ୍ୟାଳୟ ଉତ୍ସବମୁଖର।



ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କୁସୁମ ଟେଟେ ବିଜୟୀ ହେବା ପରେ ସମର୍ଥକ ଗହଣରେ ଖୁସି ମନାଉଛନ୍ତି।



ଭୁବନେଶ୍ୱର ବିଜେଡି କର୍ମୀମାନେ ନାଚି ଖୁସି ମନାଉଛନ୍ତି।



ତଳସରା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଭବାନୀଶଙ୍କର ଭୋଇ ବିଜୟୀ ହେବା ପରେ ସମର୍ଥକମାନେ ଶୁଭେଚ୍ଛା ଜଣାଉଛନ୍ତି।




ନିର୍ବାଚନ ଫଳାଫଳ ଜାଣିବା ପାଇଁ ଭୁବନେଶ୍ୱର ବିଜେଡି କାର୍ଯ୍ୟାଳୟରେ ଅପେକ୍ଷାରତ କର୍ମୀ ଓ ସମର୍ଥକମାନେ।




ଭୁବନେଶ୍ୱରର ଏକ ଟିଭି ବିକ୍ରି ଦୋକାନରେ ନିର୍ବାଚନ ଫଳାଫଳ ଜାଣିବା ପାଇଁ ଲୋକଙ୍କ ଭିଡ଼।



କଟକ ବୋସ୍ ଗ୍ରାଉଣ୍ଡ ଠାରେ ନିର୍ବାଚନ ଫଳାଫଳ ଜାଣିବା ପାଇଁ ଅପେକ୍ଷା କରିଥିବା ବିଜେଡି କର୍ମୀ।



ବାରବାଟୀ କଟକ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମ୍‌ଙ୍କ ବିଜୟ ପରେ କର୍ମୀମାନେ ନାଚୁଛନ୍ତି।



ଭୁବନେଶ୍ୱର ବିଜେବି କଲେଜରେ ଭୋଟ ଗଣତିରେ ବ୍ୟସ୍ତଥିବା ଅଧିକାରୀମାନେ।

# ରାୟଗଡ଼ାରେ ସ୍ୱାଧୀନ ପିନ୍ଧିଲେ ବିଜୟ ଶିରପା

ରାୟଗଡ଼ା ଅଫିସ,୨୩।୫

ରାୟଗଡ଼ା ନିର୍ବାଚନମଣ୍ଡଳୀର ଫଳାଫଳ ସମସ୍ତଙ୍କୁ ଚକିତ କରିଛି । ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲି ବିଜେଡ଼ି ପ୍ରାର୍ଥୀ ଲାଲବିହାରୀ ହିମିରିକାଙ୍କୁ ୪୮୩୮ ଭୋଟ ବ୍ୟବଧାନରେ ପଛରେ ପକାଇ ବିଜୟୀ ହୋଇଛନ୍ତି । ମକରନ୍ଦ ୫୨୭୫୧ ଭୋଟ ପାଇଥିବା ବେଳେ ହିମିରିକାଙ୍କୁ ୪୭୯୧୩ ଖଣ୍ଡ ଭୋଟ ମିଳିଛି । ସେହିପରି କଂଗ୍ରେସ ପ୍ରାର୍ଥୀ ଆପଲ୍ଲାସ୍ୱାମୀ କାଡ୍ରାକା ୩୯୬୨୫, ଭାଜପା ପ୍ରାର୍ଥୀ ବସନ୍ତ ଉଲ୍ଲାକା ୨୪୩୨୭, ବିଏସପି ପ୍ରାର୍ଥୀନୀ ପୂର୍ଣ୍ଣାବତୀ ମାଝି ୪୦୭୧ ଭୋଟ ପାଇଥିବା ବେଳେ ୫୯୫୯ଟି ନୋଟାରେ ପଡ଼ିଛି । ମକରନ୍ଦ ୨୦୧୪ ନିର୍ବାଚନରେ କଂଗ୍ରେସ ଦଳ ପ୍ରାର୍ଥୀ ଭାବେ ଲଢି ବିଜେଡ଼ି ପ୍ରାର୍ଥୀ ଲାଲବିହାରୀ ହିମିରିକାଙ୍କଠାରୁ ପରାଜିତ ହୋଇଥିଲେ । ତେବେ ଚଳିତ ନିର୍ବାଚନରେ ସେ କଂଗ୍ରେସ ଦଳରୁ ଟିକେଟ ନ ପାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢି ବିଜୟୀ ହୋଇଛନ୍ତି ।


ରାୟଗଡ଼ା ନିର୍ବାଚନ ଫଳାଫଳ ଜାଣିବା ପାଇଁ ଲୋକଙ୍କ ଭିଡ଼ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୂଳା ସାଙ୍ଗରେ ମୁଢ଼ି**
**ଟିକିଲି ସିନ୍ଦୂର କେତେ ମୂଲଉଛୁ**
**ହୋଇ ତ ଗଲୁଣି ବୁଢ଼ୀ ।**

ସୌନ୍ଦର୍ଯ୍ୟ ପ୍ରତି ନାରୀ ମନରେ ରହିଥାଏ ଅନେକ ଦୁର୍ବଳତା । ବୟସ ଯେତେ ବଢ଼ି ବଢ଼ି ଯାଉଥିଲେ ମଧ୍ୟ ସୌନ୍ଦର୍ଯ୍ୟକୁ ନେଇ ନାରୀ ମନରେ ରହିଥିବା ଆଗ୍ରହ କେବେ କମିପାରି ନ ଥାଏ । ମୂଳା ସାଙ୍ଗରେ ମୁଢ଼ି ଖାଇବା ପରି ଉତ୍ତୀର୍ଣ୍ଣ ବୟସରେ ପାଦ ଦେଇଥିବା ମହିଳାଙ୍କ ସୌନ୍ଦର୍ଯ୍ୟ ପ୍ରତି ରହିଥିବା ସଉକକୁ ଦୃଷ୍ଟିରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**ମନ ଭାଙ୍ଗିଲେ ଛୋପରା,**
**ହାଣ୍ଡି ଭାଙ୍ଗିଲେ ଖପରା ।**

ମନ ବା ହୃଦୟ ଭାଙ୍ଗିଗଲେ ମଣିଷ ନିଜକୁ ନିଃସଙ୍ଗବୋଧ କରିଥାଏ । ଅସହାୟ ମଣିବା ସହ ମୁହଁରେ ବିଷର୍ଣ୍ଣତା ଭାବ ପ୍ରକାଶ ପାଇଥାଏ । ପରିସ୍ଥିତିରେ ଉନ୍ନତି ଆସିଲେ ବି ମଣିଷ ସେଥିରେ ଖୁସି ଅନୁଭବ କରିପାରି ନ ଥାଏ । ମନକୁ ମାରି ଚୁପ୍ ହୋଇ ବସି ରହିଥାଏ । ସେହିପରି ହାଣ୍ଡି ଭାଙ୍ଗିଗଲେ ପୁନଶ୍ଚ ଯୋଡ଼ିହୋଇ ପାରୁ ନ ଥିବା ସ୍ଥଳେ କେବଳ ଖପରା ହେବା ହିଁ ସାର ହୋଇଥାଏ । ଅବସ୍ଥା ଚକ୍ରରେ ଉଭୟ ମନ ଓ ହାଣ୍ଡି ନିରର୍ଥକ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମୀନାକ୍ଷୀ, ବଦ୍ରିନାରାୟଣ, ଭାଗୀରଥି, ଜଗନ୍ନାଥ ବିଜୟୀ

କେନ୍ଦୁଝର, ୨୩।୫(ସ୍ୱ.ପ୍ର.)

କେନ୍ଦୁଝର ସଂସଦୀୟ ନିର୍ବାଚନ ମଣ୍ଡଳୀ ଅଧୀନ ଜିଲାର ୬ ବିଧାନସଭା ଆସନ ଓ ମୟୂରଭଞ୍ଜ ଜିଲା କରଞ୍ଜିଆ ବିଧାନସଭା ଆସନ ମଧ୍ୟରୁ ଚମ୍ପୁଆ, ଆନନ୍ଦପୁର ଓ ଘସିପୁରା ନିର୍ବାଚନ ମଣ୍ଡଳୀର ଫଳାଫଳ ପଦାକୁ ଆସିଛି । ଅନ୍ୟ ସବୁ ଆସନରେ ଗଣତି ଜାରି ରହିଛି । ଚମ୍ପୁଆ ଆସନରେ ବିଜେଡି ପ୍ରାର୍ଥୀ ମୀନାକ୍ଷୀ ମହାନ୍ତ, ଆନନ୍ଦପୁରରେ ବିଜେଡି ପ୍ରାର୍ଥୀ ଭାଗୀରଥି ସେଠୀ ଏବଂ ଘସିପୁରାରେ ବିଜେଡି ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର, ପାଟଣାରେ ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ବିଜୟୀ ହୋଇଥିବା ସୂଚନା ମିଳିଛି । ଏହି ୪ ବିଜେତା ପ୍ରାର୍ଥୀଙ୍କୁ କଡ଼ା ମୁକାବିଲା କରି ଭାଜପା ପ୍ରାର୍ଥୀ ହାର ମାନିଛନ୍ତି ।

ଭୋଟ ଗଣତି ଧାରା ଅନୁଯାୟୀ କେନ୍ଦୁଝର ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରାଣୀ ମୁର୍ମୁ ଆଗରେ ଥିବାବେଳେ ବିଧାନସଭା କ୍ଷେତ୍ର ମଧ୍ୟରୁ ପାଟଣାରେ ବିଜେଡି ଜଗନ୍ନାଥ ନାୟକ ଆଗରେ ରହିଛନ୍ତି । ସେହିପରି କେନ୍ଦୁଝର ସଦର ବିଧାନସଭା ଆସନରେ ବିଜେଡିର ମାଧବ ସର୍ଦ୍ଦାର, ତେଲକୋଇ ଆସନରେ ଭାଜପାର ଧନୁର୍ଜୟ ସିଦ୍ଧୁ ଆଗୁଆ ରହିଥିବା ସୂଚନା ମିଳିଛି । କେନ୍ଦୁଝର ଲୋକସଭା କ୍ଷେତ୍ର ଅଧୀନ ମୟୂରଭଞ୍ଜ ଜିଲାର କରଞ୍ଜିଆ ବିଧାନସଭା ଆସନରେ ମଧ୍ୟ ବିଜେଡି ପ୍ରାର୍ଥୀ ବାସନ୍ତୀ ହେମ୍ବ୍ରମ ବିଜୟୀ ହୋଇଛନ୍ତି । ପ୍ରତି ରାଉଣ୍ଡ ଗଣତିରେ ଭୋଟ ସଂଖ୍ୟା କମ୍ ବେଶୀ ହେଉଥିବାରୁ ହାର୍ ଜିତ ସମ୍ଭାବନା ନେଇ ଉତ୍କଣ୍ଠା ଲାଗି ରହିଛି । ଅଧିକାଂଶ ଆସନରେ ବିଜେଡି ଆଗୁଆ ଥିବାବେଳେ କେବଳ ତେଲକୋଇରେ ଭାଜପା ପ୍ରାର୍ଥୀ ଆଗରେ ଅଛନ୍ତି ।

# ବାଲେଶ୍ୱର ଲୋକ ସଭା ଆସନ: ଆଗରେ ଭାଜପା ପ୍ରାର୍ଥୀ

ବାଲେଶ୍ୱର ଅଫିସ, ୨୩।୫

**୮ ବିଧାନସଭା ଆସନରୁ ବିଜେଡି ୬, ଭାଜପା ୨ରେ ଆଗୁଆ**

ବାଲେଶ୍ୱର ଲୋକସଭା ଆସନ ସମେତ ଜିଲାର ୮ ବିଧାନସଭା ଆସନରେ ଗୁରୁବାର ରାତି ୧୦ଟା ସୁଦ୍ଧା ଭୋଟଗଣତି ଜାରି ରହିଛି । କୌଣସି ଆସନର ଫଳାଫଳ ପ୍ରକାଶ ପାଇନାହିଁ । ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସୂଚନା ଅନୁଯାୟୀ ବାଲେଶ୍ୱର ଲୋକସଭା ଆସନରେ ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବିଜେଡି ପ୍ରାର୍ଥୀ ରବୀନ୍ଦ୍ର କୁମାର ଜେନାଙ୍କ ମଧ୍ୟରେ କଡା ଟକ୍କର ଚାଲିଛି । ସର୍ବଶେଷ ଖବର ଅନୁଯାୟୀ ଭାଜପା ପ୍ରାର୍ଥୀ ଷଡଙ୍ଗୀ ୩୦ ହଜାର ଭୋଟରେ ଆଗୁଆ ଥିବା ସୂଚନା ମିଳିଛି । ଜିଲାର ୮ ବିଧାନସଭା ଆସନ ମଧ୍ୟରୁ ୬ଟିରେ ବିଜେଡି ଏବଂ ୨ଟିରେ ଭାଜପା ଆଗରେ ରହିଛି । ଲୋକସଭା କ୍ଷେତ୍ର ଅଧୀନ ମୟୂରଭଞ୍ଜ ଜିଲା ବଡସାହି ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ଆଗୁଆ ରହିଥିବା ଜଣାପଡିଛି ।

ଗୁରୁବାର ପୂର୍ବାହ୍ନ ୮ଟା ବେଳେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ନବନିର୍ମିତ କୋଠା ଓ ନୀଳଗିରି କେସି ହାଇସ୍କୁଲ କେନ୍ଦ୍ରରେ କଡା ସୁରକ୍ଷା ମଧ୍ୟରେ ଭୋଟ ଗଣତି ଆରମ୍ଭ ହୋଇଥିଲା । ବିଭିନ୍ନ କାରଣରୁ ଭୋଟ ଗଣତି ପ୍ରକ୍ରିୟା ତ୍ୱରାନ୍ୱିତ ନ ହେବାରୁ କୌଣସି ଆସନର ଫଳାଫଳ ଖବର ଲେଖା ହେବା ଯାଏ ପ୍ରକାଶ ପାଇପାରିନାହିଁ । ପ୍ରାୟ ୨୦ରୁ ୨୫ ରାଉଣ୍ଡ ଗଣତି ପରେ ନିର୍ବାଚନ ଟ୍ରେଣ୍ଡ କିଛି ମାତ୍ରାରେ ପଦାକୁ ଆସିଛି । ପ୍ରତି ରାଉଣ୍ଡ ଗଣତିରେ ଭୋଟ ସଂଖ୍ୟା କମ୍ ବେଶୀ ହେଉଥିବାରୁ କେଉଁ ପ୍ରାର୍ଥୀଙ୍କ ବିଜୟ ଘଟିବ ତାହା ଉତ୍କଣ୍ଠାର କାରଣ ହୋଇଛି । ତେବେ ନୀଳଗିରି ଓ ସଦର ବାଲେଶ୍ୱର ଆସନରେ ଭାଜପା ପ୍ରାର୍ଥୀ ଆଗରେ ଥିବା ବେଳେ ଜଳେଶ୍ୱର, ବସ୍ତା, ରେମୁଣା ଓ ସିମୁଳିଆରେ ବିଜେଡି ପ୍ରାର୍ଥୀ ଆଗରେ ରହିଥିବା ସର୍ବଶେଷ ସୂଚନା ଅନୁଯାୟୀ ଖବର ମିଳିଛି ।

# ଗୁଣପୁର, ବିଷମକଟକରେ ବିଜେଡିର ବାଜିମାତ୍


ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ଗୁଣପୁର ଏବଂ ବିଷମକଟକର ନବ ନିର୍ବାଚିତ ବିଧାୟକ ।

ଗୁଣପୁର,୨୩।୫(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଏବଂ ବିଷମକଟକ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ବାଜିମାତ କରିଛି । ଗୁଣପୁରରେ ବିଜେଡିର ରଘୁନାଥ ଗମାଙ୍ଗ ୪୮,୮୩୯ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ୪୨,୫୬୯ ଖଣ୍ଡ ଭୋଟ ପାଇଛନ୍ତି । ସେହିପରି ବିଷମକଟକରେ ବିଜେଡିର ଜଗନ୍ନାଥ ସାରକା ୬୬,୯୧୨ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ନୀଳମାଧବ ହିକ୍କା ୫୨,୩୭୯ ଖଣ୍ଡ ଭୋଟ ପାଇଛନ୍ତି । ଜଗନ୍ନାଥ ସାରକା ୧୪,୫୩୩ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟଲାଭ କରିଛନ୍ତି । ଜଗନ୍ନାଥ ଚଳିତ ଥରକୁ ମିଶାଇ ୨ୟ ଥର ବିଷମକଟକ ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ଉଭୟ ବିଜୟ ଲାଭ କରିବା ପରେ ଗୁଣପୁରଠାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା । ଦୁଇ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ଦଳର କର୍ମୀ ଏବଂ ନେତାମାନେ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବାଣ ଫୁଟାଇ ଉତ୍ସବ ମନାଇଥିଲେ । ଦଳର ବରିଷ୍ଠ ନେତାମାନଙ୍କ ସମେତ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସୁଧିର ଦାସ ଉପସ୍ଥିତ ଥିଲେ । ଗୁଣପୁରରେ ଭାଜପାର ଶିଶିର ଗମାଙ୍ଗ ୧୬,୪୯୧ ଖଣ୍ଡ ଭୋଟ ପାଇ ୪ର୍ଥ ସ୍ଥାନରେ ଥିବାବେଳେ ବିଜେଡିରୁ ଇସ୍ତଫା ଦେଇ ସ୍ୱାଧୀନ ଭାବେ ଲଢିଥିବା ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ ୨୬,୩୨୧ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଥିଲେ । ପୂର୍ବତନ ବିଧାୟକ ତଥା ଭାଜପାରୁ ଆଶାୟୀ ହେବା ପରେ ଟିକେଟ ନ ମିଳିବାରୁ ବିଦ୍ରୋହୀ ପ୍ରାର୍ଥୀ ହୋଇଥିବା ରାମମୂର୍ତ୍ତି ମୁତ୍ତିକା ୫୬୮୬ ଖଣ୍ଡ ଭୋଟ ପାଇଥିଲେ । ସେହିଭଳି ବିଷମକଟକ ନିର୍ବାଚନମଣ୍ଡଳୀରେ ଜିଲା ଭାଜପା ସଭାପତି ଶିବ ଶଙ୍କର ଉଲ୍ଲାକା ୨୩,୫୬୧ ଖଣ୍ଡ ଭୋଟ ପାଇଥିବାବେଳେ ବିଏସପି ପ୍ରାର୍ଥୀ ଜିତେନ୍ଦ୍ର ଝାକାସିକା ୨୧,୫୦୯ ଖଣ୍ଡ ଭୋଟ ପାଇଥିଲେ ।

# ବିଜେପୁରରୁ ଜିତିଲେ ମୁଖ୍ୟମନ୍ତ୍ରୀ

ବିଜେପୁର, ୨୩।୫ (ଡି.ଏନ.ଏ)

ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ସନତ କୁମାର ଗଡତିଆଙ୍କୁ ୫୬, ୫୩୩ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି । ନବୀନ ପଟ୍ଟନାୟକ ୧୦୮୮୪୮ ଭୋଟ ପାଇଥିବା ବେଳେ ସନତ କୁମାର ଗଡତିଆ ୫୨୩୧୫ ଖଣ୍ଡ ଭୋଟ ପାଇଛନ୍ତି । ଅପରପକ୍ଷେ କଂଗ୍ରେସ ପ୍ରାର୍ଥୀ ରିପୁନାଥ ସେଠ ୧୪୧୩୮ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି । ଏହି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ସମେତ ବହୁଜନ ସମାଜ ପାର୍ଟିରୁ ଅଶୋକ କଲେତ ଏବଂ ସ୍ୱାଧୀନ ପ୍ରାର୍ଥୀ ଦ୍ୱୟ ବୀରେନ୍ଦ୍ର କୁମାର ବାଗ ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରେ ଉପନିର୍ବାଚନ ଅପେକ୍ଷା ୫୯୭୭ ଖଣ୍ଡ ଅଧିକ ଭୋଟ ପାଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଉପନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରୁ ରୀତା ସାହୁ ୧୦୨୮୭୧ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଭାଜପା ପ୍ରାର୍ଥୀ ୬୦୯୩୮ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଅପରପକ୍ଷେ କଂଗ୍ରେସ ପ୍ରାର୍ଥୀ ପ୍ରଣୟ ସାହୁ ୧୦୨୭୪ ଖଣ୍ଡ ଭୋଟ ପାଇ ଅମାନତ ହରାଇଥିଲେ ।

# ଅବ୍ୟବସ୍ଥା ନେଇ ଉତ୍ତେଜନା

ରାୟଗଡା ଅଫିସ୍, ୨୩।୫

ରାୟଗଡାଠାରେ ଭୋଟ ଗଣତି କେନ୍ଦ୍ରରେ ଅବ୍ୟବସ୍ଥା ଓ ବିଳମ୍ୱକୁ ନେଇ ଉତ୍ତେଜନା ଦେଖାଦେଇଥିଲା । ଯଦ୍ୱାରା ଭୋଟ ଗଣତିରେ ଅହେତୁକ ବିଳମ୍ୱ ଘଟିଥିଲା । ଗଣତି ଆରମ୍ଭରୁ ବିଳମ୍ୱ ହେବାରୁ ପ୍ରତ୍ୟେକ ରାଉଣ୍ଡ ଘୋଷଣାରେ ମଧ୍ୟ ବିଳମ୍ୱ ହୋଇଥିଲା । ଫଳରେ ଗଣତି କେନ୍ଦ୍ର ବାହାରେ ଅପେକ୍ଷା କରିଥିବା ବିଭିନ୍ନ ପ୍ରାର୍ଥୀଙ୍କ ସମର୍ଥକ ଓ ରାଜନୈତିକ ଦଳର କର୍ମୀମାନେ ପ୍ରବଳ ପାଟିତୁଣ୍ଡ କରିଥିଲେ । ଏଭଳିକି କିଛି ସମର୍ଥକ ଗଣତି ହେଉଥିବା ଜିସିଡି ଉଚ୍ଚ ବିଦ୍ୟାଳୟର ଫାଟକ ଡେଇଁବାକୁ ମଧ୍ୟ ଚେଷ୍ଟା କରିଥିଲେ । ତେବେ ସେଥିମଧ୍ୟରୁ ଜଣକୁ ଖୋଦ୍ ଏସ୍‌ପି ଡା. ଶ୍ରବଣ ବିବେକ ଏମ୍ କାବୁ କରିଥିଲେ । ଏହାପରେ ଆହୁରି ବ୍ୟାପକ ପରିମାଣରେ ପୋଲିସ ଯବାନ୍‌ଙ୍କୁ ମୁତୟନ କରି ଉତ୍ତେଜନାକୁ ନିୟନ୍ତ୍ରଣ କରାଯାଇଥିଲା ।

ନିର୍ବାଚନ କମିଶନଙ୍କ ନିର୍ଦ୍ଧାରିତ ସମୟ ସକାଳ ୮ଟାରେ ଗଣତି କରିବା ପାଇଁ କର୍ମଚାରୀ ଓ ପ୍ରାର୍ଥୀଙ୍କ ଏଜେଣ୍ଟମାନେ କେନ୍ଦ୍ରକୁ ପ୍ରବେଶ କରିଥିଲେ । ହେଲେ ୮୪ ଜଣ ଏଜେଣ୍ଟଙ୍କ ପାଇଁ ୮୦ଟି ଚୌକି ବ୍ୟବସ୍ଥା ହୋଇଥିଲା । ଏହାକୁ ନେଇ ଏଜେଣ୍ଟମାନେ ପ୍ରବଳ ପାଟିତୁଣ୍ଡ କରିଥିଲେ । ଏଭଳିକି ଗଣତି କେନ୍ଦ୍ର ଛାଡି ସମସ୍ତ ରାଜନୈତିକଦଳର ଏଜେଣ୍ଟମାନେ ବାହାରକୁ ଚାଲିଆସିଥିଲେ । ଜିଲାପାଳ ପ୍ରମୋଦ କୁମାର ବେହେରା ଓ ଅନ୍ୟ କର୍ମଚାରୀମାନେ ବୁଝାଶୁଝା କରିବା ପରେ ସେମାନେ ଗଣତି କେନ୍ଦ୍ରକୁ ଫେରିଥିଲେ । ତେବେ ସେତେବେଳକୁ ପ୍ରାୟ ୧ଘଣ୍ଟାରୁ ଅଧିକ ସମୟ ବିଳମ୍ୱ ହୋଇଥିଲା' ଗଣତି ପୂର୍ବାହ୍ନ ୯.୧୦ମିନିଟ୍‌ରେ ଆରମ୍ଭ ହୋଇଥିଲା । ପରେ ପ୍ରତି ରାଉଣ୍ଡରେ ବିଳମ୍ୱ ଦେଖାଦେଇଥିଲା' ସମଗ୍ର ରାଜ୍ୟରେ ଏଭଳିକି ଗୁଣପୁରଠାରେ ୨ଟି ବିଧାନସଭା ନିର୍ବାଚନମଣ୍ଡଳୀର ଗଣତି ସୁରୁଖୁରୁରେ ହୋଇଥିବା ବେଳେ ଜିଲା ସଦର ମହକୁମାରେ ନା ନା ତ୍ରୁଟି ପରିଲକ୍ଷିତ ହୋଇଥିଲା । ଏହାକୁ କେନ୍ଦ୍ରକରି ପ୍ରାର୍ଥୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଫଳରେ ବିଳମ୍ୱିତ ରାତି ପର୍ଯ୍ୟନ୍ତ ଗଣତି ଚାଲୁ ରହିଥିଲା ।


ଉତ୍ତେଜିତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି ।

# ଦେଶ ଗୋଟିଏ ଆଡ଼େ, ଓଡ଼ିଶା ଭିନ୍ନ

ଭୁବନେଶ୍ୱର,୨୩।୫(ବ୍ୟୁରୋ)

ସମଗ୍ର ଦେଶ ଗୋଟିଏ ଆଡେ ମୁହାଁଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯାଦୁ ଛାଇଯାଇଛି । ଭାଜପା ଓ ଏହାର ସହଯୋଗୀ ଦଳକୁ ଭୋଟ ଗ୍ରହଣ ହୋଇଥିବା ୫୪୨ ଲୋକ ସଭା ଆସନରୁ ୩୫୦ରୁ ଊର୍ଦ୍ଧ୍ୱ ସିଟ୍ ମିଳିଛି । ଏକକ ସଂଖ୍ୟାଗରିଷ୍ଠ ହାସଲକରି ଏନ୍‌ଡିଏ ପୁଣି କ୍ଷମତାକୁ ଫେରିଛି । କେନ୍ଦ୍ରରେ କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ଦଳଙ୍କ ସବୁ କଳ୍ପନାଜଳ୍ପନା ଧୂଳିସାତ୍ ହୋଇଯାଇଛି । ଚାରିଆଡେ ଗୈରିକ ଦଳର ଜୟ ଜୟ କାର ଚାଲିଛି । ୨୦୧୪ ସାଧାରଣ ନିର୍ବାଚନକୁ ବଳିଯାଇଛି ଏଥରର ନିର୍ବାଚନ । ଭାଜପା ବୃହତ୍ ଦଳ ଭାବେ ଦ୍ୱିତୀୟ ଥର ଲାଗି ଦେଶର ଶାସନ ଗାଦିକୁ କବ୍‌ଜା କରିଛି । ବିଭିନ୍ନ ରାଜ୍ୟରେ କାମ ଦେଇଥିବା ମୋଦି ମ୍ୟାଜିକ୍ ଓଡ଼ିଶାରେ କିନ୍ତୁ ସେତେଟା କାମ ଦେଇ ନାହିଁ । ଏଠାକାର ମତଦାତା ଭିନ୍ନ ପରିଚୟ ଦେଇଛନ୍ତି । ଦେଶର ଶାସନ ଭାର ପାଇଁ ମୋଦିଙ୍କ ଉପରେ କିଛି ମତଦାତା ଭରସା କରିଥିବା ବେଳେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ଆସ୍ଥା ଅତୁଟ ରଖିଛନ୍ତି । ଉଭୟ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ରାଜ୍ୟର ମତଦାତା ବିଜୁ ଜନତା ଦଳ(ବିଜେଡି)କୁ ଲଗାତର ଅଧିକ ଆସନ ଧରାଇଛନ୍ତି ।

ପୂର୍ବରୁ ରାଜ୍ୟରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହୋଇ ଆସୁଥିଲା । ପ୍ରଥମ ଥର ଲାଗି ଚଳିତ ନିର୍ବାଚନ ୪ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟରେ ନିଜର ସ୍ଥିତିକୁ ଶକ୍ତିଶାଳୀ କରିଥିବା ବିଜେଡିକୁ ଶାସନ ଗାଦିରୁ ହଟାଇବା ପାଇଁ ଭାଜପା ପକ୍ଷରୁ ଏଭଳି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା ବୋଲି ଚର୍ଚ୍ଚା ହେଉଥିଲା । ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାକୁ ୧୦ ଥରରୁ ଊର୍ଦ୍ଧ୍ୱ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ମଧ୍ୟ ଅନେକ ଥର ଓଡ଼ିଶା ଗସ୍ତରେ ଆସି ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ରଣହୁଙ୍କାର ଦେଇଥିଲେ । ଏଥିସହିତ ୫୦ରୁ ଊର୍ଦ୍ଧ୍ୱ କେନ୍ଦ୍ରମନ୍ତ୍ରୀ ମଧ୍ୟ ଓଡ଼ିଶାରେ ନିର୍ବାଚନ ପ୍ରଚାରରେ ମାତିଥିଲେ । ବିଜେଡି ଶାସନକୁ ଉପାଡି ବଙ୍ଗୋପ ସାଗରରେ ଫୋପାଡିବା ପାଇଁ କେନ୍ଦ୍ରୀୟ ନେତାମାନେ ଆହ୍ୱାନ ଦେଇଥିଲେ । ଭାଜପା କୌଣସି ପ୍ରକାରେ ବିଜେଡିକୁ କ୍ଷମତାରୁ ଦୂରେଇ ରଖିବାକୁ ଜୋରଦାର ଉଦ୍ୟମ କରିଥିଲା । ଉଭୟ ଦଳ ବଳ କଷାକଷି ହୋଇଥିଲେ । ଏହା ସତ୍ତ୍ୱେ ଓଡ଼ିଶା ମତଦାତାଙ୍କ ଉପରେ ଭାଜପା କିମ୍ବା ମୋଦିଙ୍କ ଯାଦୁ ଏଠାରେ ସେତେଟା ପ୍ରଭାବ ପକାଇ ପାରି ନ ଥିଲା । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ରାଜ୍ୟର ମତଦାତା ପୁଣି ଭରସା କରିଛନ୍ତି । ପୂର୍ଣ୍ଣ ସମର୍ଥନ ଦେଇ ଆଉଥରେ ଶାସନ ଭାର ନବୀନଙ୍କ ହାତରେ ଧରାଇଛନ୍ତି । ଓଡ଼ିଶାର ମତଦାତା ସମଗ୍ର ଦେଶରେ ଭିନ୍ନ ରାଜନୈତିକ ବାତାବରଣ ସୃଷ୍ଟିକରି ନିଜର ଏକ ନୂତନ ଧାରା ଦେଖାଇଛନ୍ତି, ଯାହାକି ଅତୀତରେ କେବେ ଦେଖା ଯାଇ ନ ଥିଲା । ୧୯୯୯ ପରେ କଂଗ୍ରେସ ଉପରୁ ମତଦାତା ମୁହଁ ମୋଡିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ରାଜ୍ୟରେ ନୂତନ ଆଞ୍ଚଳିକ ଦଳ ଭାବେ ଜନ୍ମ ନେଇଥିବା ବିଜେଡିକୁ ଲୋକେ ଭରସା କରିଥିଲେ । ଗତ ଦୁଇ ଦଶନ୍ଧି ଧରି ଜାତୀୟ ଦଳ କଂଗ୍ରେସ ଓ ଭାଜପା ଶତ ଚେଷ୍ଟା କଲେ ମଧ୍ୟ ଶାସନକୁ ଫେରି ପାରୁ ନାହାନ୍ତି । ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

## ନିର୍ବାଚନ ଫଳ ଦେଖିବା ପାଇଁ ଏଲ୍‌ଇଡି ସ୍କ୍ରିନ୍ ବ୍ୟବସ୍ଥା

# ପ୍ରସାରଣରେ ବାଧା

ଭୁବନେଶ୍ୱର,୨୩।୫(ବ୍ୟୁରୋ)

ସାଧାରଣ ନିର୍ବାଚନ ଫଳାଫଳକୁ ଭୁବନେଶ୍ୱରବାସୀ ପାର୍କ ଏବଂ ଟ୍ରାଫିକ୍‌ରେ ଦେଖିବାକୁ ପାଇଛନ୍ତି । ବିଜୁ ପଟ୍ଟନାୟକ ପାର୍କ ସହ ହକି ବିଶ୍ୱକପ୍ ସମୟରେ ସହରର ବିଭିନ୍ନ ଟ୍ରାଫିକ୍‌ରେ ଲାଗିଥିବା ଏଲ୍‌ଇଡି ସ୍କ୍ରିନ୍‌ରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଥିଲା । ଏହାସହ ବିଜୁ ପଟ୍ଟନାୟକ ପାର୍କରେ ମଧ୍ୟ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବସିବା ସହିତ ପାନୀୟ ଜଳର ବ୍ୟବସ୍ଥା ହୋଇଥିଲା । ତେବେ ଲୋକେ ବିଭିନ୍ନ ଟ୍ରାଫିକ୍‌ରେ ଛିଡ଼ାହୋଇ ନିର୍ବାଚନ ଫଳାଫଳ ଦେଖିବାକୁ ଉତ୍ସାହିତ ଥିବାବେଳେ ଅଧିକାଂଶ ଟ୍ରାଫିକ୍ ସିଗ୍‌ନାଲରେ କିନ୍ତୁ ଏଲ୍‌ଇଡି ବନ୍ଦ ହୋଇ ପଡ଼ିରହିଥିଲା । ମୁଖ୍ୟତଃ କଳ୍ପନା ଓ ରୂପାଲୀ ଟ୍ରାଫିକ୍‌ରେ ଦିନର ଅଧିକାଂଶ ସମୟ ତାହା ବନ୍ଦ ପଡ଼ିଥିଲା । ସେହିପରି ଆଉ କେତେକ ଟ୍ରାଫିକ୍‌ରେ ମଧ୍ୟ ସମାନ ଅବସ୍ଥା ଥିଲା ।

ବିଡିଏ ଆଇଟିବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ପୂର୍ବରୁ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷମାନେ ସେମାନଙ୍କୁ କିଛି ଜଣାଇ ନ ଥିଲେ । ଗୋଟିଏ ଦିନ ପୂର୍ବରୁ ସେମାନଙ୍କୁ ଜଣାଇଲେ ସେମାନେ କ'ଣ କରିପାରିବେ । ହକି ବିଶ୍ୱକପ୍ ସମୟରେ ଯେଉଁ କେତୋଟି ଏଲ୍‌ଇଡି ଲଗାଯାଇଥିଲା, ସେଥିରେ ପ୍ରସାରଣ କରିବାକୁ ସ୍ଥିର କରାଯିବା ପରେ ସେମାନେ କର୍ମଚାରୀମାନଙ୍କୁ ସେଠାରେ ନିୟୋଜିତ କରି ଆବଶ୍ୟକ ଉପକରଣ ପଠାଇଥିଲେ । କିନ୍ତୁ ଅଧିକାଂଶ ସମୟରେ ଇଣ୍ଟରନେଟ୍ ସଂଯୋଗ ଠିକ୍ ନ ରହିବାରୁ ପ୍ରସାରଣରେ ବାଧା ସୃଷ୍ଟି ହେଲା । ହେଲେ ବିଜୁ ପଟ୍ଟନାୟକ ପାର୍କ ଓ ଲିଙ୍ଗରାଜ ମନ୍ଦିର ନିକଟରେ ଡିସ୍ ଆଣ୍ଟିନା ସହ ଏଲ୍‌ଇଡି ସଂଯୋଗ କରାଯାଇଥିବାରୁ ସେଠାରେ ଲୋକେ ବସି ଫଳାଫଳ ଦେଖିପାରିଲେ । ଏଲ୍‌ଇଡିରେ ଫଳାଫଳ ଦେଖୁଥିବା ଜଣେ ଦର୍ଶକ କମଲ ଚରଣ ଦାସ କହିଥିଲେ, ବିଡିଏ ପକ୍ଷରୁ କରାଯାଇଥିବା ଏହି ବ୍ୟବସ୍ଥା ଅତ୍ୟନ୍ତ ପ୍ରଶଂସନୀୟ । ଭୁବନେଶ୍ୱରରେ ବାସ କରୁଥିବା ଗରିବ ଶ୍ରେଣୀର ଲୋକଙ୍କ ଘରେ ଟେଲିଭିଜନ ନାହିଁ । ସେମାନେ ଏଠାରେ ବସି ନିର୍ବାଚନ ଫଳ ଦେଖିପାରୁଛନ୍ତି, ଯାହାକି ବହୁତ ଭଲ କଥା । ସେହିପରି ବିଜୁ ପଟ୍ଟନାୟକ ପାର୍କକୁ ସାନ୍ଧ୍ୟ ଭ୍ରମଣ ପାଇଁ ଆସିଥିବା କଳ୍ପନାର ଜନ୍ମେଜୟ ଦାସ କହିଥିଲେ, ପାର୍କକୁ ସାଧାରଣତଃ ଆମେ ଜଗିଂ ଓ ବ୍ୟାୟାମ କରିବାକୁ ଆସୁ । କିନ୍ତୁ ସେହି ସମୟ ମଧ୍ୟରେ ପାର୍କରେ ନିର୍ବାଚନ ଫଳ ଜାଣିବାକୁ ପାଇବା ଏକ ସ୍ୱତନ୍ତ୍ର କଥା । ଏକା ସାଙ୍ଗରେ ୨ଟି କାମ ହୋଇଗଲା ଓ ମୋବାଇଲ ଫୋନ୍‌ରେ ଇଣ୍ଟରନେଟ ଆଉ ବ୍ୟାଟେରି ବି ବଞ୍ଚିଗଲା ।

ସୂଚନାଯୋଗ୍ୟ, ବିଡିଏ ପକ୍ଷରୁ କଳ୍ପନା ଛକ, କଳିଙ୍ଗ ହସ୍ପିଟାଲ ଛକ, ରୂପାଲୀ ଛକ, ଲିଙ୍ଗରାଜ ମନ୍ଦିର ଆଦି ନିକଟରେ ସ୍ୱତନ୍ତ୍ର ଭାବେ ୨୦ଫୁଟ୍ ଲମ୍ୱ ଓ ୧୦ଫୁଟ୍ ଓସାରର ଏଲ୍‌ଇଡି ସ୍କ୍ରିନ୍ ଲଗାଯାଇଥିଲା । ଜନସାଧାରଣ ଗୋଟିଏ ସ୍ଥାନରେ ଉପସ୍ଥିତ ରହି କିପରି ନିର୍ବାଚନ ଫଳାଫଳ ଦେଖିପାରିବେ, ସେଥିପ୍ରତି ବିଡିଏ ଧ୍ୟାନ ଦେଇଥିଲା । ତେବେ କେତେକ ସ୍ଥାନରେ ଏଲ୍‌ଇଡି ପ୍ରସାରଣ ମଝିରେ ମଝିରେ ଅଟକିଯାଉଥିଲା । ଏ ସବୁଥିରେ ଏକ ଜାତୀୟ ଗଣମାଧ୍ୟମ ଚ୍ୟାନେଲ ସହ ଦୁଇ ଓଡ଼ିଆ ନ୍ୟୁଜ୍ ଚ୍ୟାନେଲ ଲଗାଯାଇଥିଲା । ସକାଳ ୮ଟାରୁ ଫଳାଫଳ ବାହାରିବା ପର୍ଯ୍ୟନ୍ତ ପ୍ରସାରଣ ଜାରି ରହିଥିଲା ।


ବନ୍ଦ ପଡ଼ିଥିବା ଏଲ୍‌ଇଡି ସ୍କ୍ରିନ୍ ।

ଏନ୍‌ଡିଏର ଏହି ଅଭୂତପୂର୍ବ ବିଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନିଷ୍ପତ୍ତି ନେବାର କ୍ଷମତା ତଥା ତାଙ୍କର ଦିଗଦର୍ଶନକାରୀ ନେତୃତ୍ୱ ପ୍ରତି ଲୋକଙ୍କ ଆସ୍ଥାକୁ ସୂଚାଉଛି।

—ସୁନୀଲ ଭାରତୀ ମିତ୍ତଲ, ଚେୟାରମ୍ୟାନ, ଭାରତୀ ଏଣ୍ଟରପ୍ରାଇଜର୍ସ



ଏନ୍‌ଡିଏର ପ୍ରଥମ ସରକାର ୫ ବର୍ଷିୟା ଆର୍ଥିକ ନୀତି ଆପଣାଇ ସଫଳ ହୋଇଛି। ଏହାକୁ ଦେଶବାସୀ ଗ୍ରହଣ କରିନେଇଛନ୍ତି, ଯାହା କି ନିର୍ବାଚନ ଫଳାଫଳରୁ ବେଶ୍ ସ୍ପଷ୍ଟ।

—କିରଣ ମଜୁମଦାର ଶ', ବାୟୋକନ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ



# ଅଭିବୃଦ୍ଧିରେ ସହାୟକ ସ୍ଥିର ସରକାର:ଶିଳ୍ପ ଜଗତ

- ପୁଞ୍ଜି ଆଗମନ ବୃଦ୍ଧି ଆଶା
- ବୃହତ୍ ଶିଳ୍ପର କର୍ପୋରେଟ ଟିକସ କମାଇବା ଦାବି
- ସଂସ୍କାର ଧାରା ଜାରି ରହିବ

ନୂଆଦିଲ୍ଲୀ,୨୩-୫

ଦେଶରେ ସ୍ଥିର ସରକାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ସେହିଭଳି ଘରୋଇ ବଜାରକୁ ବିଦେଶୀ ପୁଞ୍ଜି ଆଗମନରେ ଏହା ସହାୟକ ହେବ। କେନ୍ଦ୍ରରେ ଏନ୍‌ଡିଏ ସରକାର ଆସୁଥିବା ବେଳେ ଶିଳ୍ପଜଗତ ପକ୍ଷରୁ ଏଭଳି ମତ ପ୍ରକାଶ ପାଇଛି। ପ୍ରତିଷ୍ଠିତ ଶିଳ୍ପପତି ତଥା ଗୋଦରେଜ ଗ୍ରୁପର ଚେୟାରମ୍ୟାନ ଆଦି ଗୋଦରେଜ କହିଛନ୍ତି, ଦେଶର ଜିଡିପି ଅଭିବୃଦ୍ଧି ଲାଗି ନୂଆ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାର ଆଶା ରହିଛି। ଏହାବାଦ କର୍ପୋରେଟ ଟିକସ କ୍ଷେତ୍ରରେ ସରକାର ବିଚାର କରିବାର ଆବଶ୍ୟକତା ରହିଛି। ଭାରତର କର୍ପୋରେଟ ଟିକସ ବିଶ୍ୱର ସର୍ବୋଚ୍ଚ ସ୍ତରରେ ରହିଛି। ଏଥିରେ ହ୍ରାସ ହେବାର ଆବଶ୍ୟକତାକୁ ଉପଲବ୍ଧି କରିବା ଉଚିତ୍। ସରକାର କର୍ପୋରେଟ ଟିକସକୁ ୨୫%କୁ ହ୍ରାସ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଗୋଦରେଜ କହିଛନ୍ତି। ଛୋଟ ଛୋଟ କମ୍ପାନୀଗୁଡିକ ଲାଗି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଏହି ଦିଗରେ ଅନ୍ୟାନ୍ୟ ବିଭିନ୍ନ ପଦକ୍ଷେପ ନେବାର ଆବଶ୍ୟକତା ରହିଥିବା ସେ କହିଛନ୍ତି।

ସେହିଭଳି ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିଆ ମଧ୍ୟ ଘରୋଇ ବଜାର ଅଭିବୃଦ୍ଧି ଲାଗି ନୀତି ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ସଂସ୍କାର ଧାରା ଜାରି ରଖିବା ଆବଶ୍ୟକ। ବାଣିଜ୍ୟ ଏବଂ ଉଦ୍ୟୋଗୀଙ୍କ ଲାଗି ସୁସ୍ଥ ବାତାବରଣ ଏବଂ ନିଯୁକ୍ତି ସୃଷ୍ଟି ଉପରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ପାନଗାରିଆ ଟୁଇଟ ଯୋଗେ କହିଛନ୍ତି।

ବିଏସ୍‌ଇ ମେମ୍ବର ରମେଶ ଦମାନୀ କହିଛନ୍ତି ଯେ, ଘରୋଇ ବଜାରରେ ଆଗାମୀ ଦିନରେ ଅଧିକ ବିଦେଶୀ ପୁଞ୍ଜି ଆଗମନ ଘଟିବ। ଘରୋଇ ବଜାରରେ ଅନେକ ଭଲ ନିବେଶକାରୀ କମ୍ପାନୀ ରହିଥିବା ବେଳେ ଏହି ଧାରାରେ ଉନ୍ନତି ଆସିବ ବୋଲି ଦମାନୀ କହିଛନ୍ତି। ନିର୍ବାଚନ ଯୋଗୁ ଗତ ୬ ମାସ ଧରି ଅନେକ ଡିଲ୍ ଅସମ୍ପୂର୍ଣ୍ଣ ସ୍ଥିତିରେ ରହିଛି। ଏହି ଧାରାରେ ପରିବର୍ତ୍ତନ ଆସିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିଭଳି ଏଫଡିଆଇ ଆକୃଷ୍ଟ କରିବାରେ ଭାରତ ସ୍ଥାନ ଉଲ୍ଲେଖନୀୟ ରହିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ହ । ଉ ସ ଅଫ୍ ହୀରା ନନ୍ଦାନିର ପ୍ରତିଷ୍ଠାତା ସୁରେନ୍ଦ୍ର ହୀରାନନ୍ଦାନି କହିଛନ୍ତି, ସ୍ଥିର ସରକାର ରିୟଲ ଇଷ୍ଟେଟ କ୍ଷେତ୍ର ଅଭିବୃଦ୍ଧିରେ ସହାୟକ ହେବ। ସେହିଭଳି ନିବେଶ ଏବଂ ନିଯୁକ୍ତିକୁ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

# ୪୦ ହଜାର ସ୍ତର ଛୁଇଁ ଖସିଲା ସେନ୍‌ସେକ୍ସ

ମୁମ୍ବାଇ,୨୩-୫

ସାତଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଶେଷ ହେବା ପରେ ଗୁରୁବାର ଗଣନା ଆରମ୍ଭ ହୋଇଥିଲା। ଏନ୍‌ଡିଏ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ଯାଉଥିବା ମନେହେବା ପରେ ମୁମ୍ବାଇ ଷ୍ଟକ୍ ଏକ୍ସଚେଞ୍ଜରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ପ୍ରଥମଥର ୪୦ ହଜାରର ଐତିହାସିକ ସ୍ତର ଅତିକ୍ରମ କରିଥିଲା। ପୂର୍ବାହ୍ନରେ ସେନ୍‌ସେକ୍ସ ରେକର୍ଡ ୪୦,୧୨୪.୯୬ ସ୍ତରରେ ପହଞ୍ଚିଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜରେ ନିଫ୍ଟି ବୃଦ୍ଧି ପାଇ ୧୨,୦୪୧.୧୫ ହୋଇଥିଲା। ମୋଦି ସରକାର ପୁନର୍ବାର କ୍ଷମତାକୁ ଫେରୁଥିବା ମନେକରି ନିବେଶକମାନେ ଆଶ୍ୱସ୍ତ ହୋଇ ଷ୍ଟକ୍ ମାର୍କେଟରେ ଅଧିକ ନିବେଶ କରୁଥିବା ପରିଲକ୍ଷିତ ହୋଇଥିଲା। ତେବେ ଦିନର ଶେଷାର୍ଦ୍ଧରେ ନିବେଶକମାନେ ଲାଭ ଉଠାଇବା ଶ୍ରେୟସ୍କର ମନେ କରି ବିକ୍ରି ଜାରି ରଖିବାରୁ ବଜାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସ ୨୯୮.୮୨ ପଏଣ୍ଟ ହ୍ରାସ ପାଇ ୩୮,୮୧୧.୩୯ରେ ପହଞ୍ଚିଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୮୦.୮୫ ପଏଣ୍ଟ କମିଥିଲା ଏବଂ ଶେଷରେ ୧୧,୬୫୭.୦୫ରେ ବନ୍ଦ ହୋଇଥିଲା। ବଜାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସର ୧୫ ଶେୟାର ବଢ଼ିଥିବା ବେଳେ ୧୬ ହ୍ରାସ ପାଇଥିଲା। ଅନୁରୂପ ଭାବେ ନିଫ୍ଟିରେ ୨୩ ଶେୟାର ବୃଦ୍ଧି ପାଇଥିବାବେଳେ ୨୭ ହ୍ରାସ ପାଇଥିଲା। ବିଶେଷକରି ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଅଧିକ ନିବେଶ ହେଉଥିବାର ଦେଖାଯାଇଛି। ଏହାବ୍ୟତୀତ ଅଟୋମୋବାଇଲ କମ୍ପାନୀ ଶେୟାର ପ୍ରତି ସେମାନଙ୍କ ଆଗ୍ରହ ଥିବା ମନେହେଉଛି। ବିଏସ୍‌ଇରେ ବିଶେଷକରି ଇଣ୍ଡସଇଣ୍ଡ ବ୍ୟାଙ୍କ(୫.୨୩%), କୋଲ୍ ଇଣ୍ଡିଆ(୧.୫୬%), ପାୱାରଗ୍ରୀଡ(୧.୨୯%), ୟେସ୍ ବ୍ୟାଙ୍କ(୧.୫୩%), ହିରୋ ମୋଟୋକର୍ପ(୧.୫୧%) ବୃଦ୍ଧି ପାଇଛି। ତେବେ ବେଦାନ୍ତ ଲିମିଟେଡ ଶେୟାର ୫.୫୩%, ଆଇଟିସି ୩.୬୯%,ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୨.୯୪%, ଟାଟା ମୋଟର୍ସ୨.୪୮% ଏବଂ ବଜାଜ ଫାଇନାନ୍ସ ୨.୦୨% ଶୀର୍ଷ ଶେୟାର ଭାବେ ହ୍ରାସ ପାଇଛି।




## ନିବେଶକଙ୍କ ୨.୮୭ଲକ୍ଷ କୋଟି ଲାଭ

ଏନ୍‌ଡିଏ ସରକାର ପୁନର୍ବାର କ୍ଷମତାକୁ ଫେରିବା ଖୁସିରେ ଗୁରୁବାର ପୂର୍ବାହ୍ନରେ ଷ୍ଟକ୍ ମାର୍କେଟରେ ସେନ୍‌ସେକ୍ସ ୪୦ ହଜାର ଏବଂ ନିଫ୍ଟି ୧୨ ହଜାର ପଏଣ୍ଟ ପାର୍ କରିଥିଲା। ଏହା ଏକ ଐତିହାସିକ ଉପଲବ୍ଧି ଥିଲା। ଏଥିଯୋଗୁ ନିବେଶକ ୨.୮୭ ଲକ୍ଷ କୋଟି ଟଙ୍କା ଲାଭ କରିଛନ୍ତି।

## ୫ବର୍ଷରେ ସମ୍ପତ୍ତି ବଢ଼ିଛି ୭୫ ଲକ୍ଷ କୋଟି

ଏନ୍‌ଡିଏ ୨୦୧୪ରୁ କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ଷ୍ଟକ୍ ମାର୍କେଟ ସମ୍ପତ୍ତି ୭୫.୨୫ ଲକ୍ଷ କୋଟି ଟଙ୍କା ବଢ଼ିଛି। ଏହି ସମୟରେ ବେଞ୍ଚମାର୍କ ସେନ୍‌ସେକ୍ସ ୬୧ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୪ ମେ ୧୬ରୁ ଆଜି ସୁଦ୍ଧା ସେନ୍‌ସେକ୍ସ ୧୪,୬୮୯.୬୫ ଅର୍ଥାତ୍ ୬୦.୮୯ ପଏଣ୍ଟ ବୃଦ୍ଧି ପାଇଛି। ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜି ୭୫ ଲକ୍ଷ କୋଟି ଟଙ୍କାରୁ ବଢ଼ି ୧୫୦.୨୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବଜାର ବନ୍ଦ ହେବା ବେଳକୁ ତାଲିକାଭୁକ୍ତ କମ୍ପାନୀଙ୍କ ବଜାର ମୂଲ୍ୟ ୧,୫୦,୨୫,୧୭୫.୪୯ କୋଟି ଟଙ୍କା ଥିଲା।

## ୪୨ ହଜାର ଟପିବ : ରଏଟର୍ସ ପୋଲ୍

ଏନ୍‌ଡିଏ ସରକାର ପୁନର୍ବାର କ୍ଷମତାକୁ ଫେରୁଥିବାରୁ ନିବେଶକଙ୍କ ଭରସା ବଢ଼ିଛି ଏବଂ ଚଳିତ ଆର୍ଥିକ ବର୍ଷରେ ସେନ୍‌ସେକ୍ସ ୪୨ ହଜାର ପଏଣ୍ଟ ଟପିଯିବ ବୋଲି ରୟଟର୍ସ ପୋଲ୍‌ରୁ ସ୍ପଷ୍ଟ ହୋଇଛି। ପ୍ରାୟ ୫୦ ଜଣେ ଆର୍ଥିକ ବିଶେଷଜ୍ଞଙ୍କ ମତାମତ ଆଧାରରେ ହୋଇଥିବା ଏହ ପୋଲ୍‌ରେ କୁହାଯାଇଛି ଯେ, ମୋଦି ସରକାର ପୁନର୍ବାର କ୍ଷମତାକୁ ଆସିଥିବାରୁ ଚଳିତବର୍ଷ ଶେଷ ସୁଦ୍ଧା ଷ୍ଟକ୍ ବଜାର ୮% ପର୍ଯ୍ୟନ୍ତ ବଢ଼ିବ।

## ସେନ୍‌ସେକ୍ସ ୪୫ହଜାର ଛୁଇଁବ: ମୋର୍ଗାନ ଷ୍ଟାନ୍‌ଲେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରଙ୍କୁ ଦେଶବାସୀ ପୁନର୍ବାର ଭାରି ବହୁମତରେ ଜିତାଇଛନ୍ତି। ନୂଆ ସରକାରରେ ଦେଶର ଅର୍ଥନୀତିରେ ବିରାଟ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଆଶାକରାଯାଉଛି। ତେଣୁ ସେହି ଦୃଷ୍ଟିରୁ ଦେଖିଲେ ୨୦୨୦ ଜୁନ୍ ସୁଦ୍ଧା ସେନ୍‌ସେକ୍ସ ୪୫ ହଜାର ପଏଣ୍ଟ ଛୁଇଁବ ବୋଲି ଆଶାକରାଯାଉଛି ବୋଲି ମୋର୍ଗାନ ଷ୍ଟାନ୍‌ଲି ଏହାର ରିପୋର୍ଟରେ ଦର୍ଶାଇଛି। ଏଥିରେ କୁହାଯାଇଛି ଯେ, ସରକାରଙ୍କ ଅଭିବୃଦ୍ଧି ଧାରା ଉପରେ ଏବେ ବଜାରର ଦୃଷ୍ଟି ରହିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ସରକାରଙ୍କ ଆର୍ଥିକ ନୀତିକୁ ଗ୍ରହଣ କରି ସେହି ଅନୁସାରେ ମୁଦ୍ରାନୀତି ଆପଣାଇବ ବୋଲି ଆଶାକରାଯାଉଛି। ପ୍ରଶାସନିକ ସ୍ତରରେ ଧାରାବାହିକତା ବଜାୟ ରହିବ ବୋଲି ରିପୋର୍ଟରେ ଆଶାବ୍ୟକ୍ତ କରାଯାଇଛି। ତେବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର, ଆମେରିକା ଫେଡ଼େରାଲ ରିଜର୍ଭର ମୁଦ୍ରାନୀତି, ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ଷ୍ଟକ୍ ବଜାରର ଦିଗ ନିର୍ଣ୍ଣୟ କରିବ ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି।

# ଏନ୍‌ଡିଏର କ୍ଷମତା ପ୍ରତ୍ୟାବର୍ତ୍ତନରେ ସହାୟକ ଆର୍ଥିକ ନୀତି

**ସାଧାରଣ ନିର୍ବାଚନର ଗଣନାରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପୁଣି ଥରେ କ୍ଷମତାକୁ ଫେରିବେ। ନିଜ କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେତେକ ଆର୍ଥିକ ଯୋଜନା ଘୋଷଣା କରିଥିଲେ। ଏଥିଯୋଗୁ ସରକାର କ୍ଷମତା ଫେରିପାଇଥିବା କୁହାଯାଉଛି। ସେଗୁଡ଼ିକ ହେଲା..**

**୫ ଲକ୍ଷ ପର୍ଯ୍ୟନ୍ତ ଆୟକର ଛାଡ଼:** ଚଳିତ ବର୍ଷର ଅନ୍ତରୀଣ ବଜେଟ୍‌ରେ ମଧ୍ୟବିତ୍ତଙ୍କୁ ଟିକସ କ୍ଷେତ୍ରରେ ଖୁସି କରିବାକୁ ଯାଇ କେନ୍ଦ୍ର ସରକାର ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସମୁକ୍ତ ଘୋଷଣା କଲେ। ମଧ୍ୟବିତ୍ତ ପରିବାର ଭୋଟ୍ ଆକାରରେ ଏହାକୁ ଏନ୍‌ଡିଏ ସରକାରଙ୍କୁ ଫେରାଇ ଦେଇଥିବା କୁହାଯାଉଛି।

**ମୁଦ୍ରା ଯୋଜନା:**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମୁଦ୍ରା ଯୋଜନା ଅଧୀନରେ ବ୍ୟବସାୟ ଆରମ୍ଭ କରିବା ଲାଗି ସରକାର ପ୍ରତ୍ୟେକ ବ୍ୟକ୍ତିଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାର ବ୍ୟବସ୍ଥା କଲେ। ତେବେ ଏହି ଯୋଜନାର ସୁଧ ହାର ନିଶ୍ଚିତ ନ ଥିଲା। ତେଣୁ ରିଜର୍ଭ ବ୍ୟାଙ୍କ ମାନଦଣ୍ଡ ଅନୁଯାୟୀ ବ୍ୟାଙ୍କଗୁଡ଼ିକ ଭିନ୍ନ ଭିନ୍ନ ସୁଧ ହାର ନେଲେ। ଏହି ଯୋଜନାରେ ମିଳିଥିବା ଋଣରୁ ଲୋକେ ଫାଇଦା ଉଠାଇଲେ ଏବଂ ନିଜର ବ୍ୟବସାୟ ସ୍ଥାପନ କଲେ।

**ସୁକନ୍ୟା ସମୃଦ୍ଧି ଯୋଜନା:**କନ୍ୟାଙ୍କ ଶିକ୍ଷା ଏବଂ ସେମାନଙ୍କ ବିବାହ ଲାଗି ସଞ୍ଚୟ କରିବା ଉଦ୍ଦେଶ୍ୟରେ ସରକାର ସୁକନ୍ୟା ସମୃଦ୍ଧି ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ୮% ସୁଧ ପ୍ରଦାନ କରାଯାଉଛି।

**ଆୟୁଷ୍ମାନ ଯୋଜନା:**କେନ୍ଦ୍ର ସରକାର ୨୦୧୮ ସେପ୍ଟେମ୍ବର ୨୫ରେ ପ୍ରଧାନମନ୍ତ୍ରୀ ଜନଔଷଧି ଯୋଜନା(ପିଏମ୍‌ଜେୱାଇଏମ୍) ବା ଆୟୁଷ୍ମାନ ଭାରତ ଯୋଜନା ଆରମ୍ଭ କରିଥିଲେ। ଏହା ଅଧୀନରେ ଦେଶର ୧୦ କୋଟିରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୫୦ କୋଟି ଲୋକଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ଲେଖାଏ ସ୍ୱାସ୍ଥ୍ୟ ବୀମା ଉପଲବ୍ଧ କରାଯାଉଛି।

**ଉଜ୍ଜ୍ୱଳା ଯୋଜନା:**ସରକାର ସବୁ ଗରିବ ପରିବାରକୁ ନିଃଶୁଳ୍କ ଏଲ୍‌ପିଜି ସଂଯୋଗ ଦେବା ଲାଗି ଆରମ୍ଭ କରାଯାଇଥିଲା ଉଜ୍ଜ୍ୱଳା ଯୋଜନା। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ମହିଳାଙ୍କ ନାମରେ ସରକାର ମାଗଣାରେ ରୋଷେଇ ଗ୍ୟାସ୍ ସଂଯୋଗ ଦେଉଛନ୍ତି।

**ଚାଷୀଙ୍କ ଖାତାରେ ସହାୟତା:** ଚଳିତ ବର୍ଷର ଅନ୍ତରୀଣ ବଜେଟରେ କ୍ଷୁଦ୍ର ଓ ମଧ୍ୟମ ବର୍ଗର ଚାଷୀଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କେନ୍ଦ୍ର ସରକାର ପ୍ରତ୍ୟେକ ଚାଷୀଙ୍କ ଖାତାରେ ପ୍ରତିବର୍ଷ ତିନୋଟି କିସ୍ତିରେ ୬ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ପୂର୍ବରୁ ୨ଟି କିସ୍ତି ଟଙ୍କା ପ୍ରଦାନ କରାଯାଇଥିଲା। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏକ ମାଷ୍ଟର ଷ୍ଟ୍ରୋକ୍ ଥିଲା।

# ନୂଆ ସରକାରଙ୍କ ନୀତିରେ ହେବ ରେଟିଙ୍ଗ୍‌ସ: ମୁଡିଜ୍

ନୂଆଦିଲ୍ଲୀ,୨୩-୫

କେନ୍ଦ୍ରରେ ନୂଆ ସରକାର ନେବାକୁ ଥିବା ଆର୍ଥିକ ନୀତି ଉପରେ ଭାରତର ରେଟିଙ୍ଗ୍‌ସ ନିର୍ଭର କରିବ ବୋଲି କ୍ରେଡିଟ୍ ରେଟିଙ୍ଗ୍ ଏଜେନ୍ସି ମୁଡିଜ୍ ପକ୍ଷରୁ ଗୁରୁବାର ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଭାରତ ବିତ୍ତୀୟ ଦୃଢ଼ିକରଣ ଉପରେ ଅଧିକ ଜୋର୍ ଦେବ ବୋଲି ରିପୋର୍ଟରେ ଆଶାବ୍ୟକ୍ତ କରାଯାଇଛି। ମୁଡିଜ ଇନ୍‌ଭେଷ୍ଟର ସର୍ଭିସ୍ ଭାଇସ୍ ପ୍ରେସିଡେଣ୍ଟ ୱିଲିୟମ ଫଷ୍ଟରକ କହିଛନ୍ତି ଯେ, ନୂଆ ସରକାର ଆସିବା ପରେ ଦେଶର ଆର୍ଥିକ ନୀତି ନୂତନ ଭାବେ ପ୍ରସ୍ତୁତ କରାଯିବ। ନିମ୍ନ ଆୟବର୍ଗଙ୍କ ଆୟ ବୃଦ୍ଧି ସହ ବିତ୍ତୀୟ ସମାବେଶ କରିବା ସରକାରଙ୍କ ମୁଖ୍ୟ କାର୍ଯ୍ୟ ହେବା ଉଚିତ୍ ହେବ ବୋଲି ଫଷ୍ଟର କହିଛନ୍ତି।

Food Corporation of India, Regional Office, Bhubaneswar
TENDER NO : QC-15(2)/2019-20 DATED : 23.05.2019
TENDER NOTICE
FCI RO, Bhubaneswar invites online tender under Two Bid System for RRC for supply of Deltamethrin 2.5% W.P., from Manufacturers and Authorized Suppliers. The period of RRC is for one year extendable for a further period up to 3 months at the sole discretion of FCI on the same rates, terms & conditions.
A. Last date for submission of Bid on : 14.06.2019 up to 03.00 P.M
B. Bid opening date on : 15.06.2019 at 03.00 P.M
The tender documents & other details are available on the website https://eprocure.gov.in/eprocure/app and www.fci.gov.in from 03.00 PM on 24.05.2019 up to 03.00 PM on 14.06.2019.
GENERAL MANAGER

idco Your power to grow · ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR.
Tender Call Notice No. H.O./P&C/EST-E-1281/04/2019 - 9169 Date: 22.05.2019
NOTICE INVITING TENDER THROUGH e-Procurement
Name of the Work : Construction of Road no.-2 (Balance 480mtr length) & Road no.-7 of 18.00 mtr & 530 mtr length. 5 nos. of 1000 mm dia double row H.P. culverts at Ramdaspur, I.E., Baranga, Cuttack.
Estimated cost : Rs. 208.36 lakh (apprx.)
Period of completion : 09 (nine) calendar months

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id. No. PC-EST-E- 01 / 2019-20 | 24.05.2019 at 10.00 hrs. | 11.06.2019 upto 17.00 hrs. |

Further details can be seen from the e - Procurement Portal. www.tendersorissa.gov.in and Corrigendum if any will not be published in news papers and can only be seen in the e-procurement portal www.tenderorissa.gov.in and IDCO Website www.idco.in
Sd/-
Chief General Manager (P&C)
IDCO, Bhubaneswar

କୃଷକମାନଙ୍କ ପାଇଁ ବିଶେଷ ସୂଚନା No.L-03

ରବି ୨୦୧୮-୧୯ର ଅମଳ ଅଣଧାନ ଶସ୍ୟ ଯଥା -
ମୁଗ, ବିରି, ଚିନାବାଦାମ ଓ ସୂର୍ଯ୍ୟମୁଖୀ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ନିକଟରୁ କ୍ରୟ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ଓଡ଼ିଶାର ସମସ୍ତ ଚାଷୀଭାଇମାନଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଅଛି କି ଯେ ୨୦୧୮-୧୯ ବର୍ଷ ରବି ଋତୁରେ ଅମଳ କରାଯାଉଥିବା ଅଣଧାନ ଡାଲି ଓ ତୈଳବୀଜ ଜାତୀୟ ଶସ୍ୟ ଯଥା - ମୁଗ, ବିରି, ଚିନାବାଦାମ ଓ ସୂର୍ଯ୍ୟମୁଖୀର ଅଭାବି ବିକ୍ରିକୁ ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ମାର୍କଫେଡ଼ ମାଧ୍ୟମରେ ନିକଟସ୍ଥ ସମବାୟ ସମିତି (PACS/ LAMPCS) ଦ୍ୱାରା ସରକାରଙ୍କ ନିମ୍ନୋକ୍ତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ନିକଟରୁ ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟ କ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଅଛି । ଏହି କାର୍ଯ୍ୟକ୍ରମ ଚଳିତ ମାସ ତା୨୪.୦୫.୨୦୧୯ରୁ ଆରମ୍ଭ ହେବ ଓ ମୁଗ, ବିରି ନିମନ୍ତେ ତା୨୨.୦୭.୨୦୧୯ ଓ ଚିନାବାଦାମ ଓ ସୂର୍ଯ୍ୟମୁଖୀ ନିମନ୍ତେ ତା୨୭.୦୭.୨୦୧୯ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହା ରାଜ୍ୟର ୩୦ ଗୋଟି ଜିଲ୍ଲାରେ ଚାଷୀମାନଙ୍କ ଠାରୁ କ୍ରୟ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଅଛି ।

| ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟର କ୍ୱିଣ୍ଟାଲ ପ୍ରତି ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ (ଟଙ୍କାରେ) | | | |
|---|---|---|---|
| ମୁଗ | ୬୯୭୫ ଟଙ୍କା | ଚିନାବାଦାମ | ୪୮୯୦ ଟଙ୍କା |
| ବିରି | ୫୬୦୦ ଟଙ୍କା | ସୂର୍ଯ୍ୟମୁଖୀ | ୫୩୮୮ ଟଙ୍କା |

ଯେଉଁ ଚାଷୀଭାଇମାନଙ୍କ ନିକଟରେ ଉପରୋକ୍ତ ଶସ୍ୟ ବଳକା ରହିଅଛି ସେମାନେ ନିକଟସ୍ଥ ଗ୍ରାମ୍ୟ କୃଷି କର୍ମଚାରୀ / କୃଷି ଅଧିଦର୍ଶକଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଜମିର ଦସ୍ତାବିଜ, ଫଟୋ ପରିଚୟପତ୍ର ଓ ବ୍ୟାଙ୍କ ଖାତାର ନକଲ ଦାଖଲ କରି ନିଜ ନାମ ନିକଟସ୍ଥ ସମବାୟ ସମିତି (PACS/ LAMPCS)ରେ ପଞ୍ଜିକୃତ କରି ଏହି ସୁବିଧାର ଲାଭ ନିଅନ୍ତୁ । ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ବ୍ଲକ୍ / ଜିଲ୍ଲାର ସହକାରୀ କୃଷି ଅଧିକାରୀ / ଜିଲ୍ଲା କୃଷି ଅଧିକାରୀ / କୃଷି ଉପ ନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ ପାଇଁ ଅନୁରୋଧ ।

01034/11/0003/1920 କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

ଗୁରୁତ୍ୱପୂର୍ଣ୍ଣ ସୂଚନା

ଭାରତୀୟ ରେଳ • INDIAN RAILWAYS

କପିଳାସ ରୋଡ଼ ଏବଂ ଶାଳଗାଁ ଷ୍ଟେସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିରାପତ୍ତା ସମ୍ପର୍କିତ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ ଚଳାଚଳ ବାତିଲ୍ / ମାର୍ଗ ପରିବର୍ତ୍ତନ

ଟ୍ରେନ୍ ଚଳାଚଳ ବାତିଲ : ତା. 25.05.2019 ଠାରୁ 31.05.2019ରିଖ ପର୍ଯ୍ୟନ୍ତ

| ଟ୍ରେନ୍ ନଂ. | ଟ୍ରେନ୍ ର ନାମ | ଷ୍ଟେସନ ଠାରୁ | ଟ୍ରେନ୍ ନଂ. | ଟ୍ରେନ୍ ର ନାମ | ଷ୍ଟେସନ ଠାରୁ |
|---|---|---|---|---|---|
| 58005 | ଖଡ଼ଗପୁର-ଖୋର୍ଦ୍ଧା ରୋଡ଼ ପାସେଞ୍ଜର (ରବିବାର ବ୍ୟତୀତ) | ଖଡ଼ଗପୁର | 58423 | ଭଦ୍ରକ-କଟକ ପାସେଞ୍ଜର | ଭଦ୍ରକ |
| 58006 | ଖୋର୍ଦ୍ଧା ରୋଡ଼-ଖଡ଼ଗପୁର ପାସେଞ୍ଜର (ରବିବାର ବ୍ୟତୀତ) | ଖୋର୍ଦ୍ଧା ରୋଡ଼ | 58436 | କଟକ-ଭଦ୍ରକ ପାସେଞ୍ଜର | କଟକ |
| 58001 | ସାନ୍ତାଗାଛି-ପୁରୀ ପାସେଞ୍ଜର | ସାନ୍ତାଗାଛି | 58435 | ଭଦ୍ରକ-କଟକ ପାସେଞ୍ଜର | ଭଦ୍ରକ |
| 58002 | ପୁରୀ-ସାନ୍ତାଗାଛି ପାସେଞ୍ଜର | ପୁରୀ | 58425 | କେନ୍ଦୁଝରଗଡ଼-ଭୁବନେଶ୍ୱର ପାସେଞ୍ଜର | କେନ୍ଦୁଝରଗଡ଼ |
| 58132 | ପୁରୀ-ରାଉରକେଲା ପାସେଞ୍ଜର | ପୁରୀ | 58426 | ଭୁବନେଶ୍ୱର-କେନ୍ଦୁଝରଗଡ଼ ପାସେଞ୍ଜର | ଭୁବନେଶ୍ୱର |
| 58131 | ରାଉରକେଲା-ପୁରୀ ପାସେଞ୍ଜର | ରାଉରକେଲା | 68413 | ତାଳଚେର-ପୁରୀ ମେମୁ | ତାଳଚେର |
| 58424 | କଟକ-ଭଦ୍ରକ ପାସେଞ୍ଜର | କଟକ | 68414 | ପୁରୀ-ତାଳଚେର ମେମୁ | ପୁରୀ |

କଟକ ଷ୍ଟେସନ ପରିବର୍ତ୍ତେ ନରାଜ ମାର୍ଥାପୁର ହୋଇ ପରିବର୍ତ୍ତିତ ମାର୍ଗରେ ଟ୍ରେନ୍ ଚଳାଚଳ

| ଟ୍ରେନ୍ ନଂ. | ଟ୍ରେନ୍ ର ନାମ | ଷ୍ଟେସନ୍ ଠାରୁ | ଛାଡ଼ିବା ତାରିଖ | ପରିବର୍ତ୍ତିତ ମାର୍ଗ |
|---|---|---|---|---|
| 22201 | ସିଆଲଦା-ପୁରୀ ଦୁରୋନ୍ତୋ ଏକ୍ସପ୍ରେସ୍ | ସିଆଲଦା | 27.05.2019 ଏବଂ 29.05.2019 | କଟକ |
| 12281 | ଭୁବନେଶ୍ୱର-ନୂଆ ଦିଲ୍ଲୀ ଦୁରୋନ୍ତୋ ଏକ୍ସପ୍ରେସ୍ | ଭୁବନେଶ୍ୱର | 29.05.2019 | କଟକ |
| 12282 | ନୂଆ ଦିଲ୍ଲୀ-ଭୁବନେଶ୍ୱର ଦୁରୋନ୍ତୋ ଏକ୍ସପ୍ରେସ୍ | ନୂଆ ଦିଲ୍ଲୀ | 30.05.2019 | କଟକ |
| 12880 | ଭୁବନେଶ୍ୱର-ଲୋକମାନ୍ୟ ତିଲକ ଟର୍ମିନସ୍ ଏକ୍ସପ୍ରେସ୍ | ଭୁବନେଶ୍ୱର | 27.05.2019 ଏବଂ 30.05.2019 | ନରାଜ ମାର୍ଥାପୁର |
| 12879 | ଲୋକମାନ୍ୟ ତିଲକ୍ ଟର୍ମିନସ୍-ଭୁବନେଶ୍ୱର ଏକ୍ସପ୍ରେସ୍ | ଲୋକମାନ୍ୟ ତିଲକ୍ ଟର୍ମିନସ୍ | 29.05.2019 | ନରାଜ ମାର୍ଥାପୁର |
| 22866 | ପୁରୀ-ଲୋକମାନ୍ୟ ତିଲକ୍ ଟର୍ମିନସ୍ ଏକ୍ସପ୍ରେସ୍ | ପୁରୀ | 28.05.2019 | ନରାଜ ମାର୍ଥାପୁର |
| 22865 | ଲୋକମାନ୍ୟ ତିଲକ୍ ଟର୍ମିନସ୍-ପୁରୀ ଏକ୍ସପ୍ରେସ୍ | ଲୋକମାନ୍ୟ ତିଲକ୍ ଟର୍ମିନସ୍ | 30.05.2019 | ନରାଜ ମାର୍ଥାପୁର |
| 12145 | ଲୋକମାନ୍ୟ ତିଲକ୍ ଟର୍ମିନସ୍-ପୁରୀ ଏକ୍ସପ୍ରେସ୍ | ଲୋକମାନ୍ୟ ତିଲକ୍ ଟର୍ମିନସ୍ | 26.05.2019 | ନରାଜ ମାର୍ଥାପୁର |
| 12146 | ପୁରୀ-ଲୋକମାନ୍ୟ ତିଲକ୍ ଟର୍ମିନସ୍ ଏକ୍ସପ୍ରେସ୍ | ପୁରୀ | 28.05.2019 | ନରାଜ ମାର୍ଥାପୁର |
| 18425 | ପୁରୀ-ଦୁର୍ଗ ଏକ୍ସପ୍ରେସ୍ | ପୁରୀ | 27.05.2019 ରୁ 31.05.2019 | ନରାଜ ମାର୍ଥାପୁର |
| 18426 | ଦୁର୍ଗ-ପୁରୀ ଏକ୍ସପ୍ରେସ୍ | ଦୁର୍ଗ | 26.05.2019 ରୁ 30.05.2019 | ନରାଜ ମାର୍ଥାପୁର |
| 18452 | ପୁରୀ-ହଟିଆ ତପସ୍ୱିନୀ ଏକ୍ସପ୍ରେସ୍ | ପୁରୀ | 27.05.2019 ରୁ 31.05.2019 | ନରାଜ ମାର୍ଥାପୁର |
| 18451 | ହଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍ | ହଟିଆ | 26.05.2019 ରୁ 30.05.2019 | ନରାଜ ମାର୍ଥାପୁର |
| 18117 | ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ୍ | ରାଉରକେଲା | 26.05.2019 ରୁ 30.05.2019 | ନରାଜ ମାର୍ଥାପୁର |
| 18118 | ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ | ଗୁଣୁପୁର | 27.05.2019 ରୁ 30.05.2019 | ନରାଜ ମାର୍ଥାପୁର |
| 08026 | ସମ୍ବଲପୁର-ଶାଲିମାର ତ୍ରି ସାପ୍ତାହିକ ସ୍ୱତନ୍ତ୍ର | ସମ୍ବଲପୁର | 28.05.2019 ଏବଂ 30.05.2019 | ଝାରସୁଗୁଡ଼ା |
| 08025 | ଶାଲିମାର-ସମ୍ବଲପୁର ତ୍ରି ସାପ୍ତାହିକ ସ୍ୱତନ୍ତ୍ର | ଶାଲିମାର | 27.05.2019 ଏବଂ 29.05.2019 | ଝାରସୁଗୁଡ଼ା |
| 06009 | ସାନ୍ତାଗାଛି-ପୁଡୁଚେରୀ ସାପ୍ତାହିକ ସ୍ୱତନ୍ତ୍ର | ସାନ୍ତାଗାଛି | 27.05.2019 | କଟକ |
| 06058 | ଚେନ୍ନାଇ ସେଣ୍ଟ୍ରାଲ ସାନ୍ତାଗାଛି ସ୍ୱତନ୍ତ୍ର | ଚେନ୍ନାଇ ସେଣ୍ଟ୍ରାଲ | 29.05.2019 | କଟକ |
| 06057 | ସାନ୍ତାଗାଛି-ଚେନ୍ନାଇ ସେଣ୍ଟ୍ରାଲ ସ୍ୱତନ୍ତ୍ର | ସାନ୍ତାଗାଛି | 30.05.2019 | କଟକ |
| 07438 | କାଚିଗୁଡ଼ା-ଟାଟା ସ୍ୱତନ୍ତ୍ର | କାଚିଗୁଡ଼ା | 27.05.2019 | କଟକ |
| 07439 | ଟାଟା-କାଚିଗୁଡ଼ା ସ୍ୱତନ୍ତ୍ର | ଟାଟା | 28.05.2019 | କଟକ |
| 20818 | ନୂଆ ଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍ | ନୂଆ ଦିଲ୍ଲୀ | 26.05.2019 | ନରାଜ ମାର୍ଥାପୁର |
| 12831 | ବୋକାରୋ ଷ୍ଟିଲ୍ ସିଟି-ଭୁବନେଶ୍ୱର ଗରିବରଥ ଏକ୍ସପ୍ରେସ୍ | ବୋକାରୋ ଷ୍ଟିଲ୍ ସିଟି | 27.05.2019 ଏବଂ 29.05.2019 | ନରାଜ ମାର୍ଥାପୁର |
| 12832 | ଭୁବନେଶ୍ୱର-ବୋକାରୋ ଷ୍ଟିଲ୍ ସିଟି ଗରିବରଥ ଏକ୍ସପ୍ରେସ୍ | ଭୁବନେଶ୍ୱର | 28.05.2019 | ନରାଜ ମାର୍ଥାପୁର |

ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ବାତିଲ୍

| ଟ୍ରେନ୍ ନଂ | ଟ୍ରେନ୍ ର ନାମ | ଷ୍ଟେସନ୍ ଠାରୁ | ଛାଡ଼ିବା ତାରିଖ |
|---|---|---|---|
| 22890 | ପୁରୀ-ଦୀଘା ଏକ୍ସପ୍ରେସ୍ | ପୁରୀ | 25.05.2019 |
| 22889 | ଦୀଘା-ପୁରୀ ଏକ୍ସପ୍ରେସ୍ | ଦୀଘା | 26.05.2019 |
| 22810 | ବିଶାଖାପାଟଣା-ପାରାଦୀପ ଏକ୍ସପ୍ରେସ୍ | ବିଶାଖାପାଟଣା | 26.05.2019 |
| 22809 | ପାରାଦୀପ-ବିଶାଖାପାଟଣା ଏକ୍ସପ୍ରେସ୍ | ପାରାଦୀପ | 29.05.2019 |
| 22814 | ପାରାଦୀପ-ସାନ୍ତାଗାଛି ଏକ୍ସପ୍ରେସ୍ | ପାରାଦୀପ | 27.05.2019 |
| 22813 | ସାନ୍ତାଗାଛି-ପାରାଦୀପ ଏକ୍ସପ୍ରେସ୍ | ସାନ୍ତାଗାଛି | 28.05.2019 |
| 22874 | ବିଶାଖାପାଟଣା-ଦୀଘା ଏକ୍ସପ୍ରେସ୍ | ବିଶାଖାପାଟଣା | 30.05.2019 |
| 22873 | ଦୀଘା-ବିଶାଖାପାଟଣା ଏକ୍ସପ୍ରେସ୍ | ଦୀଘା | 31.05.2019 |

ମାର୍ଗ ପରିବର୍ତ୍ତିତ ଟ୍ରେନ୍‌ଗୁଡ଼ିକର ଯାତ୍ରୀମାନଙ୍କ ସୁବିଧା ପାଇଁ ଉଭୟ ଦିଗରୁ ନରାଜ ଏବଂ କଟକ ଷ୍ଟେସନ ମଧ୍ୟରେ ନିଃଶୁଳ୍କ ବସ୍ ସେବା ପ୍ରଦାନ କରାଯିବ ।

ପୂର୍ବ ତଟ ରେଳପଥ



PR-104/K/19-20

“ମେ ୩୦ରୁ ଇଂଲଣ୍ଡରେ ହେବାକୁଥିବା ଆଇସିସି ବିଶ୍ୱକପ୍‌ରେ ଭାରତ ପାଇଁ କେଦାର ଯାଦବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ।

–ଚନ୍ଦ୍ରକାନ୍ତ ପଣ୍ଡିତ, ପୂର୍ବତନ ଭାରତୀୟ ଉଇକେଟକିପର



“ୟୁନାଇଟେଡ କିଙ୍ଗଡମ୍‌ରେ ମୁଁ ମୋ କ୍ୟାରିୟରର ତୃତୀୟ ବିଶ୍ୱକପ୍ ଖେଳିବାକୁ ଯାଉଛି। ଅନ୍ୟଥର ଅପେକ୍ଷା ଏଥର ଖେଳିବାର କ୍ଷୁଧା ଅଧିକ ।

–ହାଶିମ୍ ଅମ୍‌ଲା, ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ବ୍ରେଟ୍ ଲି'ଙ୍କ ଟପ୍-୩ ଦ୍ରୁତ ବୋଲର ଲିଷ୍ଟରେ ବୁମ୍‌ରା

**ମେଲବୋର୍ନ, ୨୩।୫(ପି.ଟି.):** ଚଳିତ ମାସ ୩୦ରୁ ବ୍ରିଟେନରେ ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏଥିପୂର୍ବରୁ ପ୍ରାକ୍ତନ ଅଷ୍ଟ୍ରେଲୀୟ ମହାନ ବୋଲର ବ୍ରେଟ୍ ଲି ଆସନ୍ତା ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ଥିବା ଟପ୍-୩ ଦ୍ରୁତ ବୋଲର ତାଲିକା ପ୍ରକାଶ କରିଛନ୍ତି। ଏହି ଲିଷ୍ଟରେ ଯୁବ ଭାରତୀୟ ବୋଲର ଯଶପ୍ରୀତ୍ ବୁମ୍‌ରା ସ୍ଥାନ ପାଇଛନ୍ତି। 'ବୁମ୍‌ରା ଜଣେ ଚମତ୍କାର ବୋଲର। ତାଙ୍କ ନାମରେ ଅନେକ ରେକର୍ଡ ରହିଛି। ସେ ଭଲ ପେସ୍ ଓ ୟର୍କର ପକାଇ ପାରନ୍ତି' ବୋଲି ୨୦୦୩ ବିଶ୍ୱକପ୍ ଚାମ୍ପିୟନ ଅଷ୍ଟ୍ରେଲିଆ ଦଳର ସଦସ୍ୟ ରହିଥିବା ଲି କହିଛନ୍ତି। ବୁମ୍‌ରା ଭାରତ ପକ୍ଷରୁ ୪୯ ଦିନିକିଆରୁ ୮୫ ଉଇକେଟ୍ ଅକ୍ତିଆର କରିଛନ୍ତି। ଲି'ଙ୍କ ଟପ୍-୩ ଦ୍ରୁତ ବୋଲର ତାଲିକାରେ ବୁମ୍‌ରାଙ୍କ ବ୍ୟତୀତ ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କମିନ୍ସ ସ୍ଥାନ ପାଇଛନ୍ତି। 'ମିଚେଲ ଷ୍ଟାର୍କଙ୍କ ସହ ରହିବାକୁ ପଡ଼ିବ। ସେ ବର୍ତ୍ତମାନ ବି ଜଣେ କ୍ୱାଲିଟ୍ ବୋଲର' ବୋଲି ଲି କହିଛନ୍ତି। ୨୦୧୫ ବିଶ୍ୱକପ୍‌ରେ ଷ୍ଟାର୍କ ୨୨ଟି ଉଇକେଟ୍ ଅକ୍ତିଆର କରି ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଗତ ଫେବୃୟାରୀରେ ଷ୍ଟାର୍କ ଛାତିରେ ଆଘାତ ପାଇଥିଲେ ମଧ୍ୟ ଏବେ ସୁସ୍ଥ ହୋଇ ବିଶ୍ୱକପ୍ ଲାଗି ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଛନ୍ତି। ସେହିଭଳି କମିନ୍ସଙ୍କୁ ନେଇ ଲି କହିଛନ୍ତି, 'ଯେତେବେଳେ କମିନ୍ସ ପେସ୍, ଲକ୍ଷ୍ୟ ଓ ବିବିଧତାରେ ବୋଲିଂ କରିବେ ତେବେ ସେ ସବୁକିଛି କରିପାରିବେ'। ଚଳିତ ବର୍ଷ ୬ ଦିନିକିଆରୁ କମିନ୍ସ ୧୪.୨୯ ଆଭରେଜରେ ୧୭ ଉଇକେଟ୍ ଅକ୍ତିଆର କରିଛନ୍ତି।

# ଦୁଃସାହସର ଅନ୍ୟନାମ କଳ୍ପନା

## (୧୯୬୬ ଜୁଲାଇ ୭ରୁ ୨୦୧୯ ମେ ୨୩)

ଓଡ଼ିଶା କ୍ରୀଡ଼ା ପାଇଁ ଗୁରୁବାର ଆସିଛି ଏକ ଖରାପ ଖବର। ଦୁଃସାହସିକ କ୍ରୀଡ଼ାରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଆଦର୍ଶ ପାଲଟିଥିବା ଏଭରେଷ୍ଟ ଆରୋହଣକାରୀ କଳ୍ପନା ଦାଶ ଦ୍ୱିତୀୟଥର ପାଇଁ ଏହି ଉଦ୍ୟମ କରୁଥିବାବେଳେ ପ୍ରାଣତ୍ୟାଗ କରିଛନ୍ତି। ଓଡ଼ିଶାର ଢେଙ୍କାନାଳ ଜିଲ୍ଲାରେ ୧୯୬୬ ଜୁଲାଇ ୭ରେ ଜନ୍ମଗ୍ରହଣ କରିଥିବା କଳ୍ପନା ୨୦୧୯ ମେ ୨୩ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଓଡ଼ିଶାର ପ୍ରଥମ ପର୍ବତାରୋହୀ ଭାବେ ସେ ୨୦୦୮ ମେ ୨୧ରେ ଏଭରେଷ୍ଟ ଆରୋହଣ କରି ଇତିହାସ ସୃଷ୍ଟି କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପରେ ଅନ୍ୟମାନେ ଏଭରେଷ୍ଟ ଆରୋହଣର ସ୍ୱପ୍ନ ଦେଖିଥିଲେ। ଏଭରେଷ୍ଟ ସମେତ ସେ ଭାରତ, ନେପାଳ, ୟୁରୋପ, ଦକ୍ଷିଣ ଆମେରିକା ଓ ଅଷ୍ଟ୍ରେଲିଆର ବିଭିନ୍ନ ଶୃଙ୍ଗ ସଫଳତାର ସହ ଚଢ଼ିଛନ୍ତି। ପୂର୍ବରୁ ୨୦୦୪ ଓ ୨୦୦୬ରେ ସେ ୨ ଥର ଏଭରେଷ୍ଟ ଆରୋହଣର ଉଦ୍ୟମ କରିଥିଲେ ହେଁ ପ୍ରତିକୂଳ ପାଗ ଯୋଗୁ ସମ୍ଭବ ହୋଇ ନ ଥିଲା। ତେବେ ୨୦୦୮ରେ ତାଙ୍କ ସ୍ୱପ୍ନ ସାକାର ହୋଇଥିଲା। ତେବେ ଏଭରେଷ୍ଟ ଆରୋହଣର ନିଶା ତାଙ୍କ ମନରୁ ତୁଟି ନ ଥିଲା। ଦ୍ୱିତୀୟ ଥରପାଇଁ ସେ ଅନ୍ୟ ୨ ଜଣଙ୍କ ସହ ଆରୋହଣରେ ଯାଇଥିବାବେଳେ ସେଠାରେ ପ୍ରାଣତ୍ୟାଗ କରିଛନ୍ତି।

କଳ୍ପନା ୨୦୧୦ରେ ଉତ୍ତର ଆମେରିକାର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଡେନାଲି ଆରୋହଣ ଉଦ୍ୟମ କରି ବିଫଳ ହୋଇଥିଲେ। ତେବେ ୨୦୧୪ ଅକ୍ଟୋବର ୯ରେ ସେ ଦକ୍ଷିଣ ଆଫ୍ରିକାର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରୋ(୫,୮୯୫ ମିଟର) ସଫଳତାର ସହ ଆରୋହଣ କରିଥିଲେ। ଅମ୍ଳଜାନ ବିନା ସେ ଏହି ଆରୋହଣ କରିଥିଲେ। ପରେ ୨୦୧୫ ଜାନୁୟାରୀ ୧୬ରେ ସେ ଦକ୍ଷିଣ ଆମେରିକାର ସର୍ବୋଚ୍ଚ ଶୃଙ୍ଗ ଆନ୍ଦେସ ରେଞ୍ଜ୍(୬,୯୬୨ ମିଟର)କୁ ବିନା ଅମ୍ଳଜାନରେ ସଫଳତାର ସହ ଆରୋହଣ କରିଥିଲେ। ସେହିବର୍ଷ ଜୁଲାଇ ୩୧ରେ ସେ ୟୁରୋପର ସର୍ବୋଚ୍ଚ ଶୃଙ୍ଗ କାଉକାସୁସ ରେଞ୍ଜ୍(୫,୬୪୨ ମିଟର)କୁ ମଧ୍ୟ ବିନା ଅମ୍ଳଜାନରେ ଆରୋହଣ କରିଥିଲେ। ୨୦୧୫ ଡିସେମ୍ବର ୩ରେ ସେ ଭାରତୀୟ ଶାଢ଼ି ପିନ୍ଧି ବିନା ଅମ୍ଳଜାନରେ ଅଷ୍ଟ୍ରେଲିଆର ମେନ ଲ୍ୟାଣ୍ଡ ମାଉଣ୍ଟ କୋଜିଉସ୍କୋ(୨,୨୨୮ ମିଟର)କୁ ସଫଳତାର ସହିତ ଆରୋହଣ କରିଥିଲେ।

**ଶୋକର ଛାୟା:** କଳ୍ପନାଙ୍କ ପରଲୋକରେ ଓଡ଼ିଶା କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳି ଯାଇଛି। ଓଡ଼ିଶାର ଅନ୍ୟତମ ଏଭରେଷ୍ଟ ଆରୋହୀ ଗଣେଶ ଜେନା ଶୋକ ପ୍ରକାଶ କରିବାକୁ ଭାଷା ପାଇ ନାହାନ୍ତି। ଓଡ଼ିଶା ଦୁଃଶାହସିକ କ୍ରୀଡ଼ା ପାଇଁ ଏହା ଏକ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି। ଆମେ ହାତଗଣତି କେତେଜଣ ଏଭରେଷ୍ଟ ଆରୋହଣ କରିଛୁ। ସେଥିମଧ୍ୟରୁ ଜଣେ ଚାଲିଗଲେ। ଏହା ବ୍ୟକ୍ତିଗତ ଭାବେ ମୋତେ ଭୀଷଣ ଆଘାତ ଦେଇଛି। ଭଗବାନ ତାଙ୍କ ଆତ୍ମାର ସଦ୍‌ଗତି କରନ୍ତୁ ବୋଲି ଗଣେଶ ପ୍ରକାଶ କରିଛନ୍ତି।




ଏଭରେଷ୍ଟ ଆରୋହଣ ପୂର୍ବରୁ ବେସ୍ କ୍ୟାମ୍ପରେ କାଞ୍ଚି ମାୟା ତମାଙ୍ଗଙ୍କ ସହ କଳ୍ପନା ଦାଶ (ଡାହାଣ)।

## ଫୁଟବଲ ଶିବିର ଅନ୍ତିମ ଦିବସରେ ପ୍ରଦର୍ଶନୀ ମ୍ୟାଚ

**ଭୁବନେଶ୍ୱର, ୨୩।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଗ୍ରୀଷ୍ମକାଳୀନ ଫୁଟବଲ ଶିବିର ଆସନ୍ତା ୨୬ ତାରିଖରେ ଉଦ୍‌ଯାପିତ ହେବ। ଏହାର ଅନ୍ତିମ ଦିବସରେ ଶିବିରାର୍ଥୀଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ ଏବଂ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଆୟୋଜକ କ୍ଲବ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି। ଏପ୍ରିଲ ୨୮ରୁ ଆରମ୍ଭ ହୋଇଥିବା ଏହି ଶିବିର ମେ ୯ରେ ଉଦ୍‌ଯାପିତ ହେବାର ଥିଲା, ମାତ୍ର ସାମୁଦ୍ରିକ ଝଡ଼ ଫନୀର ପ୍ରଭାବ ଯୋଗୁ ଶିବିର କିଛି ଦିନ ବନ୍ଦ ରହିଥିବାରୁ ପ୍ରଶିକ୍ଷାର୍ଥୀଙ୍କ ଆଗ୍ରହ ଓ ଅଭିଭାବକମାନଙ୍କ ଅନୁରୋଧକ୍ରମେ ଏହାକୁ ୨୬ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା ବୋଲି ଦିଲୀପ ସୂଚନା ଦେଇଛନ୍ତି।

## ଆମିସଙ୍କ ନାମରେ ପ୍ରଥମ ବିଶ୍ୱକପ୍ ଶତକ

**ନୂଆଦିଲ୍ଲୀ, ୨୩।୫:** ଆଇସିସି ବିଶ୍ୱକପ୍ ଆସନ୍ତା ୩୦ରୁ ବ୍ରିଟେନରେ ଆରମ୍ଭ ହେବ। କ୍ରିକେଟ ବିଶ୍ୱକପ୍‌ର ଏହାହେବ ଦ୍ୱାଦଶ ସଂସ୍କରଣ। ଏହା ମଧ୍ୟରେ ବିଶ୍ୱକପ୍‌ରେ ଅନେକ ରେକର୍ଡ ଭଙ୍ଗ ହୋଇଥିବାବେଳେ ଅନେକ ନୂତନ ରେକର୍ଡ ସୃଷ୍ଟି ହୋଇଛି। ତେବେ କ୍ରିକେଟର ଏହି ମହାକୁମ୍ଭରେ ପ୍ରଥମ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ ଇଂଲଣ୍ଡର ଡେନିସ ଆମିସ। ୧୯୭୫ରେ ଅନୁଷ୍ଠିତ ବିଶ୍ୱକପ୍ ପ୍ରଥମ ସଂସ୍କରଣର ଉଦ୍‌ଘାଟନୀ ଦିବସ ଜୁନ ୭ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଅବସରରେ ଆମିସ ଏହି କୃତିତ୍ୱ ହାସଲ କରିଥିଲେ। ଆମିସ ଏହି ମ୍ୟାଚ୍‌ରେ ୧୩୭ ରନର ଇନିଂସ ଖେଳିଥିଲେ। ଆମିସଙ୍କ ଶତକୀୟ ଇନିଂସ ବଳରେ ଇଂଲଣ୍ଡ ୬୦ ଓଭରରେ ୩୩୪ ରନର ବିଶାଳ ସ୍କୋର କରିଥିଲା। ଭାରତ ଏହି ମ୍ୟାଚ୍‌ରେ ପରାଜୟବରଣ କରିଥିବାବେଳେ ଇଂଲଣ୍ଡର ଏହି ସ୍କୋର ୮ ବର୍ଷ ପର୍ଯ୍ୟନ୍ତ ବିଶ୍ୱକପ୍‌ରେ ସର୍ବୋଚ୍ଚ ଦଳଗତ ସ୍କୋର ଭାବେ ରେକର୍ଡ ବୁକ୍‌ରେ ରହିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ସେହି ସମାନ ଦିନ ଇଷ୍ଟ ଆଫ୍ରିକା ବିପକ୍ଷରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ନ୍ୟୁଜିଲାଣ୍ଡର ଗ୍ଲେନ ଟର୍ନର ମଧ୍ୟ ଶତକ ଅର୍ଜନ କରିଥିଲେ। ଟର୍ନର ଏହି ମ୍ୟାଚ୍‌ରେ ୧୭୧ ରନର ମାରାଥନ ଇନିଂସ ଖେଳିଥିଲେ ମଧ୍ୟ ତାଙ୍କ ପୂର୍ବରୁ ଆମିସ ପ୍ରଥମେ ଶତକ ହାସଲ କରିଥିବାରୁ ରେକର୍ଡ ବୁକ୍‌ରେ ତାଙ୍କ ନାମ ଲିପିବଦ୍ଧ ହୋଇ ରହିଥିଲା।



ଲଣ୍ଡନ: ଆଇସିସି ବିଶ୍ୱକପ୍ ପୂର୍ବରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଅଂଶଗ୍ରହଣକାରୀ ୧୦ ଦଳର ଅଧିନାୟକମାନେ।

# ୨୦୦୭: ଅଷ୍ଟ୍ରେଲିଆକୁ ଚତୁର୍ଥ ଟାଇଟଲ

**ଆଇସିସି ବିଶ୍ୱକପ୍**

**ଆଉ ୫ ଦିନ**

ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପ୍‌ର ନବମ ସଂସ୍କରଣ ୱେଷ୍ଟଇଣ୍ଡିଜ୍‌ରେ ଆୟୋଜିତ ହୋଇଥିଲା। ମାର୍ଚ୍ଚ ୧୩ରୁ ଏପ୍ରିଲ ୧୮ ତାରିଖ ମଧ୍ୟରେ ଆୟୋଜିତ ହୋଇଥିବା ଏହି ମେଗା ଇଭେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆ ଟାଇଟଲ ହାସଲ କରି ରେକର୍ଡ ଚତୁର୍ଥଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଫାଇନାଲରେ ଶ୍ରୀଲଙ୍କାକୁ ହରାଇ କ୍ରମାଗତ ଚତୁର୍ଥଥର ପାଇଁ ଟାଇଟଲ ଜିତିଥିଲା। ରାଉଣ୍ଡ ରବିନ୍ ଓ ନକ୍‌ଆଉଟ ଫର୍ମାଟରେ ବିଶ୍ୱକପ୍ ଖେଳାଯାଇଥିଲା। ବିଶ୍ୱକପ୍‌ରେ ମୋଟ ଉପରେ ୫୧ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ମୋଟ ଉପରେର ୫୧ଟି ମ୍ୟାଚ୍ ଖେଳାଯାଇଥିଲା। ଅଂଶଗ୍ରହଣ କରିଥିବା ୧୬ଟି ଦଳ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଲେଖାଏ ଦଳ ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିଥିଲେ। ସୁପର-୮ରୁ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପ୍ରବେଶ କରିଥିଲେ। ଚାମ୍ପିୟନ ହେବା ସହ ଅଷ୍ଟ୍ରେଲିଆ ବିଶ୍ୱକପ୍ ଇତିହାସରେ କ୍ରମାଗତ ୨୯ଟି ମ୍ୟାଚ୍ ଜିତି ଏକ ବିରଳ ସଫଳତା ହାସଲ କରିଥିଲା ଓ ଗୋଟିଏ ହେଲେବି ମ୍ୟାଚ୍ ହାରି ନ ଥିଲା। ୧୯୯୯ ମେ ୨୩ ତାରିଖରୁ ଅଷ୍ଟ୍ରେଲିଆ ବିଜୟୀ ହେବା ଆରମ୍ଭ କରିଥିଲା। ଟୁର୍ନାମେଣ୍ଟ ଆରମ୍ଭରୁ ଦୁଇଟି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ଫଳରେ ଟୁର୍ନାମେଣ୍ଟର ଚମକ କମିଯାଇଥିଲା। ପାକିସ୍ତାନ ହାରିବାର ଗୋଟିଏ ଦିନ ପରେ କୋଚ୍ ବବ୍ ଉଲମର ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିବା ସମସ୍ତଙ୍କୁ ଚକିତ କରିଥିଲା। ବିଶ୍ୱକପ୍‌କୁ ୧, ୧୭୨,୦୦୦ ଦର୍ଶକ ଷ୍ଟାଡିୟମରେ ଉପଭୋଗ କରିଥିଲେ। ମ୍ୟାଚ୍ ପିଛା ଦର୍ଶକଙ୍କ ସଂଖ୍ୟା ଥିଲା ୨୨, ୯୮୦। ଦମ୍‌ଦାର ପ୍ରଦର୍ଶନ କରି ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ଗ୍ଲେନ ମ୍ୟାକ୍‌ଗ୍ରାଥ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ମ୍ୟାକଗ୍ରାଥ ସର୍ବାଧିକ ୨୬ଟି ଉଇକେଟ ହାସଲ କରିଥିଲେ। ଅଷ୍ଟ୍ରେଲୀୟ ଓପନର ମାଥ୍ୟୁ ହେଡେନ ସର୍ବାଧିକ ୬୫୯ ରନ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ୍‌ର ୮ଟି ଭେନ୍ୟୁରେ ମ୍ୟାଚଗୁଡିକ ଖେଳାଯାଇଥିଲା। ବିଶ୍ୱକପ୍‌ରେ ୧୦ଟି ଫୁଲ୍ ମେମ୍ବର ଦଳ ଓ ୬ଟି ଆସୋସିଏଟ ଦେଶ ଅଂଶଗ୍ରହଣ କରିଥିଲେ। ଫୁଲ୍ ମେମ୍ବର ଦେଶଗୁଡିକ ହେଲେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍, ବାଂଲାଦେଶ, ଭାରତ, ପାକିସ୍ତାନ, ଶ୍ରୀଲଙ୍କା ଓ ଜିମ୍ବାୱେ। ଅଂଶଗ୍ରହଣ କରିଥିବା ଆସୋସିଏଟ ମେମ୍ବର ଦେଶଗୁଡିକ ହେଲେ ବର୍ମୁଡା, କେନିଆ, ନେଦରଲାଣ୍ଡ୍ସ, କାନାଡ଼ା, ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡ। ଗ୍ରୁପ୍ ଏ'ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନେଦରଲାଣ୍ଡ୍ସ ଓ ସ୍କଟଲାଣ୍ଡ ସାମିଲ ହୋଇଥିଲେ। ଅଷ୍ଟ୍ରେଲିଆ ୩ରୁ ୩ଟି ମ୍ୟାଚ୍ ଜିତି ୬ ପଏଣ୍ଟ ହାସଲ କରିବା ସହ ଶୀର୍ଷରେ, ଦକ୍ଷିଣ ଆଫ୍ରିକା ୨ଟି ମ୍ୟାଚ୍ ଜିତି ୪ ପଏଣ୍ଟ ହାସଲ କରିବା ସହ ଦ୍ୱିତୀୟ ସ୍ଥାନରେ ରହି ସୁପର-୮କୁ ଉଠିଥିଲେ। ସେହିପରି ଗ୍ରୁପ୍ ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଭାରତ ଓ ବର୍ମୁଡା ସ୍ଥାନ ପାଇଥିଲେ। ଶ୍ରୀଲଙ୍କା ୩ ବିଜୟ ସହ ୬, ବାଂଲାଦେଶ ୨ ବିଜୟ ସହ ୪ ପଏଣ୍ଟ ପାଇ ସୁପର-୮କୁ ଉନ୍ନତି କରିଥିଲେ। ତେବେ ଭାରତ କେବଳ ଗୋଟିଏ ବିଜୟ ଓ ୨ଟି ପରାଜୟବରଣ କରି ତୃତୀୟ ସ୍ଥାନରେ ରହିବା ସହ ଟୁର୍ନାମେଣ୍ଟରୁ ବାଦ୍ ପଡିଥିଲା। ଗ୍ରୁପ୍ ସି'ରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଯଥାକ୍ରମେ ୩ ଓ ୨ଟି ବିଜୟ ହାସଲ କରି ୬, ୪ ପଏଣ୍ଟ ହାସଲ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ଗ୍ରୁପ୍ ଡି'ରେ ୱେଷ୍ଟଇଣ୍ଡିଜ୍ ୩ ବିଜୟ ସହ ୬ ପଏଣ୍ଟ, ଆୟର୍ଲାଣ୍ଡ ୧ ବିଜୟ ଓ ଗୋଟିଏ ଟାଇ ସହ ୩ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହି ସୁପର-୮କୁ ଉଠିଥିଲେ। ପୁଣି ସୁପର-୮ରେ ଅଷ୍ଟ୍ରେଲିଆ ୭ରୁ ୭ଟି ମ୍ୟାଚ୍ ଜିତି ୧୪, ଶ୍ରୀଲଙ୍କା ୭ ମ୍ୟାଚ୍‌ରୁ ୫ ବିଜୟ, ୨ ପରାଜୟ ସହ ୧୦, ନ୍ୟୁଜିଲାଣ୍ଡ ୭ ମ୍ୟାଚ୍‌ରୁ ୫ ବିଜୟ, ୨ ପରାଜୟ ସହ ୧୦, ଦକ୍ଷିଣ ଆଫ୍ରିକା ୭ ମ୍ୟାଚ୍‌ରୁ ୪ ବିଜୟ, ୩ ପରାଜୟ ସହ ୮ ପଏଣ୍ଟ ହାସଲ କରି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିଥିଲେ। ଶ୍ରୀଲଙ୍କା ୮୧ ରନରେ ନ୍ୟୁଜିଲାଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଅଷ୍ଟ୍ରେଲିଆ ୧୧୯ଟି ବଲ୍ ବାକିଥାଇ ୭ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲକୁ ଉଠିଥିଲା। ଫାଇନାଲରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମୁହାଁମୁହିଁ ହୋଇଥିଲେ। ବର୍ଷା ବାଧାପ୍ରାପ୍ତ ଫାଇନାଲ ମ୍ୟାଚ୍‌ରେ ଡକ୍‌ୱର୍ଥ/ ଲୁଇସି ନିୟମରେ ଅଷ୍ଟ୍ରେଲିଆ ୫୩ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବର୍ଷା ଯୋଗୁ ୩୮ ଓଭରକୁ ମ୍ୟାଚକୁ ସୀମିତ ରଖାଯାଇଥିଲା। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୩୮ ଓଭରରେ ୪ ଉଇକେଟ ହରାଇ ୨୮୧ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ବର୍ଷା ଯୋଗୁ ପରିବର୍ତ୍ତିତ ୩୬ ଓଭରରେ ୨୬୯ରନ ଟାର୍ଗେଟର ପିଛା କରିଥିଲା। ତେବେ ଦଳ ୮ ଉଇକେଟ ହରାଇ ୨୧୫ ରନରେ ସୀମିତ ରହି ପରାସ୍ତ ହେବା ସହ ରନର୍ସଅପ୍ ହୋଇଥିଲା। ୧୦୪ଟି ବଲର ସମ୍ମୁଖୀନ ହୋଇ ୧୩ ଚୌକା ଓ ୮ ଛକା ସହ ୧୪୯ରନର ଶତକୀୟ ପାଳି ଖେଳିଥିବା ଅଷ୍ଟ୍ରେଲୀୟ ଓପନର ଆଡାମ ଗିଲକ୍ରିଷ୍ଟ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ଦ୍ୱିତୀୟଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା। ପାକିସ୍ତାନ କୋଚ୍ ବବ୍ ଉଲମର ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିବା ଯୋଗୁ ଏହି ବିଶ୍ୱକପ୍ ବିବାଦୀୟ ହୋଇପଡିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ବାଂଲାଦେଶ ଓ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇ ଭାରତ ବିଦାୟ ନେଇଥିଲା ଓ ଭାରତୀୟ ପ୍ରଶଂସକ ସଂଘାତିକ୍ ଭାବେ ନିରାଶ ହୋଇଥିଲେ।



DSPL-19



# ଅଂଶୁଘାତ ପ୍ରତି ସତର୍କ ରୁହନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

**କ'ଣ କରିବା ଉଚିତ୍**

- ବାହାରକୁ ଯିବାକୁ ହେଲେ ମୁଣ୍ଡକୁ ଓଦା ଗାମୁଛାରେ ଘୋଡାନ୍ତୁ ଏବଂ ଛତା, ଜୋତା ଓ କଳା ଚଷମା ବ୍ୟବହାର କରନ୍ତୁ ଓ ସାଥିରେ ଥଣ୍ଡାପାଣି ନିଅନ୍ତୁ ।
- ବାହାରକୁ ଯିବା ଆଗରୁ ଓ ପହଞ୍ଚିବା ପରେ ସୁରେଇ, ମାଠିଆ କିମ୍ୱା ଘୁମ ଆଦିରେ ଥିବା ପାଣି, ଲେମ୍ବୁ ସରବତ, ଘୋଳଦହି, ଲୁଣ ମିଶା ତୋରାଣି ପିଅନ୍ତୁ ।
- ଦେହରୁ ଅଧିକ ଝାଳବୋହିଲେ, ପାଟି ଅଠା ଅଠା ଲାଗିଲେ - ପ୍ରଚୁର ପାଣି, ଓ.ଆର.ଏସ୍ ପଣା ପିଅନ୍ତୁ ।

**କ'ଣ କରିବା ଅନୁଚିତ୍**

- ଟାଣ ଖରାରେ ଶାରିରୀକ ପରିଶ୍ରମ କରନ୍ତୁ ନାହିଁ ।
- ବୃଦ୍ଧ, ଅସୁସ୍ଥ ଲୋକ, ଶିଶୁ, ଗର୍ଭବତୀ ମହିଳା ଏବଂ ରକ୍ତଚାପ ଓ ମଧୁମେହରେ ପୀଡିତ ବ୍ୟକ୍ତି ଟାଣ ଖରାରେ ବାହାରକୁ ଯାଆନ୍ତୁ ନାହିଁ ।
- କେହି ଅସୁସ୍ଥ ଅନୁଭବ କଲେ ତାଙ୍କର ଚିକିତ୍ସା ପ୍ରତି ଅବହେଳା କରନ୍ତୁ ନାହିଁ ।
- ନିଶା ଦ୍ରବ୍ୟ ସେବନ କରନ୍ତୁ ନାହିଁ ।

ଓ.ଆର.ଏସ୍ ପ୍ୟାକେଟ୍ ସମସ୍ତ ଆଶା, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଉପଲବ୍ଧ ।

ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଅଂଶୁଘାତ ରୋଗୀଙ୍କ ପାଇଁ ଚିକିତ୍ସାର ସୁବିଧା କରାଯାଇଛି ।

facebook.com/HFWOdisha http://www.health.odisha.gov.in/ @HFWOdisha

NATIONAL HEALTH MISSION

10003/13/0013/1920

# ଆଇଓସି ସଦସ୍ୟ ହେଲେ ବାତ୍ରା

ନୂଆଦିଲ୍ଲୀ, ୨୩।୫

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଏହାର କାର୍ଯ୍ୟକାରୀ ବୋର୍ଡ ଲାଗି ୧୦ ଜଣ ନୂତନ ସଦସ୍ୟଙ୍କ ନାମ ଘୋଷଣା କରିଛି। ଯେଉଁଥିରେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଓ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ସଭାପତି ତଥା ହକି ଇଣ୍ଡିଆର ପ୍ରାକ୍ତନ ସଭାପତି ନରିନ୍ଦର ବାତ୍ରା ଆଇଓସି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ୨୦୭ ଜାତୀୟ ଅଲିମ୍ପିକ କମିଟି (ଏନ୍ଓସି) ସଦସ୍ୟଙ୍କ ମଧ୍ୟରୁ ମାତ୍ର ୧୫ଜଣ ଆଇଓସିକୁ ମନୋନୀତ ହୋଇଥାନ୍ତି। ଏଥିସହ ବାତ୍ରା ଏକମାତ୍ର ଭାରତୀୟ ଭାବେ ଏଫ୍ଆଇଏଚ୍ ଓ ଏନ୍ଓସି ସଭାପତି ରହିବା ସହିତ ସମ୍ମାନଜନକ ଆଇଓସି ସଦସ୍ୟ ହେବାର ଗୌରବ ଲାଭ କରିଛନ୍ତି।

ପୂର୍ବରୁ ପ୍ରଥମ ଓ ଏକମାତ୍ର ଭାରତୀୟ ଭାବେ ବାତ୍ରା ଅନ୍ତର୍ଜାତୀୟ ହକି ମହାସଂଘର ସଭାପତି ଭାବେ କାର୍ଯ୍ୟ ତୁଲାଇବାର ସୌଭାଗ୍ୟ ଲାଭ କରିଥିଲେ। ସେହିଭଳି ବାତ୍ରା ପ୍ରଥମ ଭାରତୀୟ ଭାବେ କୌଣସି ସମର କିମ୍ବା ୱିଣ୍ଟର ଅଲିମ୍ପିକ ବଡିର ସଭାପତି ରହିଛନ୍ତି। ଏଥିସହ ଏକମାତ୍ର ଭାରତୀୟ ଭାବେ ବାତ୍ରା ଗୋଟିଏ ସମୟରେ ଉଭୟ ଅନ୍ତର୍ଜାତୀୟ ମହାସଂଘ ଓ ଜାତୀୟ ଅଲିମ୍ପିକ କମିଟି (ଏନ୍ଓସି)ର ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ଆଇଓସିର ସଦସ୍ୟ ଭାବେ ମନୋନୀତ ହୋଇଥିବାରୁ ବାତ୍ରାଙ୍କୁ ହକି ଇଣ୍ଡିଆର ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ ଅଭିନନ୍ଦନ ଜଣାଇଛନ୍ତି। 'ଭାରତୀୟ କ୍ରୀଡ଼ା ପ୍ରଶାସନରେ ବାତ୍ରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛନ୍ତି। ହକି ଇଣ୍ଡିଆର ପ୍ରାକ୍ତନ ସଭାପତି ଭାବେ ସେ ମାର୍ଗ ପ୍ରଶସ୍ତ କରିଛନ୍ତି। ଭାରତୀୟ କ୍ରୀଡ଼ା ଯେତେବେଳେ ବିଶ୍ୱସ୍ତରରେ ଉପରକୁ ଉଠୁଛି ସେତେବେଳେ ବାତ୍ରା ଆଇଓସି ସଦସ୍ୟ ମନୋନୀତ ହୋଇଛନ୍ତି। ଦେଶର କ୍ରୀଡ଼ାର ଉନ୍ନତିରେ ସେ ସହାୟକ ହେବେ' ବୋଲି ଅହମ୍ମଦ କହିଛନ୍ତି।



ନରିନ୍ଦର ବାତ୍ରା

# ୪୮ ଟିମ୍ ଯୋଜନାରୁ ଓହରିଲା ଫିଫା

ଲାଉସାନେ, ୨୩।୫ (ଏଏଫ୍ପି)

କାତାରରେ ଖେଳାଯିବାକୁଥିବା ୨୦୨୨ ବିଶ୍ୱକପ୍‌ରେ ଅଂଶ ଗ୍ରହଣକାରୀ ଦଳ ସଂଖ୍ୟା ୪୮କୁ ବୃଦ୍ଧି କରିବା ଲାଗି ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ (ଫିଫା) ଯେଉଁ ପ୍ରସ୍ତାବ ରଖିଥିଲା, ସେଥିରୁ ଓହରିଯାଇଛି। ଏହି ପ୍ରତିଯୋଗିତା ପୂର୍ବଭଳି ୩୨ଟି ଦଳକୁ ନେଇ ହେବ। ବର୍ତ୍ତମାନ ପରିସ୍ଥିତିରେ ଏହି ପ୍ରସ୍ତାବ କାର୍ଯ୍ୟକାରୀ କରିବା ସମ୍ଭବପର ନୁହେଁ ବୋଲି ଅନୁଭବ କରାଯାଇଥିଲା। ଜୁନ୍ ୫ରେ ଫିଫା କଂଗ୍ରେସ ଅନୁଷ୍ଠିତ ହେବ। ଏଥିରେ ଦଳ ସଂଖ୍ୟା ବୃଦ୍ଧି ପ୍ରସ୍ତାବ ଉପସ୍ଥାପନ କରାଯିବ ନାହିଁ। ବିଶ୍ୱକପ୍‌ରେ ଦଳ ସଂଖ୍ୟା ବୃଦ୍ଧି କରିବା ପ୍ରସ୍ତାବ ଏହାର ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କର ଥିଲା। ପ୍ରସ୍ତାବ କାର୍ଯ୍ୟକାରୀ ହେବାକୁ ନ ଥିବାରୁ ତାଙ୍କୁ ଶକ୍ତ ଧକ୍କା ଲାଗିଛି। କାତାର ବିଶ୍ୱକପ୍ ଯଦି ୪୮ଟି ଦଳକୁ ନେଇ ଆୟୋଜିତ ହୋଇ ଥାନ୍ତା ତେବେ ଆୟ ୩୦୦ରୁ ୪୦୦ ନିୟୁତ ଡଲାରକୁ ବୃଦ୍ଧି ଘଟିଥାନ୍ତା। ଫିଫାର ହିସାବ ଅନୁସାରେ ଟିଭି ରାଇଟ୍ସ ବାବଦରେ ଅତିରିକ୍ତ ୧୨୦ ନିୟୁତ ଡଲାର, ମାର୍କେଟିଂ ରାଇଟ୍ସ ବାବଦରେ ୧୫୦ ନିୟୁତ ଡଲାର ଏବଂ ଟିକେଟ ବିକ୍ରିରୁ ୯୦ ନିୟୁତ ଡଲାର ଆୟ ହୋଇ ପାରିଥାନ୍ତା। କନଫେଡେରେଶନ କପ୍ ପରିବର୍ତ୍ତେ ୨୦୨୧ ଜୁନ୍ ଓ ଜୁଲାଇରେ ୨୪ଟି ଦଳକୁ ନେଇ ବିଶ୍ୱକପ୍ ଆୟୋଜନ କରିବା ଲାଗି ଇନ୍‌ଫାଣ୍ଟିନୋ କରିଥିବା ଯୋଜନାକୁ ୟୁରୋପର ଟପ୍ କ୍ଲବଗୁଡ଼ିକ ବିରୋଧ କରିଥିଲେ। ଏପରି କି ଏହାକୁ ବର୍ଜନ କରିବେ ବୋଲି ଧମକ ଦେଇଥିଲେ। ଅନ୍ୟପକ୍ଷରେ କାତାର ଏହାର ପଡ଼ୋଶୀ ଦେଶଗୁଡ଼ିକ ଦ୍ୱାରା ପଥ ଅବରୋଧର ସମ୍ମୁଖୀନ ହୋଇଛି।

# ମିଳିତ କୋରିଆ ହକି ଦଳ ସମ୍ଭବ ହେଲାନି

**ସିଓଲ, ୨୩।୫ (ଏଏଫ୍ପି):** ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଉତ୍ତର କୋରିଆ ସହ ମିଳିତ ମହିଳା ହକି ଦଳ ପଠାଇବା ଯୋଜନାରୁ ଓହରିଯାଇଛି ଦକ୍ଷିଣ କୋରିଆ। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କରେ ପରିବର୍ତ୍ତନ ଯୋଗୁ ଏପରି ହୋଇଛି। ୨୦୧୮ରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ୱିଣ୍ଟର ଗେମ୍ସରେ ଦୁଇ ଦେଶ ପ୍ରଥମଥର ଏକ ମିଳିତ ଅଲିମ୍ପିକ ଦଳ (ମହିଳା ଆଇସ୍ ହକି ଦଳ) ପଠାଇଥିଲେ। ଏହି ଦଳ ଯଦିଓ ସେମାନଙ୍କ ସମସ୍ତ ୫ଟି ମ୍ୟାଚରେ ପରାଜୟ ବରଣ କରିଥିଲା, ତେଣୁ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଥିଲା। ପରେ ଇଣ୍ଡୋନେସିଆରେ ୨୦୧୮ ଏସିଆନ ଗେମ୍ସ ପାଇଁ ଦୁଇ କୋରିଆ ବହୁ ମିଳିତ ଦଳ ପଠାଇଥିଲେ। ଫେବୃୟାରୀରେ ଟୋକିଓ ଅଲିମ୍ପିକ୍ସ ପାଇଁ ଦୁଇ ଦେଶ ବାସ୍କେଟବଲ୍, ଜୁଡୋ, ଫିଲ୍ଡ ହକି ଏବଂ ରୋଇଂରେ ମିଳିତ ଦଳ ପଠାଇବା ଲାଗି ରାଜି ହୋଇଥିଲେ। କିନ୍ତୁ ଉତ୍ତର କୋରିଆ ନେତା କିମ୍ ଜଙ୍ଗ୍ ଉନ୍ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଏକ ଶିଖର ସମ୍ମିଳନୀର କିଛି ସପ୍ତାହ ପରେ ପ୍ୟଙ୍ଗୟାଙ୍ଗ୍‌ର ଅସହଯୋଗ ଯୋଗୁ ମିଳିତ ଦଳ ପଠାଇବା ଯୋଜନା ଅଟକି ଯାଇଛି। ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି ଯେ, ଟୋକିଓକୁ କୌଣସି ମିଳିତ ଟିମ୍ ପଠାଇବାକୁ ହେଲେ ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ଅର୍ଥାତ ମିଳିତ ମହିଳା ଦଳକୁ ଜୁନ୍ ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଆଇଏଚ୍ଏଫ୍ ମହିଳା ହକି ସିରିଜ ଫାଇନାଲ୍ସରେ ଅଂଶଗ୍ରହଣ କରିବାକୁ ପଡ଼ିବ। ଦଳର ଖେଳାଳି ତାଲିକା ପଠାଇବାର ଅନ୍ତିମ ଦିବସ ଗୁରୁବାର ଥିଲା। ଉତ୍ତର କୋରିଆ ତରଫରୁ କୌଣସି ଉତ୍ତର ନ ଥିବା ବେଳେ ଦକ୍ଷିଣ କୋରିଆ ଏକାକୀ ଭାଗ ନେବ ବୋଲି ସୂଚନା ଦେଇଛି।




# ODISHA JOINT ENTRANCE EXAMINATION-2019 (OJEE - 2019)

No: 209/OJEE19 Date: 23.05.2019

**NOTICE**
**Revised Schedule of CBT (OJEE 2019)**

The Computer Based Test (CBT) of OJEE – 2019 for admission to the courses of MBA, MCA,M.Tech,M.Arch, M.Plan, M.Pharm and Lateral Entry to MCA (LE - MCA), which was originally scheduled on 13.05.2019 but was postponed because of severe cyclonic storm, 'Fani', will now be held as per the following schedule.

| Date | Course |
|---|---|
| 08.06.2019 (SATURDAY) | M.Tech, M.Arch<br>MCA, LE-MCA, M.Pharm, M.Plan |
| 09.06.2019 (SUNDAY) | MBA |

- All the candidates are to download fresh Admit cards by logging onto the OJEE website (**www.ojee.nic.in**) using their user id and password. Admit cards will be available in the website from 27.05.2019 onwards.
- The shift and timings of entrance examinations for different courses will be mentioned in the respective admit cards.
- For further details, please visit **www.ojee.nic.in /www.odishajee.com.**

Sd/-
CHAIRMAN, OJEE

# ନର୍ଥମ୍ପଟନଶାୟର ସହ ଅଶ୍ୱିନଙ୍କ ଚୁକ୍ତି

**ନୂଆଦିଲ୍ଲୀ, ୨୩।୫:** ପ୍ରମୁଖ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ କାଉଣ୍ଟି କ୍ରିକେଟ୍ କ୍ଲବ ନର୍ଥମ୍ପଟନଶାୟର ସହ ଚୁକ୍ତି କରିଛନ୍ତି। ଜୁନ୍‌ରେ ସେ ନର୍ଥମ୍ପଟନଶାୟର ଦଳ ସହ ଯୋଗ ଦେଇ ୬ଟି କାଉଣ୍ଟି ଚାମ୍ପିୟନଶିପ୍ ମ୍ୟାଚ୍ ଖେଳିବେ ବୋଲି ଜଣାପଡ଼ିଛି। ଜୁନ ୩୦ରେ ଏସେକ୍ସ ବିପକ୍ଷ ମ୍ୟାଚ୍ ଖେଳି ସେ ତାଙ୍କ ଅଭିଯାନ ଆରମ୍ଭ କରିବେ। ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ଜେମ୍ସ ପାଟିନସନଙ୍କ ବଦଳରେ ବିଦେଶୀ ଖେଳାଳି ଭାବେ ୩୨ ବର୍ଷୀୟ ଅଶ୍ୱିନଙ୍କ ସହ ନର୍ଥମ୍ପଟନଶାୟର ଏହି ଚୁକ୍ତି କରିଛି। ପାଟିନସନ ଜୁଲାଇରେ ହେବାକୁ ଥିବା ଆସେସ ସିରିଜରେ ଅଷ୍ଟ୍ରେଲିଆ ଦଳରେ ସାମିଲ ହେବାର ସମ୍ଭାବନା ରହିଥିବାରୁ କାଉଣ୍ଟି କ୍ଲବ ଛାଡ଼ିଛନ୍ତି। ଅଶ୍ୱିନ ଏଥିପୂର୍ବରୁ ୨୦୧୭ରେ ୱେଷ୍ଟରଶାୟର ପକ୍ଷରୁ କାଉଣ୍ଟି କ୍ରିକେଟ ଖେଳିଥିଲେ। 'ସେଠାରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଉନ୍ନତମାନର କ୍ରିକେଟ ଖେଳ ଦେଖିବାକୁ ମିଳିଥାଏ। ନର୍ଥମ୍ପଟନଶାୟର ସହ ଯୋଗ ଦେବାକୁ ମୁଁ ବ୍ୟଗ୍ର ରହିଛି। ଟ୍ରେଣ୍ଟବ୍ରିଜ ପରି ଆଇକନ ଭେନ୍ୟୁରେ ଖେଳି ଦଳର ବିଜୟରେ ନିଜର ଅବଦାନ ଦେବାକୁ ଲକ୍ଷ୍ୟ ରଖିଛି' ବୋଲି ଅଶ୍ୱିନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଉସମାନ ଖ୍ୱାଜା ବିପଦମୁକ୍ତ

**ସାଉଥମ୍ପଟନ, ୨୩।୫ (ପି.ଟି.):** ମୁଣ୍ଡରେ ବଲ୍ ବାଜି ଆଘାତପ୍ରାପ୍ତ ହୋଇଥିବା ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଉସମାନ ଖ୍ୱାଜା ବିପଦମୁକ୍ତ ଥିବା ଗୁରୁବାର ଘୋଷଣା କରାଯାଇଛି। ବୁଧବାର ୱେଷ୍ଟଇଣ୍ଡିଜ ବିପକ୍ଷ ୱାର୍ମଅପ୍ ମ୍ୟାଚ୍‌ରେ ବ୍ୟାଟିଂ କରୁଥିବାବେଳେ ଆନ୍ଦ୍ରେ ରସେଲଙ୍କ ଏକ ବାଉନ୍ସର ବଲ୍ ଖ୍ୱାଜାଙ୍କ ହେଲ୍‌ମେଟ୍‌ରେ ବାଜିଥିଲା। ଏହାପରେ ଖ୍ୱାଜା ରିଟାୟର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଯାଇଥିଲେ। ମେଡିକାଲରେ ଖ୍ୱାଜାଙ୍କ ମୁଣ୍ଡ ସ୍କାନ କରାଯାଇଥିବାବେଳେ କୌଣସି ଗୁରୁତର ଆଘାତ ଲାଗି ନ ଥିବା ଜଣାପଡ଼ିଛି, ଯାହାକି ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ଦଳକୁ ଆଶ୍ୱସ୍ତି କରିଛି। 'ଡରିଗଲା ଭଳି ଖବର ଥିଲା। ତାଙ୍କ ଗାଲ ପାଖ ହାଡ଼ରେ ବଲ୍ ବାଜିଥିଲା। ତେବେ ଏବେ ସେ ସୁସ୍ଥ ହୋଇ ପ୍ରତ୍ୟାବର୍ତ୍ତନ କରିବା ସବୁଠୁ ବଡ଼ ଖବର' ବୋଲି ଏହି ୱାର୍ମଅପ୍ ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଶନ୍ ମାର୍ଶ କହିଛନ୍ତି।

# ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶ୍ରୀମତୀ ସ୍ୱର୍ଣ୍ଣଲତା ଶତପଥୀ**
ସ୍ୱାମୀ– ସ୍ୱର୍ଗତ ଶ୍ରୀଯୁକ୍ତ ନେତ୍ରାନନ୍ଦ ଶତପଥୀ
ଚନ୍ଦନନଗର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୮।୦୬।୧୯୨୨
ତିରୋଧାନ: ୧୩।୦୫।୨୦୧୯

ବୋଉ, ତୁମକୁ ଜୁଇରେ ଶୁଆଇଦେଇ ଆସିବାର ବାର ଦିନ ବିତିଗଲା, ବିଶ୍ୱାସ ହେଉନି ତୁମେ ଆମ ଗହଣରେ ନାହିଁ ବୋଲି, ତୁମେ ଆମକୁ ଅଜସ୍ର ସୁଖ, ମମତା, ସ୍ନେହ, ଶ୍ରଦ୍ଧା, କୋଟି ପରମାୟୁ ଆଶୀର୍ବାଦ, ପ୍ରେରଣା ଦେଇଗଲ। ତୁମ କଥା ପ୍ରତି ମୁହୂର୍ତ୍ତରେ ଆମ ହୃଦୟକୁ ଉଦ୍‌ବେଳିତ କରୁଛି, ତୁମର ଆଶୀର୍ବାଦ ଆମ ସମସ୍ତଙ୍କ ଉପରେ ଥାଉ। ଆମେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ, ତୁମର ପବିତ୍ର ଆତ୍ମାକୁ ଚିରଶାନ୍ତି ପ୍ରଦାନ କରନ୍ତୁ। ଶୋକସନ୍ତପ୍ତ ପରିବାର: ପୁଅ–ଯାମିନୀକାନ୍ତ ଶତପଥୀ, ବୋହୂ– ଅନ୍ନପୂର୍ଣ୍ଣା ଶତପଥୀ, ଝିଅମାନେ– ନାକି, ବିଜୁଳି, ଜୁତି, ମୋତି, ଶାନ୍ତି, ବାସନ୍ତି, ଭାରତୀ, ନାତି– ବାବୁନ୍ତ, ବାପି, ନାତୁଣୀବୋହୂ– କୁନୁ, ରାନୁ, ନାତୁଣୀ– ଜୁଲି, ସିଲି, ଅଣନାତି– ଧନ, ଗନ, ଅଣନାତୁଣୀ– ମନି, ବେଙ୍ଗ। ଧ–୧୨୬୩୧

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରତିମା ତ୍ରିପାଠୀ**
ଗ୍ରାମ– ଅବଧିଆନନ୍ଦପୁର, ଓଡ଼ିଶୋ, ଜଗତ୍‌ସିଂହପୁର
ଆବିର୍ଭାବ: ୦୧।୦୭।୧୯୫୫
ତିରୋଧାନ: ୧୩।୦୫।୨୦୧୯

**ଶୋକସନ୍ତପ୍ତ**
ସ୍ୱାମୀ– କୈଳାଶ ଚନ୍ଦ୍ର ତ୍ରିପାଠୀ, ପୁଅ– କପୁ, ଲିପୁ, ବୋହୂ– ଗେହ୍ଲି, ଚିଙ୍କି, ଝିଅ– ସୀମା, ଜ୍ୱାଇଁ– ସିଲୁ, ନାତୁଣୀ– ଗୁଡ଼ିଆ, ଲାଡଲି, ବନ୍ଧୁ ଓ ପରିବାରବର୍ଗ।
ଧ–୫୬୧୭୪

**ଏକାଦଶାହ ଶ୍ରଦ୍ଧାଞ୍ଜଳି**




**ସ୍ୱର୍ଗତା ପଙ୍କଜ ସାମଲ**
ନହରକଣ୍ଟା, ହଂସପାଳ, ଭୁବନେଶ୍ୱର
ତିରୋଧାନ: ୧୪।୦୫।୨୦୧୯

ତୁମର ଅମର ଆତ୍ମାର ସଦ୍‌ଗତି ହେଉ ଏହାହିଁ ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:**
ସାମଲ ପରିବାର ଓ ବନ୍ଧୁବର୍ଗ
ଧ–୪୯୨୯୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭିକାରି ଚରଣ ବେହେରା**
(ଅବସରପ୍ରାପ୍ତ ଓଏସ୍ଇବି କର୍ମଚାରୀ)
ଆବିର୍ଭାବ: ୧୬।୦୬।୧୯୩୩
ତିରୋଧାନ: ୧୪।୦୫।୨୦୧୯
ବେଲେଶ୍ୱର, ନୟାବଜାର, କଟକ–୪

ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା, ପରୋପକାରିତା ଏବଂ ଧାର୍ମିକ ଚେତନା ଆମର ପାଥେୟ ହେଉ। ଆପଣଙ୍କର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

**ଶୋକସନ୍ତପ୍ତ:**
ପତ୍ନୀ– ସୀତାଦେବୀ, ପୁତ୍ର– ହରେକୃଷ୍ଣ, ଦିବାକର, ରତ୍ନାକର, ପୁତ୍ରବଧୂ– ଖୁଲଣା, ଲକ୍ଷ୍ମୀପ୍ରିୟା, ସଂଘମିତ୍ରା, ଝିଅଜ୍ୱାଇଁ– ମିନତି ଏବଂ ଦିବାକର, ନାତିନାତୁଣୀ, ବନ୍ଧୁ ଏବଂ ଆତ୍ମୀୟସ୍ୱଜନ। ଧ–୬୬୧୩୬

**୨୦ତମ ଶ୍ରାଦ୍ଧ ବାର୍ଷିକୀ**



**ସ୍ୱର୍ଗତ ହୃଦାନନ୍ଦ ମହାନ୍ତି**
ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ହୃଦାନନ୍ଦ କଲୋନୀ, ପୁରୀ–୨
ଆବିର୍ଭାବ: ୦୯।୦୭।୧୯୨୭
ତିରୋଧାନ: ୦୬।୦୫।୧୯୯୯

ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ନୀଳାଚଳ ଧାମର ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କର ଅମର ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ମାତ୍ର ଗୁହାରୀ।

**ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ**
ଧ–୬୪୦୬୦

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନକୁଳ ଚନ୍ଦ୍ର ଜେନା**
C.105, ଆକାଶଦ୍ୱୀପ ଆପାର୍ଟମେଣ୍ଟ, ଭୁବନେଶ୍ୱର
ଆବିର୍ଭାବ: ୦୨।୦୮।୧୯୩୮
ତିରୋଧାନ: ୨୦।୦୫।୨୦୧୪

**ଶୋକସନ୍ତପ୍ତ:**
ସ୍ତ୍ରୀ– ଲୋଭା, ପୁତ୍ର ଓ ପୁତ୍ରବଧୂ– ମନୋଜ ଓ ସୀମା, କନ୍ୟା– ଜ୍ୟୋତ୍ସ୍ନାମୟୀ, ଜ୍ୟୋତିର୍ମୟୀ (ଲିଲି), ଜାମାତା– ନରେନ୍ଦ୍ର, ନାତି– ରିକି, ନାତୁଣୀ– ରୀୟା, ମାମା, ଟୁପୁଲ ଓ ବନ୍ଧୁବର୍ଗ।
ଧ–୧୨୬୨୮



## ଅବ୍ୟବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟ

# ଷ୍ଟ୍ରେଚର୍‌, ହ୍ୱିଲ୍‌ଚେୟାର ଅଭାବ: ରୋଗୀ ହନ୍ତସନ୍ତ

ପାରଳାଖେମୁଣ୍ଡି, ୨୩ା୫(ସ୍ୱ.ପ୍ର.)



ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏଠାରେ ରୋଗୀଙ୍କ ପାଇଁ ହ୍ୱିଲ୍‌ଚେୟାର ଓ ଷ୍ଟ୍ରେଚର୍‌ ଅଭାବ ରହିଥିବା ରୋଗୀମାନେ ଅଭିଯୋଗ କରିଛନ୍ତି । ଜିଲାର ଆର୍‌.ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଲାଗଡ ପଞ୍ଚାୟତର ଗାବରାଗଡା ଗ୍ରାମର ଜଶବନ୍ତୀ କାର୍ଜି ଜଣେ ପ୍ରସୂତି ମହିଳା ହୋଇଥିବାବେଳେ ହ୍ୱିଲ୍‌ଚେୟାର ଏବଂ ଷ୍ଟ୍ରେଚର ଅଭାବରୁ ସେ ସିଡିରେ ଚଢି ତିନିମହଲାକୁ ଚାଲି ଚାଲି ଯିବା ଘଟଣା ନଜରକୁ ଆସିଛି । ଏହା ମୁଖ୍ୟ ଚିକିତ୍ସାଳୟ ହୋଇଥିବାରୁ ଜିଲାର ବିଭିନ୍ନ ଅଞ୍ଚଳରୁ ରୋଗୀ ଏଠାକୁ ଆସିଥାନ୍ତି । ମୁଖ୍ୟତଃ ଗଜପତି ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକେ ଏହି ଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି । ମୁଖ୍ୟ ଚିକିତ୍ସାଳୟରେ ମାତ୍ର ୨ରୁ ୩ଟି ହ୍ୱିଲ୍‌ଚେୟାର ଏବଂ ଅଳ୍ପକିଛି ଷ୍ଟ୍ରେଚର ରହିଛି । ଯାହାକି ନୂତନଭାବେ ହୋଇଥିବା ଶିଶୁ ଓ ପ୍ରସୂତି ବିଭାଗ କୋଠାଗୃହ ପାଇଁ ଏବଂ ପୁରାତନ କୋଠାରେ ରହିଥିବା ଅନ୍ୟ ବିଭାଗରେ ସେବା ଯୋଗାଇବା ଉଦ୍ଦେଶ୍ୟରେ ରଖାଯାଇଛି । ତେବେ ଏହା ଯଥେଷ୍ଟ ହେଉନଥିବାରୁ ରୋଗୀଙ୍କୁ ବାଧ ହୋଇ କାନ୍ଧରେ ବୁହାହୋଇ ନିଆଯାଉଥିବା ନଜରକୁ ଆସୁଛି । ଏହି ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ହଜାର ହଜାର ସଂଖ୍ୟାରେ ରୋଗୀ ଆସିଥାନ୍ତି । ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।
















## ପାରିବାରିକ ଅଶାନ୍ତିରୁ ମହିଳାଙ୍କ ଆତ୍ମହତ୍ୟା

କାଶିନଗର, ୨୩ା୫ (ଡି.ଏନ.ଏ.)

ଗଜପତି ଜିଲା କାଶିନଗର ଥାନା ଅନ୍ତର୍ଗତ ଧୋବାଜୟପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ହେମା ଧୋବା (୩୭)ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ହେମା ୨୦୦୨ରେ ଗୁଣପୁର ନିକଟସ୍ଥ ଗ୍ରାମରେ ନିଜ ମାମୁଙ୍କୁ ବିବାହ କରିଥିଲେ। ମାତ୍ର ବିବାହ ପରଠାରୁ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ହେମା ନିଜ ପିତାଙ୍କ ଘର ଧୋବାଜୟପୁରଠାରେ ରହିଆସୁଥିଲେ। ସେଠାରେ ଜଣଙ୍କ ସହ ପ୍ରେମ ସଂପର୍କ ଯୋଗୁ ସ୍ୱାମୀଙ୍କ ସହ ଝଗଡ଼ା ଲାଗିରହିଥିଲା। ସ୍ୱାମୀ ହେମାଙ୍କ ପରକୀୟା ପ୍ରୀତି ବିଷୟ ଜାଣିପାରି ତାଙ୍କୁ ଘରୁ ତଡ଼ିଦେଇଥିଲେ। ଏହି ଘଟଣାରେ ଅତିଷ୍ଠ ହୋଇ ହେମା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ୍ ସୂତ୍ରରୁ ପ୍ରକାଶ। କାଶିନଗର ପୋଲିସ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।











Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ